# ଗୋପବନ୍ଧୁଙ୍କ ଜୀବନୀ ଏକ ଜୀବନ୍ତ ଇତିହାସ




ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟ ଅତିଥିମାନେ।

### ଉତ୍କଳମଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ

ଭୁବନେଶ୍ୱର,୯।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ଲୋକସେବା ହିଁ ଥିଲା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଧର୍ମ। ଗୋପବନ୍ଧୁଙ୍କ ଜୀବନୀ ଏକ ଜୀବନ୍ତ ଇତିହାସ। ସତ୍ୟବାଦୀ ବନବିଦ୍ୟାଳୟରେ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ସେ ଯେଉଁ ସଂସ୍କାର ଆଣିଥିଲେ ତାହାର ପ୍ରସଙ୍ଗିକତା ଆଜି ମଧ୍ୟ ଅନୁଭୂତ ହୁଏ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ବୁଧବାର ସୂଚନା ଭବନଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଉତ୍କଳମଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଚସ୍ପତି କହିଲେ, ଓଡ଼ିଆ ସାହିତ୍ୟକୁ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ। ତାଙ୍କ ସୃଷ୍ଟି ସମ୍ଭାରର ଆଧାର ହେଲା ଜାତୀୟ ସଂସ୍କୃତିର ଅଭିବ୍ୟକ୍ତି। ତାଙ୍କ ଜୀବନ ଓ ଆଦର୍ଶ ଆଜିର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ସ୍ରୋତ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍‌ପ୍ରକାଶ ମିଶ୍ର କହିଲେ, ସତ୍ୟବାଦୀ ଯୁଗର ପ୍ରବର୍ତ୍ତକ ପଣ୍ଡିତ ଗୋପବନ୍ଧୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନଠାରୁ ଆରମ୍ଭ କରି ଭାରତର ସ୍ୱାଧୀନତା ସଂଗ୍ରାମ, ସ୍ୱଦେଶୀ ଆନ୍ଦୋଳନ, ଅସ୍ପୃଶ୍ୟତା ନିବାରଣ, ଶିକ୍ଷା, ସମ୍ପାଦନା ଓ ସାହିତ୍ୟ ଭଳି ପ୍ରତିଟି କ୍ଷେତ୍ରରେ ନିଜର ଅଲିଭା ସ୍ମୃତି ଛାଡ଼ି ଯାଇଛନ୍ତି। ଗୋପବନ୍ଧୁଙ୍କ ଜୀବନ କାହାଣୀ ଥିଲା ତ୍ୟାଗର ଅମଳିନ ମହାସ୍ରୋତ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଯୋଗଦେଇ କହିଲେ, ସାକ୍ଷୀଗୋପାଳର ବକୁଳ ଛୁରିଅନା କୁଞ୍ଜରେ ଯେଉଁ ମୁକ୍ତ ବିଦ୍ୟାଳୟ ଆରମ୍ଭ ହୋଇଥିଲା, ତାହା କେବଳ ଶିକ୍ଷା ନୁହେଁ ବରଂ ତାହାଥିଲା ସାଂସ୍କୃତିକ ଜାଗରଣର ପୀଠ। ତାଙ୍କ ଜୀବନ ଓଡ଼ିଆ ଜାତିର ଇତିହାସରେ ଗୋଟିଏ ମହିମାନ୍ୱିତ ଅଧ୍ୟାୟ। ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ, ସ୍ୱାଧୀନଚେତା ପଣ୍ଡିତ ଗୋପବନ୍ଧୁ ଥିଲେ ମାନବବାଦର ସର୍ବଶ୍ରେଷ୍ଠ ଅଗ୍ରଦୂତ। ଶିକ୍ଷାର ପ୍ରସାର ସହ ଆଧୁନିକ ସାମ୍ବାଦିକତାର ବୀଜ ବପନ କରିଥିଲେ ଗୋପବନ୍ଧୁ। ସାହିତ୍ୟ, ସଂସ୍କୃତିର ପ୍ରଚାର ପାଇଁ ସେ ବହୁ କାର୍ଯ୍ୟ କରିଯାଇଛନ୍ତି। ବିଭାଗର ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ସ୍ତ୍ରୀଙ୍କୁ ମାରି ମାଟି ତଳେ ପୋତିଦେଲେ ସ୍ୱାମୀ

### ଥାନାରେ ଅଭିଯୋଗ ଆଣିଲେ ଝିଅ

ପୋଲସରା,୯।୧୦
(ସୁବ୍ରତ ବେହେରା)

ଗଞ୍ଜାମ ଜିଲା ପୋଲସରା ଥାନା ଅର୍ନ୍ତଗତ ମନ୍ଦାର ଗ୍ରାମ ରତନେଇ ମନ୍ଦିର ନିକଟ ମାଲିଘାଇରୁ ଜଣେ ମହିଳାଙ୍କ ମୃତଦେହ ମାଟି ତଳୁ ପୋଲସରା ପୋଲିସ ଜବତ କରିଛି। ମନ୍ଦାର ଗ୍ରାମର ମା' ରଜନୀ ପାତ୍ରଙ୍କୁ ବାପା ପଞ୍ଚୁ ପାତ୍ର ମାରିଦେଇ ମାଟିତଳେ ପୋତିଦେଇଥିବା ନେଇ ଝିଅ ମିନୁ ରାଉଳ (୨୦) ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଏହାକୁ ଭିତ୍ତିକରି ନଂ.୫୮୦/୨୪ରେ ଏକ ମାମଲା ରୁଜୁ ହୋଇଛି। ବୁଧବାର ସକାଳୁ ସକାଳୁ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମାଟି ଭିତରୁ ରଜନୀଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ପଠାଇଛି। ଥାନା ଅଧିକାରୀ କୌଶିକ ମାଝି, ତହସିଲଦାର ରୁବି ବେହେରା, ଏସ୍ଆଇ ବିମଳ କହଁର ଓ ସାଇଣ୍ଟିଫିକ୍ ଟିମ ଘଟଣାର ଛାନ୍‌ଭିନ ଚଳାଇଛନ୍ତି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ କାରଣ ସ୍ପଷ୍ଟ ହେବ ବୋଲି ଥାନା ଅଧିକାରୀ ମାଝି କହିଛନ୍ତି।

# ଖଡ଼ିକାଠିରେ ନିର୍ମିତ ତୋରଣ




ସୋର, ୯।୧୦(ଜନ୍ମେଜୟ ମିଶ୍ର)

ଦୁର୍ଗାପୂଜା ନେଇ ଚଳଚଞ୍ଚଳ ହୋଇପଡିଛି ସାରା ରାଜ୍ୟ। ବିଭିନ୍ନ ପୂଜା ମଣ୍ଡପରେ ମେଢ଼ ଓ ମୂର୍ତ୍ତୀ ନିର୍ମାଣ କାର୍ଯ୍ୟ ଶେଷ ହୋଇଛି। ବିଭିନ୍ନ ପୂଜା ମଣ୍ଡପରେ ମେଢ ଓ ରଙ୍ଗବେରଙ୍ଗ ଆଲୋକରେ ସଜ୍ଜିତ କରାଯାଇଛି। ସୋର ମ୍ୟୁନିସିପାଲିଟି ଓ ବିଭିନ୍ନ ପଞ୍ଚାୟତରେ ମୋଟ ୨୫ଟି ପୂଜାମଣ୍ଡପରେ ଦୁର୍ଗାପୂଜା ହେଉଥିବା ଜଣାପଡିଛି। ସୋର ଥାନା ଛକ ସାର୍ବଜନୀନ ଦୁର୍ଗା ପୂଜା କମିଟି ତରଫରୁ ନିର୍ମାଣାଧୀନ ଦୁର୍ଗା ମୂର୍ତ୍ତୀ ଓ ତୋରଣ ବେଶ୍ ଆକର୍ଷଣୀୟ ହୋଇଛି। ଏଠାରେ ମେଢ଼, ତୋରଣ ଓ ମୂର୍ତ୍ତି ବଙ୍ଗୀୟ ଶିଳ୍ପୀଙ୍କ ଦ୍ୱାରା ନିର୍ମାଣ କରାଯାଇଛି। ଖଡ଼ିକାଠି, ଟେରାକୋଟା, ଖଜୁରୀପିଞ୍ଛ, ମାଟିରେ ନିର୍ମିତ ଫୁଲ ଚଇତିଘୋଡ଼ା, ହାତୀ ଓ ମାଟିରେ ତିଆରି ଦୀପ ମୂର୍ତ୍ତୀ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ଏହି କମିଟି ଦୀର୍ଘ ୨୧ ବର୍ଷ ଧରି ପୂଜା କରିଆସୁଛି। ପୂଜା କମିଟି ତରଫରୁ ପ୍ରତିବର୍ଷ ପରି ଚଳିତବର୍ଷ ଲଟେରି ଉଠାଣ କରାଯାଇ ଆକର୍ଷଣୀୟ ସ୍ୱଚ୍ଛତା ଭାବେ ପୁରସ୍କାର ବଣ୍ଟନ ହୋଇଛି। ପୂଜା କମିଟି ସଭାପତି ଭାବେ ଶିଶିର କୁମାର ଦାସ ଓ ସମ୍ପାଦକ ଭାବେ ପ୍ରଫୁଲ୍ଲ ପାତ୍ର ଓ ଅନ୍ୟ ସଦସ୍ୟମାନଙ୍କ ସହଯୋଗରେ ଦୀର୍ଘଦିନ ଧରି ପୂଜା ହୋଇଆସୁଛି।

# ନିରାପତ୍ତା ପ୍ରସଙ୍ଗରେ କୌଣସି ଅବହେଳା ବରଦାସ୍ତ କରାଯିବ ନାହିଁ: ଉନ୍ନୟନ କମିଶନର

ଭୁବନେଶ୍ୱର, ୯।୧୦(ସୁନିତ୍ ମିଶ୍ର)

ଅନୁସୂଚିତ ଜନଜାତି ଓ ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆବର୍ଗ କଲ୍ୟାଣ ବିଭାଗ ଦ୍ୱାରା ପରିଚାଳିତ ଆବାସିକ ବିଦ୍ୟାଳୟ ଓ ହଷ୍ଟେଲରେ ଅନ୍ତେବାସୀଙ୍କ ସୁରକ୍ଷା, ନିରାପତ୍ତା ବ୍ୟବସ୍ଥାକୁ ସୁନିଶ୍ଚିତ ଓ ସୁଦୃଢ଼ କରିବା ପ୍ରସଙ୍ଗରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ବୁଧବାର ଅନୁଷ୍ଠିତ ହୋଇଛି। ଲୋକସେବା ଭବନରେ ଉନ୍ନୟନ କମିଶନର ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆବାସିକ ବିଦ୍ୟାଳୟ ଓ ହଷ୍ଟେଲ ଅନ୍ତେବାସୀଙ୍କ ପାଇଁ ଉପଲବ୍ଧ ସୁବିଧା, ସେମାନଙ୍କର ସମସ୍ୟା ଏବଂ ସମାଧାନ, ସୁରକ୍ଷା ଓ ନିରାପତ୍ତା ପ୍ରସଙ୍ଗରେ ଥିବା ବ୍ୟବସ୍ଥା ସମ୍ପର୍କରେ ଅଧିକ ଉନ୍ନତି ପାଇଁ ମତ ଦେଇଥିଲେ। ଏହି ଅବସରରେ ଉନ୍ନୟନ କମିଶନର ବିଭିନ୍ନ ପ୍ରସଙ୍ଗରେ ନିର୍ଦ୍ଦେଶ ଓ ପରାମର୍ଶ ଦେଇ କହିଛନ୍ତି, ଛାତ୍ରୀଛାତ୍ରଙ୍କ ସୁରକ୍ଷା ଓ ନିରାପତ୍ତା ପ୍ରସଙ୍ଗରେ କୌଣସି ପ୍ରକାର ଅବହେଳାକୁ ପ୍ରଶ୍ରୟ ଦିଆଯିବ ନାହିଁ। ସେମାନଙ୍କ ପ୍ରତି ବିଭାଗ ସମେତ ବିଦ୍ୟାଳୟର ଶିକ୍ଷୟିତ୍ରୀ, ଶିକ୍ଷକ, ପ୍ରଧାନ ଶିକ୍ଷୟିତ୍ରୀ, ଶିକ୍ଷକ, ବିଦ୍ୟାଳୟସ୍ତରରେ ବିଭିନ୍ନ କମିଟି ତଥା ଅଭିଭାବକ ଧ୍ୟାନ ଦେବାକୁ ସେ ପରାମର୍ଶ ଦେଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ଏହି ବିଭାଗ ଅଧୀନରେ ୫୮୪୧ ଛାତ୍ରୀନିବାସ ଏବଂ ଛାତ୍ରାବାସ ଥିବା ବେଳେ ଏଥିରେ ପ୍ରାୟ ୫ ଲକ୍ଷ ୪୦ ହଜାର ଅନ୍ତେବାସୀ ରହୁଛନ୍ତି। ସେଥି ମଧ୍ୟରୁ ପ୍ରାୟ ୩ ଲକ୍ଷ ୪୦ ହଜାର ଅନ୍ତେବାସୀ ଏସ୍ଏସ୍ଇପିଡି ବିଭାଗ ଦ୍ୱାରା ପରିଚାଳିତ ବିଦ୍ୟାଳୟରେ ଅଧ୍ୟୟନ କରୁଥିବା ବେଳେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ଅଧୀନରେ ଥିବା ସ୍କୁଲରେ ପ୍ରାୟ ୧ ଲକ୍ଷ ୭୭ ହଜାର, ଅନ୍ୱେଷା ହଷ୍ଟେଲରେ ୨୨ ହଜାର ୩୪୦ ଓ ଆକାଂକ୍ଷା ହଷ୍ଟେଲରେ ୧୬୨୦ ଛାତ୍ରୀଛାତ୍ର ରହି ଅଧ୍ୟୟନ କରୁଛନ୍ତି। ବିଭିନ୍ନ ହଷ୍ଟେଲରେ ପ୍ରାୟ ୫୮% ଅନ୍ତେବାସୀ ବାଳିକା ହୋଇଥିବାରୁ ସେମାନଙ୍କ ସୁରକ୍ଷା ଓ ନିରାପତ୍ତା ପ୍ରମୁଖ ପ୍ରସଙ୍ଗ ରହିଛି।

# ଦାଦନ ଖଟିବାକୁ ଯାଇ କେରଳରେ ମହିଳାଙ୍କ ମୃତ୍ୟୁ

### ଦେଢ଼ବର୍ଷ ମଧ୍ୟରେ ରାଜ୍ୟ ବାହାରେ ଦାରିଙ୍ଗବାଡ଼ି ଅଞ୍ଚଳର ୧୫ ଜଣଙ୍କ ମୃତ୍ୟୁ ଘଟିଲାଣି

ଦାରିଙ୍ଗବାଡି,୯।୧୦(ଅରୁଣ ସାହୁ)

ନିଜ ଅଞ୍ଚଳରେ କାମ ନ ପାଇ ଦାଦନ ଖଟିବାକୁ ଯାଇ ଓଡ଼ିଶାର ଜଣେ ମହିଳାଙ୍କ କେରଳରେ ମୃତ୍ୟୁ ହୋଇଛି। ମୃତକ ହେଲେ କନ୍ଧମାଳ ଜିଲା ଦାରିଙ୍ଗବାଡି ବ୍ଲକ ଭ୍ରମରବାଡି ପଞ୍ଚାୟତ କେରୁବାଡି ଗ୍ରାମ ଶ୍ରାମବା ସାହିର ସସ୍ମିତା ନାୟକ ଓରଫ ରଞ୍ଜୁତା (୪୦)। ସେ ସେଠାରେ କାମ କରୁଥିବା ଅବସ୍ଥାରେ ଅସୁସ୍ଥ ହୋଇପଡ଼ିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ସୋମବାର ମୃତ୍ୟୁ ଘଟିଥିଲା।

ପ୍ରକାଶ ଯେ, ସ୍ୱାମୀ, ୨ଝିଅଙ୍କୁ ନେଇ ସସ୍ମିତାଙ୍କ ସଂସାର। ୨ ଝିଅଙ୍କ ମଧ୍ୟରୁ ଜଣେ ଦଶମ ଓ ଅନ୍ୟ ଜଣେ ପ୍ରାଥମିକ ବିଦ୍ୟାଳୟରେ ପଢୁଛନ୍ତି। ଗାଁରେ କାମ ନ ମିଳିବାରୁ ତାଙ୍କ ଆର୍ଥିକବସ୍ଥା ଖରାପ ହୋଇପଡିଲା। ୨ ଝିଅଙ୍କୁ ପାଠ ପଢାଇବା ସମ୍ଭବ ହୋଇ ନ ଥିଲା। ଏପରି ସ୍ଥିତିରେ ସେ ରାଜ୍ୟ ବାହାରକୁ ସ୍ୱାମୀ ସୁଶାନ୍ତ ନାୟକଙ୍କ ସହ କାମ ଖୋଜିବାକୁ ଯାଇ କେରଳରେ ପହଞ୍ଚିଥିଲେ। ସେଠାରେ ମାତ୍ର କିଛି ମାସ କାମ କରିବା ପରେ ଏଭଳି ଅଘଟଣ ଘଟିଛି। ସସ୍ମିତା ଅସୁସ୍ଥ ହୋଇପଡି ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି। ସୂଚନାଯୋଗ୍ୟ, ଗତ ଦେଢ଼ ବର୍ଷ ମଧ୍ୟରେ ଉକ୍ତ ଅଞ୍ଚଳରୁ ରାଜ୍ୟ ବାହାରେ ଦାଦନ ଖଟିବାକୁ ଯାଇ ପ୍ରାୟ ୧୫ ଜଣଙ୍କ ମୃତ୍ୟୁ ହେଲାଣି। ସେମାନଙ୍କ ମଧ୍ୟରୁ ଗତ ୨ ମାସ ମଧ୍ୟରେ ପ୍ରାୟ ୪ ଜଣଙ୍କ ରାଜ୍ୟ ବାହାରେ ବିଭିନ୍ନ କାରଣରୁ ମୃତ୍ୟୁ ହୋଇଛି। ଏହି ମୃତକମାନେ ଭ୍ରମରବାଡି, କେରୁବାଡି, ସୋନପୁର ଆଦି ଅଞ୍ଚଳର ବୋଲି ଜଣାପଡିଛି।

# ୪ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି,୯।୧୦
(ଦୁର୍ଯ୍ୟୋଧନ ପାତ୍ର)



ଛତିଶଗଡ଼ ଜଗଦଲପୁରରେ ୧ଲକ୍ଷ ଟଙ୍କା ପୁରସ୍କାର ଘୋଷିତ ମାଓବାଦୀଙ୍କ ସମେତ ୪ ଜଣ ବୁଧବାର ପୋଲିସ ନିକଟରେ ଆତ୍ମସମର୍ପଣ କରିଛନ୍ତି। ଏମାନେ ହେଲେ ଛୋଟା ପାଣ୍ଡୁ କାୱାସୀ, ମାନକୁ ରାମ କଶ୍ୟପ, କରିଆ ପୋୟାମ ଏବଂ ଫୁଲମତି ଗୀର୍ଜା। ବସ୍ତର ପୋଲିସ ଅଧୀକ୍ଷକ ଶଲଭ କୁମାର ସିହ୍ନା, ସିଆରପିଏଫ କମାଣ୍ଡାଣ୍ଟ ଜିତେନ୍ଦ୍ର କୁମାରଙ୍କ ନିକଟରେ ଏମାନେ ଆତ୍ମସମର୍ପଣ କରିଛନ୍ତି। ପୋଲିସଠାରୁ ମିଳିଥିବା ସୂଚନା ଅନୁଯାୟୀ, ମାଓବାଦୀ ଛୋଟା ପାଣ୍ଡୁ କାୱାସୀ ୨୦୧୪ରେ ସଂଗଠନରେ ଯୋଗଦେଇ ଥିବାବେଳେ ବର୍ତ୍ତମାନ କାଙ୍ଗେରଭେଲି କ୍ଷେତ୍ର କମିଟି ଅଧୀନରେ ଏଲଓଏସ୍ ସଦସ୍ୟ ଭାବେ କାର୍ଯ୍ୟ କରୁଥିବା ବେଳେ ତାଙ୍କ ନାମରେ ୧ଲକ୍ଷ ଟଙ୍କାର ପୁରସ୍କାର ରହିଥିଲା। ସଙ୍ଗଠନ ଭୁଶୁଡିବାରେ ଲାଗିଥିବା ବେଳେ ନିଜର ନୀତି ଆଦର୍ଶରୁ ଓହରି ଯାଇଥିବାରୁ ଏମାନେ ମାଓବାଦୀ ସଙ୍ଗଠନ ଛାଡି ଆତ୍ମସମର୍ପଣ କରି ସାଧାରଣ ଜୀବନଯାପନ କରିବାକୁ ନିଷ୍ପତ୍ତି ନେଇଥିବା ପ୍ରକାଶ କରିଛନ୍ତି। ସରକାରୀ ନୀତି ନିୟମ ଅନୁଯାୟୀ ସମସ୍ତଙ୍କୁ ଥଇଥାନ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଛି।

# କର୍ମକ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ

### ଆଜି ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ



ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଓ ବିଶ୍ୱ ମାନସିକ ସଂଘର ମିଳିତ ଆନୁକୂଲ୍ୟରେ ପ୍ରତିବର୍ଷ ଅକ୍ଟୋବର ୧୦ ତାରିଖରେ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ କରାଯାଇଥାଏ। ଏହି ଦିବସ ପାଳନର ପ୍ରମୁଖ ଲକ୍ଷ୍ୟ ହେଲା ବିଭିନ୍ନ ମାନସିକ ରୋଗର କାରଣ, ଲକ୍ଷଣ ଓ ନିରାକରଣ ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ବ୍ୟାପକ ସଚେତନତା ସୃଷ୍ଟି କରିବା। ଚଳିତ ବର୍ଷ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସର ଥିମ୍ ହେଉଛି 'କର୍ମକ୍ଷେତ୍ରରେ ମାନସିକ ସ୍ୱାସ୍ଥ୍ୟର ଗୁରୁତ୍ୱ'। ଏହା ଏକ ଗୁରୁତ୍ୱପୂର୍ଣ୍ଣ ବିଷୟ। ଉତ୍ତମ ସ୍ୱାସ୍ଥ୍ୟ ବିନା କୌଣସି ବି ଚାକିରିରେ ଠିକ୍ ଭାବେ କାର୍ଯ୍ୟ କରିବା ଅସମ୍ଭବ। ଉତ୍ତମ ସ୍ୱାସ୍ଥ୍ୟ କହିଲେ ଉଭୟ ମାନସିକ ଓ ଶାରୀରିକ ସୁସ୍ଥତାକୁ ବୁଝାଏ। ସାଂପ୍ରତିକ ଗବେଷଣାରୁ ଜଣାପଡ଼ିଛି ଯେ ଭାରତ ବର୍ଷରେ କାର୍ଯ୍ୟକ୍ଷେତ୍ରରେ ପ୍ରତି ପାଞ୍ଚଜଣ କର୍ମଚାରୀଙ୍କ ମଧ୍ୟରୁ ଜଣକଠାରେ ମାନସିକ ସମସ୍ୟା ଦେଖାଯାଉଛି। ଅନେକ ସଂସ୍ଥାରେ କର୍ମଚାରୀମାନଙ୍କ ଶାରୀରିକ ସ୍ୱାସ୍ଥ୍ୟ ପ୍ରତି ଧ୍ୟାନ ଦିଆଯାଉଥିଲେ ମଧ୍ୟ ମାନସିକ ସ୍ୱାସ୍ଥ୍ୟ ପ୍ରତି କମ୍ ଧ୍ୟାନ ଦିଆଯାଉଛି।

ଆଜିକାଲି ଅନେକ କର୍ମଚାରୀ ମାନସିକ ଚାପ(ଷ୍ଟ୍ରେସ୍)ର ଅଧିକ ଶିକାର ହେଉଛନ୍ତି। ପ୍ରାରମ୍ଭିକ ଅବସ୍ଥାରେ ମାନସିକ ଚାପ ଯୋଗୁ ମନ ଅସ୍ଥିର, ବ୍ୟସ୍ତ ଓ ବିଚଳିତ ରହେ, ଛୋଟ ଛୋଟ କଥାରେ ଚିଡ଼ିଚିଡ଼ା ଲାଗେ, ଠିକ୍‌ଭାବରେ କାର୍ଯ୍ୟକ୍ଷେତ୍ରରେ କୌଣସି ନିଷ୍ପତ୍ତି ନେଇ ହୁଏନାହିଁ ଏବଂ ସ୍ମରଣ ଶକ୍ତି ହ୍ରାସ ପାଇଥାଏ। କମ୍ କାମରେ ହାଲିଆ ଲାଗେ। ନିଦ କମିଯାଇଥାଏ। ଯାହାଫଳରେ ସେମାନଙ୍କ କାର୍ଯ୍ୟରେ ଏକାଗ୍ରତା ହ୍ରାସ ପାଏ ଓ କାର୍ଯ୍ୟଦକ୍ଷତା ଧୀରେ ଧୀରେ କମିଯାଏ। ଅଧିକ ଦିନ ପର୍ଯ୍ୟନ୍ତ ମାନସିକ ଚାପ ଲାଗି ରହିଲେ ନାନା ପ୍ରକାରର ମାନସିକ ସମସ୍ୟା ମୁଖ୍ୟତଃ ଅବସାଦ (ଡିପ୍ରେସନ),ଏଙ୍ଗ୍‌ଜାଇଟି ରୋଗ ଓ ଅନିଦ୍ରା ରୋଗ ଆଦି ଦେଖାଯାଇଥାଏ। ଏହାଛଡ଼ା ବିଭିନ୍ନ ପ୍ରକାରର ଶାରୀରିକ ସମସ୍ୟା ଯଥା ଉଚ୍ଚ ରକ୍ତଚାପ, ହୃଦ୍‌ରୋଗ, ମୁଣ୍ଡବିନ୍ଧା ଓ ହଜମ ଶକ୍ତି ହ୍ରାସ ଆଦି ଆରମ୍ଭ ହୋଇପାରେ। କେତେକ ବ୍ୟକ୍ତି ଏସବୁ ମାନସିକ ସମସ୍ୟାରୁ ନିଜକୁ ଦୂରେଇ ରଖିବା ପାଇଁ ମଦ ଓ ସିଗାରେଟ ଆଦି ନିଶାସେବନ ଆରମ୍ଭ କରିଦିଅନ୍ତି, ଯାହାଦ୍ୱାରା ମାନସିକ ସମସ୍ୟା ଓଲଟା ଆହୁରି ବଢ଼ିଯାଏ। ଚାକିରି କରିଥିବା ଅନେକ ବ୍ୟକ୍ତିଙ୍କୁ ଏସବୁ ମାନସିକ ସମସ୍ୟା ଯୋଗୁ କାମରୁ ଛଟେଇ ହେବାକୁ ପଡିଥାଏ। ବେଳେବେଳେ କେତେକ ବ୍ୟକ୍ତି ମାନସିକ ଚାପର ମୁକାବିଲା କରି ନ ପାରି ଆତ୍ମହତ୍ୟା ମଧ୍ୟ କରିଥାନ୍ତି।

ପ୍ରତି କର୍ମଚାରୀ ମାନସିକ ଭାବେ ସୁସ୍ଥ ରହିବା ପାଇଁ କେତେକ ନିର୍ଦ୍ଦିଷ୍ଟ ଉପାୟ ଅନୁସରଣ କରନ୍ତୁ। ସବୁବେଳେ ସୁସ୍ଥ ଜୀବନଶୈଳୀ ଅବଲମ୍ବନ କରନ୍ତୁ। ପ୍ରତିଦିନ ଅତି କମ୍‌ରେ ଦିନକୁ ୬ରୁ ୮ ଘଣ୍ଟା ଶୁଅନ୍ତୁ। ଦିନକୁ ୩୦ ରୁ ୪୫ ମିନିଟ୍ ବ୍ୟାୟାମ ଓ ଯୋଗାଭ୍ୟାସ କରନ୍ତୁ। ଏହାଦ୍ୱାରା ମସ୍ତିଷ୍କକୁ ରକ୍ତ ସଂଚାଳନ ବଢିଥାଏ, ଯାହା ମାନସିକ ଚାପ କମାଇବାରେ ସାହାଯ୍ୟ କରିଥାଏ। ସୁଷମ ଓ ପୁଷ୍ଟିକର ଖାଦ୍ୟ ଖାଆନ୍ତୁ। ସମସ୍ତ ନିଶାଦ୍ରବ୍ୟଠାରୁ ଦୂରେଇ ରୁହନ୍ତୁ। ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ପାଳନ ଅବସରରେ ମାନସିକ ସମସ୍ୟାଗୁଡିକ ସମ୍ବନ୍ଧରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଜାଣିବା ଜରୁରୀ। ମସ୍ତିଷ୍କରେ ଥିବା କେତେକ ନିର୍ଦ୍ଦିଷ୍ଟ ରାସାୟନିକ ପଦାର୍ଥ (ନିଉରୋଟ୍ରାନ୍ସମିଟର)ର ଅସନ୍ତୁଳନ ଯୋଗୁ ମାନସିକ ରୋଗ ଦେଖାଦେଇଥାଏ। ଜିନ୍‌ଗତ କାରଣ, ସାମାଜିକ କିମ୍ବା ପରିପାର୍ଶ୍ୱିକ ଚାପ କାରଣରୁ ଏହି ରାସାୟନିକ ଅସନ୍ତୁଳନ ଘଟିପାରେ। ଅନେକ ଲୋକଙ୍କ କ୍ଷେତ୍ରରେ ଏହି ରୋଗ ବଂଶାନୁଗତିକ ହୋଇଥାଏ। ଅନେକଙ୍କଠାରେ ନିଶାସେବନ ମାନସିକ ରୋଗ ଆରମ୍ଭ ହୋଇପାରେ।

ପ୍ରାରମ୍ଭିକ ଅବସ୍ଥାରେ ଲୋକେ ମାନସିକ ରୋଗଗୁଡିକର ଲକ୍ଷଣକୁ ଚିହ୍ନିବାରେ ସାଧାରଣତଃ ବିଳମ୍ବ କରିଥାଆନ୍ତି। କେତେଜଣ ମାନସିକ ସମସ୍ୟାଗୁଡ଼ିକୁ କୌଣସି ରୋଗର ଲକ୍ଷଣ ବୋଲି ନ ମାନି, ରୋଗୀକୁ ଗୁଣିଆ ପାଖକୁ ନେଇ ଅଯଥା ସମୟ ନଷ୍ଟ କରିଥାନ୍ତି। ମନେରଖନ୍ତୁ, କୌଣସି ମାନସିକ ସମସ୍ୟା ଦେଖାଦେଲେ ଆଦୌ ଅବହେଳା କରନ୍ତୁନାହିଁ। ବିନା ସଙ୍କୋଚରେ ମାନସିକ ରୋଗ ବିଶେଷଜ୍ଞଙ୍କୁ ପରାମର୍ଶ କରନ୍ତୁ।

**-ଡା. ସତ୍ୟକାମ ମହାପାତ୍ର,**
ମାନସିକ ରୋଗ ବିଶେଷଜ୍ଞ, କଟକ
ମୋ : ୮୮୯୫୨୯୩୯୯୭

# ଆଭ୍ୟନ୍ତରୀଣ ଜିଲାରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର,୯।୧୦
(ଅନୁରାଧା ମହାରଣା)

ରାଜ୍ୟରେ ବର୍ତ୍ତମାନ କୌଣସି ନିର୍ଦ୍ଦିଷ୍ଟ ପାଣିପାଗ ନିୟାମକ ସକ୍ରିୟ ନାହିଁ। ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗୁରୁଚାପ ପ୍ରଭାବରେ ରାଜ୍ୟକୁ ପୂର୍ବ ଦିଗରୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଛି। ଏହା ଉତ୍ତର ପଶ୍ଚିମ ଦିଗରୁ ପ୍ରବେଶ କରୁଥିବା ଶୁଷ୍କ ବାୟୁ ଓ ଉତ୍ତପ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସି ରାଜ୍ୟର ଉତ୍ତର ଆଭ୍ୟନ୍ତରୀଣ ଜିଲାରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ସୃଷ୍ଟି କରୁଛି। ଗୁରୁବାର ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଆଦି ଜିଲାର କିଛି ସ୍ଥାନରେ ବର୍ଷା ହେବା ନେଇ ଆଞ୍ଚଳିକ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ଅନ୍ୟପଟେ ୯ ଜିଲାକୁ ବିଜୁଳି ଓ ଘଡ଼ଘଡ଼ି ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ୧୩ ଥାନାରେ ନାହିଁ ସିସିଟିଭି

### ହାଇକୋର୍ଟରେ ସତ୍ୟପାଠ ଦାଖଲ

୧୫ ଦିନରେ କାର୍ଯ୍ୟକ୍ଷମ ହେବ ଭିଡିଓ ମ୍ୟାନେଜମେଣ୍ଟ ସିଷ୍ଟମ୍

କଟକ,୯।୧୦(କାର୍ତ୍ତିକ ସାହୁ)

ଭୁବନେଶ୍ୱରର ଭରତପୁର ଥାନା ଘଟଣା ପରେ ରାଜ୍ୟର ସବୁ ଥାନାରେ ସିସିଟିଭି କ୍ୟାମେରା ଲଗାଇବା, ଥାନାକୁ ଆସୁଥିବା ଲୋକଙ୍କ ଉତ୍ତମ ବ୍ୟବହାର ପ୍ରଦର୍ଶନ ଆଦି ବହୁ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗକୁ ନେଇ ହାଇକୋର୍ଟରେ ଆଗତ ମାମଲାର ଶୁଣାଣି ମଙ୍ଗଳବାର ହୋଇଛି। ପୂର୍ବତନ ଏଡିଜି (ଆଧୁନିକୀକରଣ) ଦୟାଳ ଗାଙ୍ଗୁଆର୍ ହାଇକୋର୍ଟରେ ହାଜର ହୋଇ ରାଜ୍ୟର ସବୁ ଥାନାରେ ସିସିଟିଭି କ୍ୟାମେରା ଲଗାଇବା ସମ୍ପର୍କିତ ସତ୍ୟପାଠ ଦାଖଲ କରିଥିଲେ। ରାଜ୍ୟର ୧୩ଟି ଥାନାକୁ ବାଦ୍ ଦେଇ ଅନ୍ୟ ସମସ୍ତ ଥାନାରେ ସିସିଟିଭି କାର୍ଯ୍ୟ କରୁଛି। ଆସନ୍ତା ୧୫ଦିନ ମଧ୍ୟରେ ଏହି ସବୁ ଥାନାରେ ସିସିଟିଭି କାର୍ଯ୍ୟକାରୀ କରାଯିବ ବୋଲି ଏଡିଜି କୋର୍ଟରେ ତଥ୍ୟ ରଖିଛନ୍ତି। ହାଇକୋର୍ଟର ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂହ ଓ ବିଚାରପତି ସାବିତ୍ରୀ ରଥଙ୍କ ଖଣ୍ଡପୀଠରେ ଏହି ମାମଲାର ଶୁଣାଣି ହୋଇଥିବାବେଳେ ପରବର୍ତ୍ତୀ ଶୁଣାଣି ଆସନ୍ତା ନଭେମ୍ବର ୧୨କୁ ଧାର୍ଯ୍ୟ ହୋଇଛି।

ଏଡିଜି ଦାଖଲ କରିଥିବା ସତ୍ୟପାଠ ଅନୁଯାୟୀ, ପୋଲିସ ବିଭାଗ ପକ୍ଷରୁ ଭିଡିଓ ମ୍ୟାନେଜମେଣ୍ଟ ସିଷ୍ଟମ ପ୍ରସ୍ତୁତ କରାଯାଉଛି, ଯାହା ଆଗାମୀ ୧୫ଦିନ ମଧ୍ୟରେ କାର୍ଯ୍ୟକ୍ଷମ ହେବ। ଏହା ପ୍ରତି ଜିଲାର ଏସ୍‌ପିଙ୍କ କାର୍ଯ୍ୟାଳୟରେ ସ୍ଥାପନ କରାଯିବ। ଏସ୍‌ପି ଚାହିଁଲେ ତାଙ୍କ ଜିଲାର କେଉଁ ପୋଲିସ ଷ୍ଟେଶନରେ ସିସିଟିଭି କାମ କରୁନାହିଁ ତାହା ଜାଣିପାରିବେ। ଦ୍ୱିତୀୟରେ ଅତ୍ୟାଧୁନିକ ଜ୍ଞାନକୌଶଳରେ ସେଣ୍ଟ୍ରାଲ କଣ୍ଟ୍ରୋଲ ରୁମ୍ ମନିଟରିଂ ସିଷ୍ଟମ କରାଯାଉଛି, ଯାହା ପୋଲିସ ଡିଜିଙ୍କ କାର୍ଯ୍ୟାଳୟରେ ରହିବ। ଏହାଦ୍ୱାରା କେଉଁ ଥାନାରେ ସିସିଟିଭି କାମ କରୁନାହିଁ ତାହା ଡିଜି ଜାଣିପାରିବେ। ସୁପ୍ରିମକୋର୍ଟର ବିଚାରପତି ପରମଜିତ୍ ସିଂହଙ୍କ ପ୍ରଦତ୍ତ ରାୟ ଅନୁସାରେ ୨୦୨୭ ସୁଦ୍ଧା ସମସ୍ତ ଥାନାରେ ଶିଶୁ ଓ ମହିଳା ଡେସ୍କ କରାଯିବ। ଲୋକେ ଥାନାକୁ ଯିବା ପାଇଁ ଭୟଭୀତ ହେଉଛନ୍ତି, ସେଥିପାଇଁ ପୋଲିସ ନିଜ ଆଚରଣରେ ପରିବର୍ତ୍ତନ ଆଣିବ। ଆଉ ଏକ ଅତ୍ୟାଧୁନିକ ବ୍ୟବସ୍ଥା ଅନୁଯାୟୀ ପୋଲିସ ବିଭାଗରେ ନେଟ୍‌ୱର୍କ ଭିଡିଓ ରେକର୍ଡିଂ(ଏନ୍‌ଭିଆର୍) ସିଷ୍ଟମ କରାଯାଇଛି। ଏହି ବ୍ୟବସ୍ଥା ପ୍ରତି ଥାନାରେ ଉପଲବ୍ଧ ହେବ। ଏହାଦ୍ୱାରା ଥାନାରେ ଘଟୁଥିବା କାର୍ଯ୍ୟକଳାପର ସିସିଟିଭି ରେକର୍ଡିଂ ବର୍ଷେ ପର୍ଯ୍ୟନ୍ତ ସଂରକ୍ଷିତ ହୋଇରହିବ। ହାଇକୋର୍ଟ ଏହି ରେକର୍ଡିଂକୁ ଡିଜିପିଙ୍କ କାର୍ଯ୍ୟାଳୟକୁ ହସ୍ତାନ୍ତର କରିବାକୁ ପରାମର୍ଶ ଦେଇଛନ୍ତି।

ସେହିପରି ଆର୍ମଡ୍ ପର୍ସନେଲଙ୍କୁ କିଭଳି ଭାବରେ ପୋଲିସ ବ୍ୟବହାର ପ୍ରଦର୍ଶନ କରିବ ସେନେଇ ଏକ ଏସ୍‌ଓପି ପ୍ରସ୍ତୁତ କରିବାକୁ ହାଇକୋର୍ଟ ପୂର୍ବରୁ ନିର୍ଦ୍ଦେଶ ଦେଇଥିଲେ। ରାଜ୍ୟ ସରକାର ଏନେଇ ଏସ୍‌ଓପି ପ୍ରସ୍ତୁତ କରୁଥିବା ହାଇକୋର୍ଟଙ୍କୁ ଦର୍ଶାଇଛନ୍ତି। ପ୍ରଚଳନ ହେବାକୁ ଥିବା ନୂତନ ବ୍ୟବସ୍ଥାଗୁଡ଼ିକର ସତ୍ୟପାଠକୁ ନେଇ ହାଇକୋର୍ଟ ରାଜ୍ୟ ସରକାରଙ୍କୁ ପ୍ରଶଂସା କରିଛନ୍ତି। ସୂଚନାଯୋଗ୍ୟ, ଭରତପୁର ଥାନାରେ ଆର୍ମି ଅଫିସର-ପୋଲିସ ବିବାଦ ପରେ ଉକ୍ତ ଥାନାରେ ସିସିଟିଭି କ୍ୟାମେରା କାର୍ଯ୍ୟକ୍ଷମ ନ ଥିବା ଜଣାପଡ଼ିଥିଲା। ଉକ୍ତ ଘଟଣାକୁ କେନ୍ଦ୍ର କରି ହାଇକୋର୍ଟ ନିଜ ଆଡୁ ମାମଲା ରୁଜୁ କରିଥିଲେ। ଆମିକସ୍ କ୍ୟୁରି ଭାବେ ଆଇନଜୀବୀ ଗୌତମ ମିଶ୍ର ଦାୟିତ୍ୱ ତୁଲାଉଛନ୍ତି।



## ସଂକ୍ଷେପରେ

### ଖଇରକାଠ ବୋଝେଇ ପିକ୍‌ଅପ୍ ଭ୍ୟାନ୍ ଜବତ: ଡ୍ରାଇଭର ଫେରାର



**କଣ୍ଟାବାଞ୍ଜି,୯।୧୦(ଗୁରୁ ଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ଫରେଷ୍ଟ ରେଞ୍ଜ ଅଧୀନ ବେଲପଡା ଥାନା ସଲଣ୍ଡି ଗ୍ରାମ ନିକଟରେ ବୁଧବାର ଭୋର ସମୟରେ ବନ ବିଭାଗ କର୍ମଚାରୀମାନେ ଚଢାଉ କରି ଏକ ଖଇର କାଠ ବୋଝେଇ ପିକ୍‌ଅପ୍ ଭ୍ୟାନ ଜବତ କରିଛନ୍ତି। ପ୍ରକାଶ ଯେ, ସଲଣ୍ଡି ଗ୍ରାମ ନିକଟରୁ ଲକ୍ଷାଧିକ ଟଙ୍କାର ଖଇର କାଠ ଏକ ପିକ୍‌ଅପ୍ ଭ୍ୟାନ (ନଂ. ଓ.ଆର.୧୭ଇ-୨୦୦୧)ରେ ବୋଝେଇ ହୋଇ ଚୋରା ଚାଲାଣ ହେଉଥିବାର ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବିଭାଗୀୟ କର୍ମଚାରୀମାନେ ଚଢାଉ କରିଥିଲେ। ଚଢାଉ ବେଳେ ଡ୍ରାଇଭର ଭ୍ୟାନ୍ ଛାଡି ଜଙ୍ଗଲକୁ ଫେରାର ମାରିଥିଲେ। ଏ ନେଇ କଣ୍ଟାବାଞ୍ଜି ବନ ବିଭାଗ ପକ୍ଷରୁ ନଂ ୪/୯ରେ ଏକ ମାମଲା ରୁଜୁ ହୋଇ ତଦନ୍ତ ଚାଲିଛି। ଚଢାଉରେ ରେଞ୍ଜ ଅଫିସର ସିଦ୍ଧାର୍ଥ ସାହୁ, ଲର୍କି ଫରେଷ୍ଟର ସୁନିଲ ଛତ୍ରିଆ, ବନରକ୍ଷୀ ଜାହ୍ନବୀ ବେହେରା, ପ୍ରଦିପ ମାଝି, ପରମା ମାଝି ସାମିଲ ଥିଲେ।

# ଟ୍ରାଫିକ୍ ନିୟନ୍ତ୍ରଣ, ଶାନ୍ତିଶୃଙ୍ଖଳା ଉପରେ ଗୁରୁତ୍ୱ

**ବଲାଙ୍ଗୀର,୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀର ଏସ୍‌ପି ଋଷିକେଶ ଡି ଖିଲାରୀ ଖବରଦାତା ସମ୍ମିଳନୀରେ ସୂଚନା ଦେଉଛନ୍ତି।

**ଦୁର୍ଗା ପୂଜା ପାଇଁ ବଲାଙ୍ଗୀର ପୋଲିସର ବ୍ୟାପକ ପ୍ରସ୍ତୁତି**

- ଏଥର ୨୩ ସ୍ଥାନରେ ଦୁର୍ଗାପୂଜା
- ବଲାଙ୍ଗୀର ସହରରେ ପୋଲିସର ଫ୍ଲାଗମାର୍ଚ୍ଚ
- ଖବରଦାତା ସମ୍ମିଳନୀ କରି ବଲାଙ୍ଗୀର ଏସ୍‌ପି ଦେଲେ ସୂଚନା

ବଲାଙ୍ଗୀର ସହରରେ ଦୁର୍ଗା ପୂଜାକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ପୋଲିସ ବିଭାଗ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିବା ଏସ୍‌ପି ଋଷିକେଶ ଡି. ଖିଲାରୀ ବୁଧବାର ରିଜର୍ଭ ପୋଲିସ ପଡିଆରେ ଏକ ଖବରଦାତା ସମ୍ମିଳନୀ କରି ସୂଚନା ଦେଇଛନ୍ତି। ଚଳିତବର୍ଷ ବଲାଙ୍ଗୀର ସହରରେ ୨୩ଟି ସ୍ଥାନରେ ଦୁର୍ଗା ପୂଜା ଅନୁଷ୍ଠିତ ହେଉଛି। ସମସ୍ତ ଦୁର୍ଗାପୂଜା ମଣ୍ଡପରେ କିଭଳି ଶ୍ରଦ୍ଧାଳୁମାନେ ସୁରୁଖୁରୁରେ ମା'ଙ୍କୁ ଦର୍ଶନ କରିପାରିବେ ଏବଂ ବିଭିନ୍ନ କାର୍ଯ୍ୟକ୍ରମ ସହ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ ସେନେଇ ପୋଲିସ ବିଭାଗ ପକ୍ଷରୁ ନିର୍ଦ୍ଦେଶନାମା ଜାରି କରାଯାଇଛି। ପାର୍ବଣ ସମୟରେ ୨୭ ପୋଲିସ ଅଧିକାରୀ, ୨୦୦ ଜଣ ହୋମଗାର୍ଡ ମୁତୟନ କରାଯାଇଛି। ସହରରେ ଭିଡ ନିୟନ୍ତ୍ରଣ ପାଇଁ ଟ୍ରାଫିକ ସୁବ୍ୟବସ୍ଥା ସକାଶେ ସହରର କେତେକ ରାସ୍ତାକୁ ୱାନୱେ କରାଯାଇଛି। ସହରର ୪ଟି ପ୍ରବେଶ ପଥ ଏବଂ ଅନ୍ୟ କେତେକ ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ନାକା କରାଯାଇଛି। ଏହାସହିତ ସାଧା ପୋଷାକରେ କେତେଜଣ ପୋଲିସ ଅଧିକାରୀଙ୍କୁ ମୁତୟନ କରାଯାଇଛି। ସେମାନେ ଅସାମାଜିକ ବ୍ୟକ୍ତିଙ୍କ ସହ ଚୋର ଓ ଡକାୟତଙ୍କ ଉପରେ ନଜର ରଖିବେ। ଏହାସହିତ ଦ୍ରୁତ ଗତିରେ ଗାଡି ଚଳାଉଥିବା ଚାଳକଙ୍କ ବିରୋଧରେ କଡା ପଦକ୍ଷେପ ନିଆଯିବ। ମଦ୍ୟପ ଓ ନିଶାଖୋର ଡ୍ରାଇଭରଙ୍କ ଉପରେ ମଧ୍ୟ ନିଘା ରଖିବା ପାଇଁ ବ୍ୟବସ୍ଥା ହୋଇଛି। ଟ୍ରାଫିକ ନିୟମ ଭଙ୍ଗ କଲେ ସିଧାସଳଖ ଗାଡି ଜବତ କରିବା ସହ ମାମଲା ରୁଜୁ କରିବାକୁ ଏସ୍‌ପି ଖିଲାରୀ ନିର୍ଦ୍ଦେଶ ଦେଇଛନ୍ତି। ଶାନ୍ତିଭଙ୍ଗ କରିବାକୁ ଥିବା ଲୋକଙ୍କ ଉପରେ ନଜର ରଖିବା ପାଇଁ ସହରର ବିଭିନ୍ନ ସ୍ଥାନରେ ଏବଂ ଦୁର୍ଗା ପୂଜା ମଣ୍ଡପରେ ସିସି ଟିଭି ବ୍ୟବସ୍ଥା କରାଯାଇଥିବା ସୂଚନା ଦେଇଥିଲେ। ପାର୍ବଣକୁ ଶାନ୍ତିଶୃଙ୍ଖଳାର ସହ ପରିଚାଳନା କରିବା ପାଇଁ ଏସ୍‌ପି ଖିଲାରୀ ଜନସାଧାରଣଙ୍କୁ ଟ୍ରାଫିକ ନିୟମ ମାନିବା, ଡିଜେ ପାଇଁ ନିର୍ଦ୍ଧାରିତ ଶବ୍ଦ ସୂଚୀକୁ ମାନିବା ଏବଂ ପୂଜା ମଣ୍ଡପକୁ ଆସୁଥିବା ବେଳେ ନିଜ ମୋବାଇଲ ଫୋନ୍, ମନିପର୍ସ, ଗହଣା ଏବଂ ଛୋଟ ଛୁଆଙ୍କ ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଇ ସତର୍କ ରହିବାକୁ ଅନୁରୋଧ କରିଛନ୍ତି। ବାଇକ୍ ପାଟ୍ରୋଲିଂ ଟିମ୍‌କୁ ମଧ୍ୟ ନିୟୋଜିତ କରି ସହରରେ ଶାନ୍ତିଶୃଙ୍ଖଳାର ସହ ପୂଜା ପରିଚାଳାନା ଉପରେ ଗୁରୁତ୍ୱ ଦେବାକୁ ସମସ୍ତ କମିଟି ଓ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି। ସନ୍ଧ୍ୟାରେ ବଲାଙ୍ଗୀର ସହରରେ ପୋଲିସ ଫ୍ଲାଗମାର୍ଚ୍ଚ କରିଛି। ଆଡିସନାଲ ଏସ୍‌ପି ହେମନ୍ତ କୁମାର ପାଢ଼ୀ, ଏଏସପି ଅମ୍ରିତପାଲ କୌର, ଏସଡିପିଓ ପ୍ରଦୀପ କୁମାର ସାହୁ, ଟାଉନ୍ ଥାନା ଆଇଆଇସି ଅବନୀ ସାହୁ ଓ ଅନ୍ୟ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ।

## ମା' ପାଟଖଣ୍ଡା ଯାତ୍ରା ପାଇଁ ପ୍ରସ୍ତୁତି ଚୂଡ଼ାନ୍ତ

**ଦେଓଗାଁ,୯।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

**ପାଟସିନ୍ଦୂର ବରଣ ପରେ ୧୨ରେ ଯାତ୍ରା ଆରମ୍ଭ**

ବଲାଙ୍ଗୀର ଜିଲା ଦେଓଗାଁ ବ୍ଲକ ଅନ୍ତର୍ଗତ ଜରାସିଂହାଠାରେ ଜିଲାର ଐତିହାସିକ ମା' ପାଟଖଣ୍ଡାଙ୍କ ପ୍ରସିଦ୍ଧ ଯାତ୍ରା ପାଇଁ ପ୍ରସ୍ତୁତି ଚୂଡାନ୍ତରେ ପହଞ୍ଚିଛି। ସ୍ଥାନୀୟ ବ୍ରଜେନ୍ଦ୍ର ନାରାୟଣ ଆଥେଲେଟିକ ଆସୋସିଏସନ ଓ ଗ୍ରାମ୍ୟ ଉନ୍ନୟନ କମିଟିର ମିଳିତ ସହଯୋଗରେ ହେଉଥିବା ଏହି ଯାତ୍ରାରେ ରୀତିନୀତି ଅନୁଯାୟୀ ଷୋହଳ ପୂଜା ଚାଲିଛି। ତେବେ ଚଳିତବର୍ଷ ୧୧ତାରିଖରେ ମହାନବମୀ ତିଥିରେ ପାଟଣାଗଡରୁ ଏକ ନିର୍ଦ୍ଦିଷ୍ଟ ପଥ ଦେଇ ଅଣାଯାଉଥିବା ପାଟସିନ୍ଦୁରକୁ ବରଣ କରାଯିବ। ଏହାଛଡା ଖଣ୍ଡାସ୍ନାନ କରାଯାଇ ଅହୋରାତ୍ର ପୂଜା ପରେ ୧୨ତାରିଖ ଅପରାହ୍ନ ୫ଟାରେ ଜରାସିଂହା-ସାଲେପାଲି ନିକଟସ୍ଥ ଦେଝାର ଜଙ୍ଗଲରୁ ପାଟଖଣ୍ଡା ଦେବୀଙ୍କ ଆର୍ବିର୍ଭାବ ହେବ। ଏହି ଅବସରରେ ପୀଠରେ ଯାତ୍ରା ଅନୁଷ୍ଠିତ ହେବ। ୧୩ତାରିଖ ରବିବାର ଉଛବାହାଲି ମହାଖଳା ଯାତ୍ରା ଓ ବଅରାପିଟାକୁ ଆଗମନ, ୧୪ ତାରିଖ ସୋମବାର ଲିଙ୍ଗାବରଣ ପୂଜା ଓ ସନ୍ଧିପୂଜା, ୧୫ତାରିଖରେ ବଅରାପିଟାରୁ ନିଶିଗୁଡିକୁ ଦେବତାଙ୍କ ଆଗମନ ଓ ରାତିରେ ନିଶିଗୁଡି ଯାତ୍ରା ହେବ। ୧୬ତାରିଖ ବୁଧବାର ଅପରାହ୍ନ ୩ଟା୫୫ ମିନିଟରେ ବାହୁଡା ବିଜୟ ଯାତ୍ରା ଅନୁଷ୍ଠିତ ହେବ ବୋଲି ଆୟୋଜକଙ୍କ ସୂତ୍ରରୁ ପ୍ରକାଶ ।

## ବେଟୀ ବଚାଓ, ବେଟୀ ପଢ଼ାଓ କାର୍ଯ୍ୟକ୍ରମ



ଛାତ୍ରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଉଛନ୍ତି ସିଡିପିଓ।

**ଲୋଇସିଂହା,୯।୧୦(ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ସମନ୍ୱିତ ଶିଶୁ ବିକାଶ ପ୍ରକଳ୍ପ ସଭାଗୃହରେ ସ୍ଥାନୀୟ ବାଳିକା ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନଙ୍କୁ ନେଇ ବେଟି ବଚାଓ, ବେଟି ପଢାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ଗାୟତ୍ରୀ ବାରିକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଡିଓ ଅକ୍ଷୟପାଣି ଉଦ୍ଗୁ, ଅତିରିକ୍ତ ଶିକ୍ଷା ଅଧିକାରୀ ଟଙ୍କଧର ଭୋଇ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଅତିଥିମାନେ କହିଥିଲେ ଜଣେ ଝିଅ ଭଲ ପାଠପଢିଲେ ଭଲ ଭବିଷ୍ୟତ ନିର୍ଦ୍ଧାରଣ କରିବାରେ ସହାୟକ ହେବ। ଝିଅମାନେ କିପରି ସମାଜରେ ସୁରକ୍ଷିତ ରହିବେ,ବାଲ୍ୟ ବିବାହ କରିବେନି, ଶିଶୁ ଶ୍ରମିକ ଭାବେ କେଉଠି କାର୍ଯ୍ୟ କରିବେ ନାହିଁ, ନିର୍ଯାତନା ପାଇବେ ନାହିଁ ସେଥିପ୍ରତି ଗୁରୁତ୍ୱ ଦେବାକୁ ଅତିଥିମାନେ ପରାମର୍ଶ ଦେଇଥିଷଲ। ଏହାଛଡା ସେମାନଙ୍କ ସ୍ୱାସ୍ଥ୍ୟ ଭଲ ରହିଲେ ସୁସ୍ଥ ସମାଜ ଗଠନ ହୋଇପାରିବ। ଏଥିପାଇଁ ଉତ୍ତମ ଖାଦ୍ୟ ଖାଇବା ସହ ପୋଷଣକୁ ଅଧିକ ଗୁରତ୍ୱ ଦେବାକୁ ପରାମର୍ଶ ଦିଆଯାଇଥିଲା। ଆଜିକାଲି ଝିଅଙ୍କୁ ସବୁକ୍ଷେତ୍ରରେ ସରକାର ଅଗ୍ରାଧିକାର ଦେଉଛନ୍ତି। ଏହାସହ ବିଭିନ୍ନ ସରକାରୀ ଯୋଜନାରେ ସାମିଲ କରାଯାଉଛି। ବିଭିନ୍ନ ଚାକିରୀରେ ଝିଅମାନେ ସାମିଲ ହେଲେଣି। ଭୃଣହତ୍ୟା ଆଇନ ଅନୁଯାୟୀ ଅପରାଧ। ଏଥିରୁ ଅଭିଭାବକମାନେ ଦୂରରେ ରହି ବେଟି ବଚାଓ,ବେଟି ବଢାଓ ମାନସିକତାକୁ ଅପଣାଇବାକୁ ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ବାଳିକା ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ,ବିଭାଗୀୟ ସୁପରଭାଇଜର,କର୍ମୀ ଉପସ୍ଥିତ ଥିଲେ।

### ଗାଧୋଇବା ବେଳେ ପାଣିରେ ବୁଡ଼ି ଯୁବକଙ୍କ ମୃତ୍ୟୁ

**ଦେଓଗାଁ,୯।୧୦(କୃଷ୍ଣ ପ୍ରସାଦ ପାଣିଗ୍ରାହୀ)**

ବଲାଙ୍ଗୀର ଜିଲା ଦେଓଗାଁ ଥାନା ବନ୍ଧପଡା ଫାଣ୍ଡି ଅନ୍ତର୍ଗତ ଡୁମେରଯୋର ଗାଁରେ ଗାଧୋଉଥିବା ବେଳେ ବନ୍ଧପାଣିରେ ବୁଡିଯାଇ ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତ ଯୁବକ ଜଣକ ହେଲେ ଡୁମେରଯୋର ଗାଁର ମେଘନାଦ ମାଝୀ(୪୫)। ପ୍ରକାଶ ଯେ, ମଙ୍ଗଳବାର ମେଘନାଦ ପ୍ରତିଦିନ ପରି ସ୍ଥାନୀୟ ବନ୍ଧକୁ ଗାଧେଇବା ପାଇଁ ଯାଇଥିଲେ। ଉକ୍ତ ବନ୍ଧରେ ଗାଧୋଉଥିବା ବେଳେ ହଠାତ୍ ଗୋଡ ଖସି ଯାଇଥିଲା । ବନ୍ଧରେ ଏବେ ପ୍ରାୟ ୨୫ ଫୁଟର ପାଣି ରହିଥିବା ବେଳେ ସଂପୃକ୍ତ ଯୁବକ ଜଣକ ପହଁରି ନ ପାରି ବୁଡି ଯାଇଥିଲେ। ନିକଟରେ ଥିବା ଲୋକମାନେ ପୋଲିସକୁ ଖବର ଦେଇଥିଲେ। ପରେ ବନ୍ଧରୁ ମୃତଦେହ ଜବତ କରାଯାଇ ବଲାଙ୍ଗୀର ଭୀମଭୋଇ ମେଡିକାଲ ପଠାଯାଇଥିଲା। ସେଠାରେ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

**ମୃତ ହାତୀର ବ୍ୟବଚ୍ଛେଦ ସରିଲା**

# ଲୁଟ୍ ହାତୀଦାନ୍ତର ପତ୍ତା ମିଳିନି

**ବଲାଙ୍ଗୀର,୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)**



ମଠଖାଇ ଜଙ୍ଗଲ ଭିତରେ ମୃତହାତୀର ବ୍ୟବଚ୍ଛେଦ ପାଇଁ ଉପସ୍ଥିତ ପ୍ରାଣୀଧନ ଚିକିତ୍ସକ ଟିମ୍ ଓ ବନବିଭାଗ ଟିମ୍ ସଦସ୍ୟ।

**ହାତୀଦାନ୍ତ ଲୁଟ୍ ପାଇଁ ଯୋଜନାବଦ୍ଧ ଭାବେ ହାତୀକୁ ଗୋଠଛଡ଼ା କରିଥିବା ଚର୍ଚ୍ଚା**

ବଲାଙ୍ଗୀର ରେଞ୍ଜ ଅନ୍ତର୍ଗତ ଅସୁରଡୁଙ୍ଗୁରି ଗାଁ ନିକଟ ମଠଖାଇ ଜଙ୍ଗଲ ପାଦଦେଶରେ ମଙ୍ଗଳବାର ଏକ ଦନ୍ତାହାତୀକୁ ଶିକାରୀମାନେ ହତ୍ୟା କରି ଗୋଟିଏ ଦାନ୍ତ କାଟି ନେଇଥିଲେ। ବୁଧବାର ମୃତ ହାତୀର ବ୍ୟବଚ୍ଛେଦ କରାଯାଇଛି। ଭୁବନେଶ୍ୱରରୁ ଆସିଥିବା ଜଏଣ୍ଟ ଟାକ୍ସଫୋର୍ସ ହାତୀ ମୃତ୍ୟୁର କାରଣ ଏବଂ ହାତୀଦାନ୍ତ ଚୋରି ଉପରେ ତଦନ୍ତ କରୁଥିବା ବେଳେ ବଲାଙ୍ଗୀର ପ୍ରାଣୀଧନ ଚିକିତ୍ସା ଟିମ୍ ହାତୀ ମୃତଦେହ ବ୍ୟବଚ୍ଛେଦ କରିଥିବା ସୂଚନା ମିଳିଛି। ବ୍ୟବଚ୍ଛେଦ ପରେ ମୃତ ହାତୀ ଦେହରୁ ଡାହାଣ ପାଖ ଦାନ୍ତ ଏବଂ ଲୁଟେରାମାନେ ନେଇଯାଇଥିବା ଦାନ୍ତର ଅର୍ଦ୍ଧେକ ଅଂଶକୁ କଢ଼ାଯାଇ ସଂରକ୍ଷିତ ରଖାଯାଇଥିବା ଜଣାପଡିଛି। ତେବେ ଲୁଟ୍ ହାତୀ ଦାନ୍ତର ଏଯାଏଁ ପତ୍ତା ମିଳିନି। ବଲାଙ୍ଗୀର ଡିଏଫ୍‌ଓ ସୁଦର୍ଶନ ବେହେରାଙ୍କୁ ପଚରାଯିବାରେ କେବଳ ମୃତହାତୀର ବ୍ୟବଚ୍ଛେଦ ସରିଥିବା ସୂଚନା ଦେଇଛନ୍ତି। ତେବେ ହାତୀଦାନ୍ତ ଲୁଟ୍ ତଦନ୍ତର ଅଗ୍ରଗତି କେତେ ସେନେଇ ସେ କିଛି କହିବାକୁ ମନା କରି ଦେଇଥିଲେ। ସମର୍ଥିତ ସୂତ୍ରରୁ ମିଳିଥିବା ସୂଚନା ମୁତାବକ ବନବିଭାଗ ଏଯାବତ୍ ହାତୀମୃତ୍ୟୁ ଏବଂ ହାତୀଦାନ୍ତ ଲୁଟ୍ ଘଟଣାରେ ୬ ଜଣଙ୍କୁ ଅଟକ ରଖି ପଚରାଉଚରା କରିଛି। ମଠଖାଇ ଜଙ୍ଗଲ ପାଦଦେଶରେ ଘଟିଥିବା ହାତୀ ମୃତ୍ୟୁ ଘଟଣାରେ ବନବିଭାଗର ସାମୁହିକ ଅପାରଗତା ପଦାରେ ପଡିଛି। ମୃତ ହାତୀଟି କିଛି ଦିନ ହେଲା ବଲାଙ୍ଗୀର ରେଞ୍ଜ ଆଖପାଖ ଜଙ୍ଗଲରେ ବୁଲୁଥିବା ଖବର ପାଇଥିଲେ ମଧ୍ୟ ବନବିଭାଗ ଅଧିକାରୀଙ୍କ ଅବହେଳା କାରଣରୁ ଶିକାରୀଙ୍କ ହାବୁଡରେ ପଡିଯାଇ ହତ୍ୟାର ଶିକାର ହୋଇଥିବା ଚର୍ଚ୍ଚାର ବିଷୟ ହୋଇଛି। ବିଶେଷକରି ବଲାଙ୍ଗୀର ବନବିଭାଗ ବନ୍ୟପ୍ରାଣୀ ସୁରକ୍ଷା ସପ୍ତାହ ପାଳନ ପାଇଁ ବ୍ୟାପକ ଜନସଚେତନତା କରାଯାଇଥିବା କହିଥିଲେ ମଧ୍ୟ ଏହା କେବଳ ଉପରଠାଉରିଆ ବୋଲି ଚର୍ଚ୍ଚାର ବିଷୟ ହୋଇଛି। ବନବିଭାଗ ଅଧିକାରୀଙ୍କ କହିବା ମୁତାବକ ସୋମବାର ସନ୍ଧ୍ୟା ସୁଦ୍ଧା ହାତୀଟିର ଲୋକେଶନ୍ ମଠଖାଇ ପାଦଦେଶ ବୋଲି ଚିହ୍ନଟ ହୋଇଥିଲା। ଯଦି ହାତୀର ଲୋକେଶନ୍ ଚିହ୍ନଟ ହୋଇଥିଲା ତେବେ କିଭଳି ଶିକାରୀମାନେ ହାତୀକୁ ମାରି ଦାନ୍ତ ନେଇଯିବାକୁ ସକ୍ଷମ ହେଲେ ତାହା ଏବେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶିକାରୀଙ୍କ ସହ ବନବିଭାଗର କିଛି ଅଧିକାରୀ ଓ କର୍ମଚାରୀଙ୍କ ସମ୍ପୃକ୍ତି ଦିଗକୁ ଅଣଦେଖା କରାଯାଇ ନ ପାରେ ବୋଲି ଲୋକେ ଚର୍ଚ୍ଚା କରୁଛନ୍ତି। କାହା ଅବହେଳା ଯୋଗୁ ବଲାଙ୍ଗୀର ସଦର ମହକୁମା ଠାରୁ ମାତ୍ର ୭-୮ କିଲୋମିଟର ଦୂର ଜଙ୍ଗଲରୁ ଶିକାରୀମାନେ ହାତୀକୁ ମାରି ଦାନ୍ତ କାଟି ନେବାକୁ ସକ୍ଷମ ହେଲେ ସେନେଇ ବନବିଭାଗ ମୁହଁ ଖୋଲୁନାହିଁ। ହାତୀଦାନ୍ତ ଲୁଟ୍ ପାଇଁ ଲୁଟେରାମାନେ ଉକ୍ତ ଦନ୍ତାହାତୀକୁ ଯୋଜନାବଦ୍ଧ ଭାବେ ଗୋଠଛଡା କରିଥିବା ମଧ୍ୟ ଆଲୋଚନାର ବିଷୟ ହୋଇଛି। ଏଭଳି ଆଲୋଚନାରୁ ଜିଲାରେ ହାତୀଦାନ୍ତ ଲୁଟେରା ସକ୍ରିୟ ଥିବା ଚର୍ଚ୍ଚା ହେଉଛି ।

### ଯୁଗ୍ମ ଜନଶୁଣାଣି ଶିବିର

**ଗୁଡଭେଲା,୯।୧୦(ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲା ଗୁଡଭେଲା ବ୍ଲକ ପରିସରରେ ଅତିରିକ୍ତ ଜିଲାପାଳ ପବିତ୍ର ବେହେରା ଓ ଏସ୍‌ପି ଋଷିକେଶ ଖିଲାରିଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ୯୦ଟି ବିଭିନ୍ନ ଅଭିଯୋଗପତ୍ର ଆସିଥିବା ବେଳେ ସେଥିରୁ ୪୦ ସାଧାରଣ ଓ ୫୦ଟି ବ୍ୟକ୍ତିଗତ ଅଭିଯୋଗ ଆସିଥିଲା। ସମସ୍ତ ଅଭିଯୋଗର ସମାଧାନ ଯଥାଶୀଘ୍ର କରିବାକୁ ଉପସ୍ଥିତ ଅଧିକାରୀଙ୍କୁ ଅତିରିକ୍ତ ଜିଲାପାଳ ନିର୍ଦ୍ଦେଶ ଦେଇଥିଲେ। ବିଡିଓ ସୌମ୍ୟକାନ୍ତ ବନଗୋଲା, ଜିପିଓ ସାଗର ସାହୁଙ୍କ ସମେତ ଜିଲା ଓ ବ୍ଲକସ୍ତରର ବିଭିନ୍ନ ବିଭାଗର ବହୁ ପଦାଧିକାରୀ ଉପସ୍ଥିତ ଥିଲେ।

# ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ଶୁଭାରମ୍ଭ

**ବଲାଙ୍ଗୀର,୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)**



ବଲାଙ୍ଗୀର ବିଜେଡି ସଭ୍ୟ ସଂଗ୍ରହ ଅଭିଯାନରେ ଉପସ୍ଥିତ ନେତା ଓ କର୍ମୀ।

ବଲାଙ୍ଗୀର ବିଜୁ ଜନତା ଦଳ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ଉପଲକ୍ଷେ ସ୍ଥାନୀୟ ପେଲେସ ଲାଇନସ୍ଥିତ ମୀନା ଟେଷ୍ଟ ହାଉସ ପରିସରରେ ବୁଧବାର ସଭ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ ହୋଇଛି। ଏହି କାର୍ଯ୍ୟକ୍ରମରେ ବରିଷ୍ଠନେତା ଅନଙ୍ଗ ଉଦୟ ସିଂଦେଓ, ଜିଲା ବିଜେଡି ସଭାପତି ଟୁକୁନୀ ସାହୁ, ରାଜ୍ୟସଭା ସଦସ୍ୟ ନିରଞ୍ଜନ ବିଶି, ପୂର୍ବତନ କଣ୍ଟାବାଞ୍ଜି ବିଧାୟକ ଆୟୁବ ଖାନ,ପାଟଣାଗଡର ପୂର୍ବତନ ବିଧାୟକ ସରୋଜ ମେହେର, ପୂର୍ବତନ ବିଧାୟକ ସୁରେନ୍ଦ୍ର ସିଂଭୋଇ, ଜିଲା ପରିଷଦ ସଭାପତି ଦେବକୀ ସାହୁ, ବଲାଙ୍ଗୀର ପୌରାଧକ୍ଷା ଲିକା ସାହୁ, ଉପାଧକ୍ଷା ଗାୟତ୍ରୀ ଭୋଇ, ବଲାଙ୍ଗୀର ସଦର ବ୍ଲକ ଅଧକ୍ଷା ସରିତା ବାଗ, ପୁଇଁତଲା ବ୍ଲକ ଅଧକ୍ଷ ସରୋଜ ପଧାନ, ଦେଓଗାଁ ବ୍ଲକ ଅଧକ୍ଷ ଦୟାନିଧି ଖମାରୀଙ୍କ ସମେତତ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ନେତାମାନେ କହିଥିଲେ, ରାଜ୍ୟରେ ସରକାର ବଦଳିଛି ମାତ୍ର ବିଜୁ ଜନତା ଦଳର ଜନସେବା ଆଜି ବି ଜାରି ରହିଛି । ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଭର୍ଚ୍ଚୁଏଲ ମୋଡରେ ଉଦ୍‌ବୋଧନ ଦେଇ ବିଜେଡି କର୍ମୀ ଓ ନେତାଙ୍କୁ ଉତ୍ସାହିତ କରିଥିଲେ।

## ଦରମା ଏବଂ ପୂଜା ଅଗ୍ରିମ ଟଙ୍କା ପ୍ରଦାନରେ ବିଳମ୍ବ

**ଲାଠୋର,୯।୧୦(ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକର ବିଭିନ୍ନ କ୍ଲଷ୍ଟର ଅଧୀନରେ କାମ କରୁଥିବା ଶିକ୍ଷକମାନେ ଗତ ସେପ୍ଟେମ୍ବର ମାସର ଦରମା ଏବଂ ଦଶହରା ପୂଜା ଅଗ୍ରୀମ ଟଙ୍କା ଅଦ୍ୟାବଧି ପାଇନାହାନ୍ତି। ବିଭାଗୀୟ ଅଧିକାରୀମାନଙ୍କ ଅବହେଳାରୁ ଏପରି ସମସ୍ୟା ଉପୁଜିଥିବା ଶିକ୍ଷକମାନେ କ୍ଷୋଭର ସହ ପ୍ରକାଶ କରିଛନ୍ତି। ସମଗ୍ର ବ୍ଲକ ଅଞ୍ଚଳରେ ୫ ଶହରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀ ଶିକ୍ଷକ ବିଭିନ୍ନ ବିଦ୍ୟାଳୟରେ କାର୍ଯ୍ୟ କରୁଛନ୍ତି। ପ୍ରତି ମାସ ୩୦ ତାରିଖ ସୁଦ୍ଧା ସେମାନଙ୍କର ଦରମା ନିୟମିତ ଭାବେ ବ୍ୟାଙ୍କ ପାସ୍‌ବୁକରେ ଜମା ହୋଇ ଯାଉଥିଲା। ହେଲେ ଗତ ସେପ୍ଟେମ୍ବର ମାସର ଦରମା ଓ ଦଶହରା ପୂଜା ଅଗ୍ରୀମ ଟଙ୍କା ଏଯାଏ ପ୍ରଦାନ କରାଯାଇନାହିଁ। ଫଳରେ ପାର୍ବଣ ଋତୁରେ ଦରମା ନ ପାଇ ନା ନା ସମସ୍ୟାର ସମ୍ମୁଖୀନ ହେଉଥିବା ଶିକ୍ଷକମାନେ ପ୍ରକାଶ କରିଛନ୍ତି। ବିଭାଗୀୟ ଅଧିକାରୀମାନଙ୍କଠାରୁ ଆରମ୍ଭ କରି ବିଲ୍ ପ୍ରସ୍ତୁତ କରୁଥିବା କର୍ମଚାରୀମାନଙ୍କ ବାରମ୍ବାର ଦୃଷ୍ଟି ଆକର୍ଷଣ କରାଗଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ଏନେଇ ଖପ୍ରାଖୋଲ ବିଆରସିସି କମ୍ ଅତିରକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ରୁଦ୍ରଦେବ ଷଡ଼ଙ୍ଗୀଙ୍କୁ ପଚାରିବାରେ ଦୁଇ ଗୋଟି ବିଲ୍ ଭୁଲ ଥିବା ଯୋଗୁ କେତେଜଣ ଶିକ୍ଷକ ସେମାନଙ୍କ ଦରମା ପାଇଥିବା ବେଳେ ଅନ୍ୟ କେତେଜଣ ଶିକ୍ଷକ ଦରମା ପାଇ ପାରିନାହାନ୍ତି। ଖୁବଶୀଘ୍ର ସେମାନେ ଦରମା ପାଇବେ। ସେହିପରି ଦଶହରା ପୂଜା ଅଗ୍ରୀମ ଆବେଦନରେ ଶିକ୍ଷକମାନେ ବିଳମ୍ବ କରିଥିବା ହେତୁ ସମସ୍ୟା ସୃଷ୍ଟି ହୋଇଛି। ଶିକ୍ଷକମାନେ କେମିତି ଶୀଘ୍ର ଟଙ୍କା ପାଇବେ ତାର ବ୍ୟବସ୍ଥା ପାଇଁ ଉଦ୍ୟମ ଚଳାଇଛୁ। ଯଥାଶୀଘ୍ର ଏ ଦିଗରେ ବିହିତ ପଦକ୍ଷେପ ନେବା ପାଇଁ ଶିକ୍ଷକମାନେ ଦାବି କରିଛନ୍ତି।

### ଅନାସ୍ଥା ପ୍ରସ୍ତାବ ପାଇଁ ଜିଲାପାଳଙ୍କ ଦ୍ୱାରସ୍ଥ

**ଗୁଡଭେଲା,୯।୧୦(ମନୋଜ କୁମାର ଜୈନ)**

ବଲାଙ୍ଗୀର ଜିଲାର ଗୁଡଭେଲା ବ୍ଲକ ଅନ୍ତର୍ଗତ ଚିଞ୍ଚେଡ ଗ୍ରାମ ପଞ୍ଚାୟତର ସରପଞ୍ଚ ଓ ନାଏବ ସରପଞ୍ଚଙ୍କ କାର୍ଯ୍ୟକଳାପରେ ଅସନ୍ତୋଷ ପ୍ରକାଶ କରିଚିଞ୍ଚେଡର ୧୦ଜଣ ୱାର୍ଡମେମ୍ବର ବଲାଙ୍ଗୀର ଜିଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ୱାର୍ଡମେମ୍ବର ସନ୍ତୋଷିନୀ ନାଗ, ସୁଷମା ରଣା, ପିଙ୍କି ଚନ୍ଦନ, କୁମାରୀ ଜାନୀ, ତିରୁପତି ନାଥ,ସୀତା ଛତ୍ରିଆ, ଗାୟତ୍ରୀ ସାହୁ, ଏସ. ସାହୁ, ନରୋତ୍ତମ ଥନାପତି ଅନାସ୍ଥା ପ୍ରସ୍ତାବ ପାଇଁ ଜିଲାପାଳଙ୍କୁ ଲିଖିତ ଭାବେ ଅନୁରୋଧ କରିଛନ୍ତି। ପ୍ରକାଶ ଯେ, ନିକଟରେ ଗୁଡଭେଲା ବ୍ଲକ ଅନ୍ତର୍ଗତ ତୁର୍ଲା ଶିବମନ୍ଦିରଠାରେ ୧୦ଜଣ ୱାର୍ଡ ମେମ୍ବରଙ୍କ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ୱାର୍ଡ ମେମ୍ବର ନରୋତ୍ତମ ଥନାପତି ସଭାପତିତ୍ୱ କରିଥିଲେ। ଚିଞ୍ଚେଡ ସରପଞ୍ଚ ଡୋଲାକାନ୍ତି ନାଗ ଓ ନାଏବ ସରପଞ୍ଚ ଯାଜ୍ଞସିନୀ ରଣାଙ୍କ କାର୍ଯ୍ୟକଳାପ ନେଇ ସମସ୍ତେ ଅସନ୍ତୋଷ ପ୍ରକାଶ କରିଥିଲେ। ବିଶେଷ କରି ବିଭିନ୍ନ କାର୍ଯ୍ୟକ୍ରମରେ ୱାର୍ଡ ମେମ୍ବରମାନଙ୍କୁ ଅଣଦେଖା କରାଯିବା ସହ ମନୋମୁଖୀ କାର୍ଯ୍ୟ କରାଯାଉଥିବାରୁ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ମତ ପ୍ରକାଶ ପାଇଥିଲା।

## ନକଲି ଡାକ୍ତର ଗିରଫ, ଔଷଧ ଜବତ

**ସଇଁତଲା,୯।୧୦(ରାଖାଲ ପ୍ରସାଦ ଶତପଥୀ)**

**ବେଆଇନ ଭାବରେ କ୍ଲିନିକ ଖୋଲିଥିବା ଅଭିଯୋଗ**

ସଇଁତଲା ଥାନା ଅନ୍ତର୍ଗତ ଟିକ୍ରାପଡ଼ାଠାରେ ଘରୋଇ କ୍ଲିନିକ ଖୋଲି ଚିକିତ୍ସା କରୁଥିବା ଜଣେ ନକଲି ଡାକ୍ତରଙ୍କୁ ବୁଧବାର ପୋଲିସ ଗିରଫ କରିଛି। ଗିରଫ ଡାକ୍ତର ହେଲେ ବିଦ୍ୟୁତ୍ କୁମାର ବିଶ୍ୱାସ। ସଇଁତଲା ଥାନା ଅଧିକାରୀ ଶୁଶାନ୍ତ ବଡ଼େଇଙ୍କ ସୂଚନା ଅନୁସାରେ, ଟିକ୍ରାପଡ଼ା ଗ୍ରାମର ରଣାପଡ଼ାରେ ରହୁଥିବା ବିଦ୍ୟୁତ କୁମାର ଟିକ୍ରାପଡ଼ାଠାରେ ଏକ ଘରୋଇ କ୍ଲିନିକ ଖୋଲି ରୋଗୀଙ୍କୁ ଚିକିତ୍ସା କରୁଥିଲେ। ସେ ଜିଲା ସ୍ୱାସ୍ଥ୍ୟବିଭାଗର ବିନା ଅନୁମତିରେ କ୍ଲିନିକ ଖୋଲିଥିଲେ। ବଲାଙ୍ଗୀର ଏସ୍‌ପିଙ୍କ ନିର୍ଦ୍ଦେଶ କ୍ରମେ ଅପରାହ୍ନରେ ସଇଁତଲା ପୋଲିସ ଉକ୍ତ କ୍ଲିନିକ ଉପରେ ଚଢ଼ାଉ କରି ବିଦ୍ୟୁତ୍ କୁମାରଙ୍କୁ ଗିରଫ କରିଥିଲା। ତାଙ୍କ କ୍ଲିନିକରୁ ଔଷଧ ଓ ଇଞ୍ଜେକସନ୍ ଆଦି ଜବତ କରାଯାଇଛି। ଚଢ଼ାଉ ସମୟରେ ବଲାଙ୍ଗୀର ଡ୍ରଗ୍ସ ଅଧିକାରୀ ଓ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଉପସ୍ଥିତ ଥିଲେ। ଗିରଫ ଡାକ୍ତର ଜଣକ କୋଲକତା ଅଞ୍ଚଳର ହୋଇଥିବା ବେଳେ ଦୀର୍ଘ ବର୍ଷ ହେଲା ସେ ଟିକ୍ରାପଡ଼ା ଅଞ୍ଚଳରେ କ୍ଲିନିକ ଖୋଲି ଚିକିତ୍ସା ଚଳାଇଥିବା ଅଭିଯୋଗ ହୋଇଥିଲା। ଏ ନେଇ ସଇଁତଲା ଥାନାରେ ନଂ ୪୧୭/୨୪ରେ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତ ଡାକ୍ତରଙ୍କୁ କୋର୍ଟ ଚାଲାଣ କରାଯାଇଛି ।





ଗିରଫ ନକଲି ଡାକ୍ତର। କ୍ଲିନକରୁ ଜବତ ହୋଇଥିବା ଔଷଧ।

# ୧୬ ବର୍ଷରେ ତୁଳସୀନଗରପଡ଼ା ଦୁର୍ଗାପୂଜା

**ବଲାଙ୍ଗୀର,୯।୧୦(ବୀରେନ୍ଦ୍ର କୁମାର ଝାଙ୍କର)**



ତୁଳସୀନଗରପଡା ଦୁର୍ଗାପୂଜା ପାଇଁ ବୁଧବାର ମହାରାଣୀ ସାଗରଠାରୁ ପୂଜା ମଣ୍ଡପ ପର୍ଯ୍ୟନ୍ତ କଳସ ଶୋଭାଯାତ୍ରା କରାଯାଉଛି।

ବଲାଙ୍ଗୀର ତୁଳସୀନଗରପଡା ସାର୍ବଜନୀନ ଦୁର୍ଗାପୂଜା ଚଳିତବର୍ଷ ୧୬ତମ ବର୍ଷରେ ପଦାର୍ପଣ କରିଛି। ତୁଳସୀନଗର ଦୁର୍ଗାପୂଜା କମିଟି ପକ୍ଷରୁ ଶାରଦୀୟ ଦୁର୍ଗାପୂଜା ଆରମ୍ଭ ହୋଇଛି। ବୁଧବାର କମିଟି ପକ୍ଷରୁ ବିଲ୍ୱବରଣ ଏବଂ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କମିଟି ପକ୍ଷରୁ ଡା. ଶକ୍ତି କୁମାର ତ୍ରିପାଠୀ ଓ ତାଙ୍କ ସ୍ତ୍ରୀ ଡା. ଇପ୍‌ସିତା ଦେବତା କର୍ତ୍ତା ଭାବେ ଦାୟିତ୍ୱ ତୁଲାଉଛନ୍ତି। ମୁଖ୍ୟ ପୂଜକ ଭାବେ ସୁବର୍ଣ୍ଣପୁର ଜିଲା ଲୁପୁରସିଂହାର ରାଜୀବ ଲୋଚନ ପଣ୍ଡା ଏବଂ ସହଯୋଗୀ ଭାବେ ଚୈତନ୍ୟ ମିଶ୍ର, ଚନ୍ଦ୍ରଶେଖର ପୂଜାରୀ, ବୁଲୁ ମିଶ୍ର, ସିପୁନ ପଣ୍ଡା ଦାୟିତ୍ୱ ତୁଲାଉଛନ୍ତି। କଳିକତାରୁ ଆସିଥିବା ମୂର୍ତ୍ତି କାରିଗର ରତନ ପାଲ ମୃଣ୍ମୟୀ ମୂର୍ତ୍ତି ତିଆର କରିଛନ୍ତି। ଅତ୍ୟନ୍ତ ଆକର୍ଷଣୀୟ ପରଭା ଓ ମେଢ଼ ତିଆରି କରିଛନ୍ତି ପୁଇଁତଲା ବ୍ଲକର ଅଶ୍ୱିନୀ ଖଣ୍ଡାୟତ ଓ ସହଯୋଗୀ ନରେନ୍ଦ୍ର, ଶମ୍ଭୁ, ସୁବଳ, ଚିତ୍ତ ଓ ତୋଫାନ। ପ୍ରତିଦିନ ସନ୍ଧ୍ୟାରେ ମହା ଆଳତି ବ୍ୟବସ୍ଥା କରାଯାଇଛି। ଏହି ସମୟରେ ସୁଦପଡାର ଘଣ୍ଟବାଦ୍ୟ ଦଳ ଘଣ୍ଟବାଦ୍ୟ ପରିବେଷଣ କରିବେ। ଆକର୍ଷଣୀୟ ମେଢ଼ ଓ ସାଜସଜ୍ଜା ପାଇଁ ସୋନପୁରର ପ୍ରଦୀପ ଲାଇଟ୍ ପକ୍ଷରୁ ଆଲୋକ ସାଜସଜ୍ଜା କରାଯାଇଛି। ଦୁର୍ଗା ପୂଜା କମିଟି ସଭାପତି କିଶୋର ରଥ, ଉପସଭାପତି ଆଡଭୋକେଟ୍ ନିଳାଦ୍ରୀ ବିହାରୀ ସିଂ ଓ ସଞ୍ଜୟ ମିଶ୍ର, ସମ୍ପାଦକ ହରେକୃଷ୍ଣ ଆଡଜୁଆଡ, ଯୁଗ୍ମ ସମ୍ପାଦକ ସଞ୍ଜୟ କୁମାର ଭୋଇ ଓ ପଦ୍ମନାଭ ମିଶ୍ର, କୋଷାଧ୍ୟକ୍ଷ ନାରାୟଣ ମିଶ୍ର ଓ ସହ କୋଷାଧ୍ୟକ୍ଷ ଅଜୁ ମହାପାତ୍ର ଦାୟିତ୍ୱ ତୁଲାଉଛନ୍ତି। ପୂଜା କାର୍ଯ୍ୟ ସୁପରିଚାଳନା କରିବା ପାଇଁ ତୁଳସୀନଗରପଡାର ଶତାଧିକ ସଦସ୍ୟ ସକ୍ରିୟ ଭାବେ ଅଂଶଗ୍ରହଣ କରୁଛନ୍ତି। ନବମୀରେ ପାଟଣାଗଡର କୁତମୁଣ୍ଡାର ଜୟ ଜଗନ୍ନାଥ ସଂକୀର୍ତ୍ତନ୍ୟ ମଣ୍ଡଳୀ ଏବଂ ଲୋଇସିଂହାର ପଣ୍ଡରେନ୍ ସଂକୀର୍ତ୍ତନ୍ୟ ମଣ୍ଡଳୀ ପକ୍ଷରୁ ବୈଠକୀ କୀର୍ତ୍ତନ ଅନୁଷ୍ଠିତ ହେବ। କୁତମୁଣ୍ଡା ସଂକୀର୍ତ୍ତନ୍ୟ ମଣ୍ଡଳୀରେ ଗାହାକ ଗୁରୁଶ୍ରୀ ସୁଦାମ ବିଶି ଏବଂ ବାହାକ ରିଙ୍କୁ ବାରିକ ଏବଂ ପଣ୍ଡରେନ୍ ସଂକୀର୍ତ୍ତନ୍ୟ ମଣ୍ଡଳୀର ଗାହାକ ଗୁରୁଶ୍ରୀ ଗଣ୍ଡାରାମ ବର୍ଗତି ଏବଂ ବାହାକ ପିଣ୍ଟୁ ସେଠ୍ ମଧ୍ୟରେ ବୈଠକୀ ସଂକୀର୍ତ୍ତନ୍ୟ ଅନୁଷ୍ଠିତ ହେବ। ଚଳିତବର୍ଷ ଦୁର୍ଗା ପୂଜାକୁ ଶାନ୍ତିଶୃଙ୍ଖଳାର ସହ ଏବଂ ଭାଇଚାରା ଭିତରେ ପାଳନ କରିବା ପାଇଁ ପୂଜା କମିଟି ପକ୍ଷରୁ ଗୁରୁତ୍ୱ ଦିଆଯାଇଥିବା ସଭାପତି କିଶୋର ରଥ ସୂଚନା ଦେଇଛନ୍ତି।



ସୁବର୍ଣ୍ଣପୁର ଜିଲାର ଇଷ୍ଟଦେବୀ ମା' ସୁରେଶ୍ୱରୀ ବୁଧବାର ବଗଳାମୁଖୀ ବେଶରେ ଭକ୍ତଙ୍କୁ ଦର୍ଶନ ଦେଉଛନ୍ତି।

# କର୍ଡ଼ାପାଳି, ରଥପୁରରେ ରାବଣ ଦରବାର

**ଅମରପାଲି,୯।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ପଞ୍ଚାୟତର ରଥପୁରରେ ଦୁର୍ଗାପୂଜା ଅବସରରେ ରାବଣ ଦରବାର ଏବଂ ମୁର୍ଷୁଣ୍ଡି ପଞ୍ଚାୟତ କର୍ଡାପାଳରେ ମାହେଶ୍ୱରୀ ଓ ପରମେଶ୍ୱରୀଙ୍କ ବାଡ଼ିଯାତ୍ରା ଅବସରରେ ରାବଣ ରାଜ ଶୁଭାରମ୍ଭ ହୋଇଛି। ରଥପୁରରେ ଏକ ବର୍ଣ୍ଣାଢ଼୍ୟ ସମାରୋହରେ ପୂର୍ବତନ ଉଚ୍ଚ ଶିକ୍ଷା ପରାମର୍ଶଦାତା ଡ.ପ୍ରଫୁଲ୍ଲ କୁମାର ରଥ, ରାଜ୍ୟପାଳ ପୁରସ୍କାରପ୍ରାପ୍ତ ଶିକ୍ଷକ ଭୂଷଣ ପାତ୍ର, ପୂର୍ବତନ ଏବିଇଓ ମାର୍କଣ୍ଡେଶ୍ୱର ମିଶ୍ର ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପୂଜା କମିଟି ସଭାପତି ରାଜୀବ କ୍ଷେତିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଉତ୍ସବରେ ଅନ୍ୟମାନଙ୍କ ମଧ୍ୟରେ ସମ୍ପାଦକ ମଳୟ କୁମାର ଅମାତ, କୋଷାଧ୍ୟକ୍ଷ ପ୍ରଫୁଲ୍ଲ ଗାଇଗରିଆ, ଶିକ୍ଷକ ଅରବିନ୍ଦ ରଣା ସମ୍ମାନୀତ ଅତିଥି ଭାବେ ଯୋଗଦେଇଥିଲେ। ଏଠାରେ ରାବଣ ଭୂମିକାରେ ବିଶିଷ୍ଟ ମୁକ୍ତାକାଶ ମଞ୍ଚ କଳାକାର ଭୁବନେଶ୍ୱର ପ୍ରଧାନ ଅଭିନୟ କରୁଛନ୍ତି। ପ୍ରଥମ ସନ୍ଧ୍ୟାରେ ନାଟ୍ୟାଭିକ୍ରମରେ ମୁକ୍ତାକାଶ ରଙ୍ଗମଞ୍ଚ ରେ ରାବଣ, କୁମ୍ଭକର୍ଣ୍ଣ ଓ ବିଭୀଷଣ ବ୍ରହ୍ମାଙ୍କଠାରୁ ବରପ୍ରାପ୍ତି, କୁବେର ରାଜାଙ୍କୁ ଆକ୍ରମଣ ଏବଂ ତାଙ୍କୁ ପରାସ୍ତ କରି ସିଂହାସନ ଆରୋହଣ ପରିବେଷଣ ହୋଇଥିଲା।



ରଥପୁରରେ ରାବଣ ଦରବାରରେ ଲୀଳା ନାଟକର ଏକ ଦୃଶ୍ୟ।

### ରାବଣଙ୍କ ସିଂହାସନ ଆରୋହଣ, ଅହଲ୍ୟା ଉଦ୍ଧାର

ସେହିପରି କର୍ଡ଼ାପାଳରେ ଅନୁଷ୍ଠିତ ରାବଣରାଜରେ ଅବସରପ୍ରାପ୍ତ କୃଷି ଅଧିକାରୀ ଦୟାନିଧି ହୋତା ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ମୁକ୍ତାକାଶ ରଙ୍ଗମଞ୍ଚରେ ପ୍ରଥମ ସନ୍ଧ୍ୟାରେ ପରିବେଷଣ ହୋଇଥିଲା ଲୀଳା ନାଟକ। ରୁଗୁଡ଼ିପାଲି, ସୁବର୍ଣ୍ଣପୁରର ପ୍ରଫୁଲ୍ଲ ମେହେର ରାବଣ ଭୂମିକାରେ ଅଭିନୟ କରୁଛନ୍ତି।ନାଟ୍ୟାଭିକ୍ରମରେ ରାବଣଙ୍କ ସିଂହାସନ ଆରୋହଣ ପରିବେଷଣ ହୋଇଥିଲା। ମଞ୍ଚରେ ଆଧୁନିକ ଓ ସମ୍ବଲପୁରୀ ନୃତ୍ୟ ପରିବେଷଣ ହୋଇଥିଲା।

# ସଚେତନତା ସୁସ୍ଥ ରହିବାର ମୂଳମନ୍ତ୍ର

**ଅମରପାଲି, ୯।୧୦(ପୀତାମ୍ବର ସାହୁ)**

### କୁମାରକେଲି ୟୁପି ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁମାରକେଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜୁନିୟର ରେଡକ୍ରସ ୟୁନିଟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଚଆଇଭି ଏଡ୍‌ସର କାରଣ, ଏଥିରୁ ବଞ୍ଚି ରହିବାର କୌଶଳ ଏବଂ ଏଚ୍‌ଆଇଭିଗ୍ରସ୍ତ ବ୍ୟକ୍ତିର ଜୀବନଶୈଳୀ ଓ ସର୍ବୋପରି ଏ କ୍ଷେତ୍ରରେ ସମାଜର ଭୂମିକା ଉପରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଏବେ ବିଶେଷ କରି ଯୁବତୀଯୁବକମାନେ ଏଡ୍‌ସରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ବିଦ୍ୟାଳୟସ୍ତରରୁ ରେଡ ରିବନ କ୍ଲବ ଅନ୍ତର୍ଗତ କିଶୋରୀ କିଶୋର, ବାଳିକା ବାଳକମାନଙ୍କୁ ସଚେତନ କରି ଏକ ସୁସ୍ଥ ସମାଜ ଗଠନରେ ସେମାନଙ୍କ ସକ୍ରିୟ ଭୂମିକାକୁ ନିଶ୍ଚିତ କରିବା ପାଇଁ ଅଣ୍ଟା ଭିଡ଼ିଛି ସୁବର୍ଣ୍ଣପୁର ଜୁନିୟର ରେଡକ୍ରସ । ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ଜେଆରସି ସମ୍ପାଦକ ମଞ୍ଜୁଲତା ଭୋଇ ଓ ରବିଚନ୍ଦ୍ର ପଶାୟତଙ୍କ ମାର୍ଗଦର୍ଶନରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ଜେଆରସି ମାର୍ଗ ଦର୍ଶକ ହୃଷୀକେଶ ଚାନ୍ଦ ଓ ସତ୍ୟନାରାୟଣ ମେହେର ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୩୦ଜଣ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।



କାର୍ଯ୍ୟକ୍ରମରେ ଉପସ୍ଥିତ ଜୁନିୟର ରେଡକ୍ରସ ୟୁନିଟ ଛାତ୍ରୀଛାତ୍ର।

## ସଂକ୍ଷେପରେ

### ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

**ବୌଦ୍ଧ,୯।୧୦ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ପୁରୁଣାକଟକଠାରେ ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ମହମ୍ମଦ ମିନାଜ ଅନସାରି (୨୩) ଓ ତାଙ୍କ ଘର ଝାଡଖଣ୍ଡ ରାଜ୍ୟ ଗିରଡିର ବୋଲି ଜଣାପଡ଼ିଛି। ପ୍ରକାଶ ଯେ, ବୌଦ୍ଧ ଜିଲାରେ ଖୋର୍ଦ୍ଧା– ବଲାଙ୍ଗୀର ରେଳପଥ କାର୍ଯ୍ୟ ଚାଲିଛି। ବୁଧବାର ସନ୍ଧ୍ୟାରେ ପୁରୁଣାକଟକଠାରେ ଏକ ଓଭର ବ୍ରିଜ କାମ ଠିକା ସଂସ୍ଥା କରୁଥିବା ବେଳେ ଅନସାରି ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ତାଙ୍କୁ ପୁରୁଣାକଟକ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁରୁଣାକଟକ ପୋଲିସ ମେଡିକାଲରେ ପହଞ୍ଚି ମୃତ ଶ୍ରମିକଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିବା ଜଣାଯାଇଛି।

### ଖବର ପ୍ରକାଶ ପରେ ସୁରକ୍ଷା ପ୍ରାଚୀର ନିର୍ମାଣ ହେଲା

**ସୋନପୁର,୯।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ପଟାଭାଡି ସ୍ଥିତ ମାରୁତି ନଗରରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରର ସୁରକ୍ଷା ପ୍ରାଚୀର ନିର୍ମାଣ ହୋଇଛି। ପୂର୍ବରୁ ଏହା ଅସୁରକ୍ଷିତ ଭାବେ ମୁକୁଳା ପଡ଼ିଥିଲା। ଟ୍ରାନ୍ସଫର୍ମର ମୁକୁଳା ପଡ଼ିଥିବା ନେଇ ଅଗଷ୍ଟ ୧୦ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବରକୁ ସାମାଜିକ କର୍ମୀ ସର୍ଜନ ପାଣ୍ଡେ ଟୁଇଟର ଏବଂ ଓଡ଼ିଶା ସରକାରଙ୍କ ଜନଶୁଣାଣି ପୋର୍ଟାଲରେ ବିଭାଗ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ଉକ୍ତ ସ୍ଥାନରେ ସୁରକ୍ଷା ପ୍ରାଚୀର ନିର୍ମାଣ ହୋଇଛି। ଏହା ଦ୍ୱାରା ମାରୁତି ନଗରର ଏକ ବଡ ସମସ୍ୟାର ସମାଧାନ କରିଥିବାରୁ ଅଞ୍ଚଳବାସୀ ଧନ୍ୟବାଦ ଜଣାଇଛନ୍ତି।

# ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା

**ଅମରପାଲି,୯।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ଅଞ୍ଚଳରେ ଆରମ୍ଭ ହୋଇ ଗଲାଣି ଶାରଦୀୟ ଦୁର୍ଗାପୂଜା। ଏଥିପାଇଁ ବୁଧୁବାର ବିଭିନ୍ନ ସ୍ଥାନରେ କଳସ ଶୋଭାଯାତ୍ରା ହୋଇଯାଇଛି। ରୌପ୍ୟ ଜୟନ୍ତୀ ପାଳନ କରୁଥିବା ବୀରମହାରାଜପୁର ବସ୍‌ଷ୍ଟାଣ୍ଡ ଦୁର୍ଗାପୂଜା ପାଇଁ ବୁଧୁବାର କଳସ ଶୋଭାଯାତ୍ରା କରାଯାଇଛି। ନିକଟସ୍ଥ ରଜାବନ୍ଧରୁ ଏକ ଶୋଭାଯାତ୍ରାରେ ଜଳପୂର୍ଣ୍ଣ କଳସ ଆଣି ପୂଜା ମଣ୍ଡପରେ ସ୍ଥାପନ କରାଯାଇଥିଲା। ଗିରିଜା ଶଙ୍କର ପଣ୍ଡା ଓ ଶ୍ରଦ୍ଧାଞ୍ଜଳି ପଣ୍ଡା କର୍ତ୍ତା ଭାବେ କାର୍ଯ୍ୟ ତୁଲାଇଥିଲେ। ଏହି ଅବସରରେ ପୂଜା କମିଟି ସଭାପତି, ସମ୍ପାଦକଙ୍କ ସମେତ ଅନ୍ୟ ସମସ୍ତ କାର୍ଯ୍ୟକର୍ତ୍ତା ଶୋଭାଯାତ୍ରାରେ ସମିଲ ହୋଇଥିଲେ।

ସେହିପରି ଖଣ୍ଡହତା ଶାରଦୀୟ ଦୁର୍ଗାପୂଜା ଚଳିତବର୍ଷ ଦ୍ୱିତୀୟ ବର୍ଷରେ ପହଞ୍ଚିଛି। ଗୁରୁବାରଠାରୁ ଅଷ୍ଟମୀ ପୂଜା ଆରମ୍ଭ ହେବ। ଏଥିପାଇଁ ବୁଧବାର କଳସ ଶୋଭାଯାତ୍ରା କରାଯାଇଥିଲା। ନିକଟସ୍ଥ ବାଇଗଣୀ ଯୋରରୁ ଶତାଧିକ ମହିଳା ଜଳ ପୂର୍ଣ୍ଣ କଳସ ଆଣିଥିଲେ। ଢୋଲ,ନିସନ, ତାସା ଆଦି ପାଞ୍ଚ ବାଦ୍ୟ ସହିତ ଘଣ୍ଟ, ଶଙ୍ଖ, ହରିବୋଲ, ହୁଳହୁଳିରେ ଏକ ଆଧ୍ୟାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା। ସମାରୁ ନାଏକ ଓ ହେମକାନ୍ତି ନାଏକ କର୍ତ୍ତା କାର୍ଯ୍ୟ ସମ୍ପାଦନା କରିଥିଲେ। ପୂଜା କମିଟି ସଭାପତି ସୁଶୀଲ ପାଣ୍ଡେ, ସମ୍ପାଦକ ବିପିନ ଚୌଧୁରୀ, କୋଷାଧ୍ୟକ୍ଷ ବବୁଲ ମହାପାତ୍ରଙ୍କ ସମେତ ଅନ୍ୟ ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନାରେ ସମ୍ପାଦନ କରିଥିଲେ।



ଖଣ୍ଡହତାରେ ଦୁର୍ଗାପୂଜା ପାଇଁ ବାହାରିଥିବା କଳସ ଶୋଭାଯାତ୍ରା।

### ତ୍ରିବେଣୀ ଛକ ଦୁର୍ଗା ମନ୍ଦିରରେ କାଳରାତ୍ରୀ ବେଶ

ପୂଜା ମଣ୍ଡପରେ କଳସ ସ୍ଥାପନ ପରେ ସପ୍ତମୀ ପୂଜା ଆରମ୍ଭ ହୋଇଥିଲା। ଗୁରୁବାର ଅଷ୍ଟମୀ ପୂଜା ସହିତ ହୋମ, ପୁଷ୍ପାଞ୍ଜଳି, ସନ୍ଧ୍ୟା ଆଳତି ଆଦି କାର୍ଯ୍ୟକ୍ରମ ହେବ। ସେହିପରି ବୀରମହାରାଜପୁର ତ୍ରିବେଣୀ ଛକ ସ୍ଥିତ ଦୁର୍ଗା ମନ୍ଦିରରେ ଦେବୀ ଦୁର୍ଗାଙ୍କ କାଳରାତ୍ରୀ ବେଶ କରାଯାଇଥିଲା। ଅମରପାଲି ଦୁର୍ଗା ମନ୍ଦିରରେ ସପ୍ତମୀ ପୂଜା କରାଯାଇଥିଲା। ବିଦ୍ୟାଧର ସାହୁ ଓ ରାଜଶ୍ରୀ ସାହୁ କର୍ତ୍ତା ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ।

# ଉଫୁଲା ପଞ୍ଚାୟତରେ ସାମାଜିକ ସମୀକ୍ଷା ଗ୍ରାମସଭା

**ଅମରପାଲି, ୯।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ଉଫୁଲା ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟରେ ମହାତ୍ମା ଗାନ୍ଧୀ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା ହିତାଧିକାରୀ, ଅଣକୁଶଳୀ ଶ୍ରମିକଙ୍କୁ ନେଇ ସାମାଜିକ ସମୀକ୍ଷା ଗ୍ରାମ ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ସରପଞ୍ଚ ଶ୍ରୀୟା କର୍ମୀ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରିଥିଲେ। ଏହି ସମୀକ୍ଷା ଗ୍ରାମସଭାରେ ପ୍ରଧାନମନ୍ତ୍ରୀ ଆବାସ ହିତାଧିକାରୀ ଗୃହ ନିର୍ମାଣ ବେଳେ ସୃଷ୍ଟି ଶ୍ରମ ଦିବସର ଦେୟ ପ୍ରଦାନ ସମ୍ପର୍କରେ ସମୀକ୍ଷା ହୋଇଥିଲା। ଓସାଟର ଭିଆରପି ପଙ୍କଜିନୀ ରଥ, ଆରତୀ ମିଶ୍ର ଓ ଯଶୋବନ୍ତି ପଧାନ ସାମାଜିକ ଗ୍ରାମସଭାରେ କ୍ଷେତ୍ର ପରିଦର୍ଶନ ରିପୋର୍ଟ ଉପସ୍ଥାପନ କରିଥିଲେ। ଗ୍ରାମ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ ଗୌରଚନ୍ଦ୍ର ସାହୁ, ଗ୍ରାମ ରୋଜଗାର ସେବକ, ଏଡ଼ିଇଓ ହେମନ୍ତ ଶତପଥୀ ଓ ଗ୍ରାମସାଥୀ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ଆଜିଠାରୁ ତିହାର ଲୋକ ମହୋତ୍ସବ

**ସରଣ୍ଡା,୯।୧୦(ଯୁଧିଷ୍ଠିର ମହାପାତ୍ର)**

- ଯୋଗ ଦେବେ ୨୫୦ ଜଣ କଳାକାର
- ସମ୍ବର୍ଦ୍ଧିତ ହେବେ ପଶ୍ଚିମ ଓଡ଼ିଶାର ବହୁ ପ୍ରତିଭା

ବରଗଡ଼ ଜିଲା ଅତାବିରା ତିହାର ଲୋକ ମହୋତ୍ସବ ସମିତି ପକ୍ଷରୁ ଆୟୋଜିତ ଲୋକ ମହୋତ୍ସବ ତିହାରର ୧୪ତମ ସଂସ୍କରଣ ଗୁରୁବାର ସନ୍ଧ୍ୟାରେ ଉଦ୍‌ଘାଟିତ ହେବ। ସ୍ଥାନୀୟ ବସଷ୍ଟାଣ୍ଡ ପାଖ ମୀନାର ବନ୍ଧ ପଡ଼ାରେ ଥିବା ଲୋକମଞ୍ଚ ପଡ଼ିଆରେ ଅନୁଷ୍ଠିତ ଏହି ମହୋତ୍ସବକୁ ଏମ୍‌ପି ପ୍ରଦୀପ ପୁରୋହିତ ଉଦ୍‌ଘାଟନ କରିବେ। ତିହାର ଲୋକ ମହୋତ୍ସବ ସମିତିର ସଭାପତି ଅତାବିରା ବିଧାୟକ ନିହାର ରଞ୍ଜନ ମହାନନ୍ଦଙ୍କ ସଭାପତିତ୍ୱ ଓ ସଂଯୋଜକ ରବି ପଣ୍ଡାଙ୍କ ସଂଯୋଜନାରେ ଅନୁଷ୍ଠିତ ହେବାକୁ ଥିବା ମହୋତ୍ସବରେ ପଶ୍ଚିମ ଓଡ଼ିଶାର ବହୁଲବ୍ଧ ପ୍ରତିଷ୍ଠ ସାଂସ୍କୃତିକ ଦଳର ପାଖାପାଖି ୨୫୦ରୁ ଉର୍ଦ୍ଧ୍ୱ କଳାକାର ଯୋଗ ଦେବାର କାର୍ଯ୍ୟକ୍ରମ ରହିଛି। ସମାଜରେ ବିଭିନ୍ନ କ୍ଷେତ୍ରରେ ପ୍ରତିଷ୍ଠା ଲାଭ କରିଥିବା ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯିବ। ଏହା ୩ ଦିନ ଧରି ଚାଲିବ।

# ଯୁବ ରେଡକ୍ରସ ସ୍ୱେଚ୍ଛାସେବୀଙ୍କୁ ସ୍ୱାଗତ



ସୁବଳୟା କଲେଜରେ ଉପସ୍ଥିତ ଛାତ୍ରୀଛାତ୍ର।

**ଅମରପାଲି,୯।୧୦(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ବୀରମହାରାଜପୁର ବ୍ଲକ ସୁବଳୟା ଯୁକ୍ତ ୨ ମହାବିଦ୍ୟାଳୟରେ ଯୁବ ରେଡକ୍ରସର ନୂତନ ସ୍ୱେଚ୍ଛାସେବୀମାନଙ୍କୁ ସ୍ୱାଗତ କରାଯାଇଛି। ବୁଧୁବାର ଅନୁଷ୍ଠିତ ସ୍ୱାଗତ ସମାରୋହରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଭୋଲାନାଥ କର୍ମୀ ସଭାପତିତ୍ୱ କରିଥିଲେ। ବୀରମହାରାଜପୁର ମହାବିଦ୍ୟାଳୟ ଇଂଲିଶ ବିଭାଗ ଅଧ୍ୟାପକ ବିଜୟ କୁମାର ପୁରୋହିତ ସାଧନ ବ୍ୟକ୍ତି ଭାବେ ଯୋଗଦେଇଥିଲେ। ଯୁବ ରେଡକ୍ରସର ନୂତନ ସଦସ୍ୟ ଛାତ୍ରୀଛାତ୍ରମାନଙ୍କୁ କିପରି ମାନବ ସେବା, ବନ୍ଧୁତା, ଶାନ୍ତି ଓ ମାନବ ଜାତି ପ୍ରତି ସମ୍ମାନବୋଧ ପାଇଁ ଆକୃଷ୍ଟ କରିହେବ ସେ ନେଇ ଆହ୍ୱାନ କରିଥିଲେ। ଯୁବ ରେଡକ୍ରସ ପରାମର୍ଶଦାତା ଦେବାଶିଷ ପଧାନ କାର୍ଯ୍ୟକ୍ରମର ଆଭିମୁଖ୍ୟ ପ୍ରଦାନ କରିଥିଲେ। ଅଧ୍ୟାପକ ରମାକାନ୍ତ ପୁରୋହିତ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସଞ୍ଜୟ ମେଣ୍ଡିଲ, ଅର୍ପିତ ନାୟକ, ପ୍ରଜ୍ଞା କଳ୍ପିତ ନାୟକ, ମିତା ପଧାନ, ଗୋପାଳ ଭୋଇ, ଦିଲୀପ ମେହେର ପ୍ରମୁଖ ସହଯୋଗ କରିଥିଲେ।

# ବାଉଁଶୁଣୀ ଷ୍ଟାର କ୍ଲବ ପକ୍ଷରୁ ଦୁର୍ଗାପୂଜା

**ବାଉଁଶୁଣୀ,୯।୧୦( ଦେବାଶିଷ ନେପାକ)**

ବୌଦ୍ଧ ଜିଲା ବାଉଁଶୁଣୀ ଷ୍ଟାର କ୍ଲବ ତରଫରୁ ଚଳିତବର୍ଷ ଦୁର୍ଗାପୂଜା ଧୂମଧାମରେ ପାଳିତ ହେଉଛି । ବୁଧବାର ଦିନ ପୂଜକ ଭାବରେ ଅକ୍ଷୟ କୁମାର ମିଶ୍ର, ସଞ୍ଜୟ ମିଶ୍ର ଓ କିରଣ ତ୍ରିପାଠୀ ପୂଜା କାର୍ଯ୍ୟ ତୁଲାଇଥିଲେ। କର୍ତ୍ତା ଭାବରେ ଅଶ୍ୱିନୀ ତ୍ରିପାଠୀ ଓ ତାଙ୍କ ସ୍ତ୍ରୀ ଶୁଭଶ୍ରୀ ତ୍ରିପାଠୀ ବସିଥିଲେ। ମଙ୍ଗଳବାର ସନ୍ଧ୍ୟାରେ ପ୍ରଥମେ କମିଟିର ସମସ୍ତ ସଦସ୍ୟ ଓ ଡିମିରିପାଲି ଗ୍ରାମର ମହିଳାମାନେ ଏକତ୍ରିତ ହୋଇ ବାଘନଦୀରୁ କଳସୀରେ ଜଳ ଆଣି ପୂଜା ମଣ୍ଡପରେ ସ୍ଥାପନ କରିଥିଲେ । ଚଳିତବର୍ଷ ମା' ଦୁର୍ଗା ରୁପା ମୁକୁଟ ପିନ୍ଧି ଭକ୍ତଙ୍କୁ ଦର୍ଶନ ଦେବେ। ପ୍ରତ୍ୟେକ ଦିନ ସନ୍ଧ୍ୟାରେ ବିଭିନ୍ନ ପ୍ରକାର ସାଂସ୍କୃତିକ କାର୍ଯ୍ୟକ୍ରମ ହେବା ସହ ରାତିରେ ରାବଣ ଦରବାର ଅନୁଷ୍ଠିତ ହେବ ବୋଲି କମିଟିର ସଭାପତି କନ୍ଦର୍ପ ସେଠୀ କହିଛନ୍ତି। ଗୋଛାପଡା,ବହିରା, ଜୁରାମୁଣ୍ଡା, ସାହାଜପାଲ, ଦହ୍ୟା ସମେତ ଅନ୍ୟ କେତେକ ସ୍ଥାନରେ ଦୁର୍ଗାପୂଜା ଅନୁଷ୍ଠିତ ହେଉଛି। ପୂଜା ପାଇଁ ବାଉଁଶୁଣୀ ଓ ତାର ଆଖପାଖ ଅଞ୍ଚଳ ଉତ୍ସବମୁଖର ହୋଇଉଠିଛି ।



# ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ

**ବୌଦ୍ଧ,୯।୧୦(ଅଜିତ କୁମାର ବାରିକ)**

ଜିଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ଆନ୍ତର୍ଜାତିକ ବାଳିକା ଦିବସ ଜିଲାସ୍ତରରେ ବୁଧବାର ଦିନ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ସୁବ୍ରତ୍ର କୁମାର ପଣ୍ଡା ଯୋଗଦେଇ ବାଳିକାମାନଙ୍କ ପାଇଁ ଉଦ୍ଦିଷ୍ଟ ସମସ୍ତ ଯୋଜନା ଠିକ ଭାବରେ କାର୍ଯ୍ୟକାରୀ କରିବା ସହ ଯୋଗ୍ୟ ହିତାଧିକାରୀ ଚୟନ କରି ସାମିଲ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୌଣସି ଶିଶୁଙ୍କୁ ଅସହାୟ ଅବସ୍ଥାରେ ଦେଖିଲେ, ଶିଶୁ ଚାଲାଣ କିମ୍ବା ବାଲ୍ୟ ବିବାହ ନେଇ ସୂଚନା ପାଇଲେ ପ୍ରଶାସନକୁ ସୂଚନା ଦେବା ପାଇଁ ଅନୁରୋଧ କରିଥିଲେ। ଶିଶୁମାନଙ୍କର ଶିକ୍ଷା, ପୋଷଣ, ସ୍ୱାସ୍ଥ୍ୟ ଓ ସୁରକ୍ଷା ଦିଗରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପର୍ଯ୍ୟବେକ୍ଷକ ସରୋଜ ସାହୁ ଝିଅମାନଙ୍କୁ ପୁଅମାନଙ୍କ ପରି ସମାନ ସୁବିଧା ଦିଆଗଲେ ସେମାନେ ସବୁ କ୍ଷେତ୍ରରେ ପାରଦର୍ଶତା ଲାଭ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଯୋଗଦେଇ ଉପଯୁକ୍ତ ସୁଯୋଗ ଦେଲେ ଝିଅମାନେ ମଧ୍ୟ ସବୁ କ୍ଷେତ୍ରରେ ସଫଳତା ପାଇ ପାଇପାରିବେ ବୋଲି କହିଥିଲେ। ଡା. କିଶୋର ଚନ୍ଦ୍ର ପଟ୍ଟନାୟକ, ଡିଏସପି ସଂଯୁକ୍ତା ବାର୍ଲା, ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରୁ , ଜିଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା ନିଜ ନିଜର ମତବ୍ୟକ୍ତ କରିଥିଲେ । ଏହି ଅବସରରେ ବାଳିକାମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଦିଗରେ ସେବା ଯୋଗାଉ ଥିବା ଆଶା କର୍ମୀ କୌତକି ନାଏକ, ଦେବକୀ ବାରିକ, ସୂର୍ଯ୍ୟକାନ୍ତି ଭୋଇ, ଏଏନଏମ ସସ୍ମିତା କହଁର, ରଶ୍ମିରେଖା ପଣ୍ଡା, ସୁଜାତା ସାହୁ, ଅଙ୍ଗନୱାଡି କର୍ମୀ, ସସ୍ମିତା ବେହେରା, ବି. ଦାଶ, ସଙ୍ଗୀତା କର୍ଣ୍ଣ, ହରପ୍ରିୟା ତ୍ରିପାଠୀ, ପଦ୍ମଜା ପତି ଓ ସଂଯୁକ୍ତା ବାର୍ଲାଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଭିଭାବକ ସାମିଲ ଥିଲେ ।




ଜଣେ ଆଶା କର୍ମୀଙ୍କୁ ସମ୍ମାନିତ କରାଯାଉଛି।

# ସୁବର୍ଣ୍ଣପୁରରେ ୨ଲକ୍ଷ ସଭ୍ୟ ସଂଗ୍ରହ କରିବ ବିଜେଡି

**ସୋନପୁର,୯।୧୦(ମୃତ୍ୟୁଞ୍ଜୟ ଶତପଥୀ)**

ବିଜୁ ଜନତା ଦଳ(ବିଜେଡି) ବୁଧବାର ଠାରୁ ସଭ୍ୟ ସଂଗ୍ରହ ଅଭିଯାନର ଶୁଭାରମ୍ଭ କରିଛି। ବିରୋଧି ଦଳର ନେତା ତଥା ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଭୁବନେଶ୍ୱର ଶଙ୍ଖ ଭବନରୁ ନିଜେ ସଦସ୍ୟତା ଗ୍ରହଣ କରି ଏହି ଅଭିଯାନର ଶୁଭାରମ୍ଭ କରିଛନ୍ତି। ଏହି କ୍ରମରେ ସୁବର୍ଣ୍ଣପୁର ଟାଉନ ହଲରେ ଜିଲାସ୍ତରୀୟ ଅଭିଯାନର ଶୁଭାରମ୍ଭ ହୋଇଛି। ନବୀନ ଭିଡିଓ କନ୍‌ଫେରେନ୍ସ ଯୋଗେ କାର୍ଯ୍ୟକ୍ରମରେ ସାମିଲ ହେବା ସହ ଦଳୀୟ ନେତା ଓ ସମର୍ଥକଙ୍କୁ ଉଦ୍‌ବୋଧନ ଦେଇଥିଲେ। ଦଳରେ ଅଧିକ ସଂଖ୍ୟକ ଯୁବକ ଓ ମହିଳାଙ୍କୁ ସାମିଲ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଜେଡି ସୁବର୍ଣ୍ଣପୁର ଜିଲା ସଭାପତି ସରୋଜ କୁମାର କର୍ମ ସଭାରେ ଅଧ୍ୟକ୍ଷତା କରି ଜିଲାରେ ୨ ଲକ୍ଷ ସଭ୍ୟ ସଂଗ୍ରହ କରିବାକୁ ଲକ୍ଷ୍ୟ ଥିବା କହିଥିଲେ। ଦଳୀୟ କର୍ମୀମାନେ ଘରକୁ ଘର ବୁଲି ଉଭୟ ଅଫଲାଇନ୍ ଓ ଅନଲାଇନ୍‌ରେ ସଭ୍ୟ ସଂଗ୍ରହ କରିବାକୁ ପରାମର୍ଶ ଦେଇଥିଲେ। ପ୍ରାକ୍ତନ ମନ୍ତ୍ରୀ ତଥା ସୋନପୁର ବିଧାୟକ ନିରଞ୍ଜନ ପୂଜାରୀ



ଜିଲାସ୍ତରୀୟ ସଭ୍ୟ ସଂଗ୍ରହ ଅଭିଯାନରେ ଦଳୀୟ ନେତୃବୃନ୍ଦ।

### ଜିଲାସ୍ତରୀୟ ସଭ୍ୟସଂଗ୍ରହ ଅଭିଯାନର ଶୁଭାରମ୍ଭ

ଏଥିରେ ଯୋଗଦେଇ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜନ୍ମ ଦିବସରୁ ଆରମ୍ଭ ହୋଇଥିବା ଏହି ଅଭିଯାନ ଦୀର୍ଘ ୨ ମାସ ଧରି ଚାଲିବ ବୋଲି କହିଥିଲେ। ପ୍ରତି ୩ ବର୍ଷରେ ଥରେ ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଥାଏ। ତେଣୁ ଦଳରେ ସବୁ ବର୍ଗର ଲୋକଙ୍କୁ ସାମିଲ କରିବା ସହ ତୃଣମୂଳସ୍ତରରୁ ସଂଗଠନକୁ ପୂର୍ବ ଭଳି ସୁଦୃଢ କରିବା ଉପରେ ସେ ଗୁରୁତ୍ୱାରୋପ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଜେଡି ଜିଲା ଉପସଭାପତି କଇରୁ ସ୍ୱାଇଁ, ରମେଶ ପୂଜାରୀ, ଜିଲା ସାଧାରଣ ସମ୍ପାଦକ ଅଭିମନ୍ୟୁ କୁଶଳ, ଜିଲା ମହିଳା ବିଜେଡି ସଭାନେତ୍ରୀ ପଦ୍ମିନୀ ବଘାର, ଯୁବ ବିଜେଡି ଜିଲା ସଭାପତି ଅଶୋକ ନନ୍ଦ, ଡୁଙ୍ଗୁରିପାଲି ବ୍ଲକ ବିଜେଡି ସଭାପତି ହିମାଂଶୁ ଶେଖର ବିଶ୍ୱାଳ, ବୀରମହାରାଜପୁର ବ୍ଲକ ସଭାପତି ସ୍ୱୟମ୍ଭୁନାଥ ଖଣ୍ଡଗିରି, ଉଲୁଣ୍ଡା ବ୍ଲକ ସଭାପତି ତଥା ଜିଲା ପରିଷଦ ଉପାଧ୍ୟକ୍ଷ ଝସକେତନ ବଘାର, ତରଭା ବ୍ଲକ ସଭାପତି ହେମନ୍ତ ସାହୁ, ସୋନପୁର ବ୍ଲକ ସଭାପତି ଶଙ୍କର ପ୍ରସାଦ ସା, ବିନିକା ବ୍ଲକ ସଭାପତି ଦ୍ୱାରିକାନାଥ ସାହୁ, ତରଭା ଟାଉନ ସଭାପତି ଗଗନ ଅଗ୍ରୱାଲା, ସୁବର୍ଣ୍ଣପୁର ଟାଉନ ସଭାପତି ଜନ୍ମେଜୟ ପାତ୍ର, ସୁବର୍ଣ୍ଣପୁର ପୌରାଧକ୍ଷା ତାମସି ତାମସ୍ମିତା ନାୟକ, ନାରାୟଣ ଲୁହା, ପ୍ରାକ୍ତନ ନଗରପାଳ ପ୍ରକାଶ ସାହୁ, ଜିଲା ପରିଷଦ ଅଧକ୍ଷା ସୁପାର ଠେଲା, ସୋନପୁର ବ୍ଲକ ଅଧକ୍ଷ ପ୍ରହଲ୍ଲାଦ ନାୟକ, ମକରଧ୍ୱଜ ସାହୁ, ସମସ୍ତ ଜିଲା ପରିଷଦ ସଦସ୍ୟ, କାଉନସିଲର, ଦଳ ସମର୍ଥିତ ସରପଞ୍ଚ, ସମିତି ସଭ୍ୟ ମାନେ ଯୋଗଦାନ କରିଥିଲେ।

## ସଂକ୍ଷେପରେ

### ସାପ କାମୁଡ଼ାରେ ନାବାଳିକା ମୃତ

**ଲହୁଣୀପଡ଼ା,୯।୧୦(ଦାଶରଥି ପଣ୍ଡା) :** ସୁନ୍ଦରଗଡ଼ ଜିଲା ଲହୁଣୀପଡା ଥାନା ଅନ୍ତର୍ଗତ ଦର୍ଜ଼ି ପଞ୍ଚାୟତ ଗୋଉଡୁଣୀପୋଷ ଗ୍ରାମରେ ବିଷାକ୍ତ ସାପ କାମୁଡାରେ ଜଣେ ନାବାଳିକାଙ୍କ ମୃତ୍ୟୁ ଘଟିଛି। ସେ ହେଲେ ସରସ୍ୱତୀ ମୁଣ୍ଡା (୧୭)। ଲହୁଣୀପଡା ପୋଲିସ ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ସହ ଏକ ମାମଲା ରୁଜୁ କରୁଛି। ସୂଚନାଯୋଗ୍ୟ, ମଙ୍ଗଳବାର ରାତିରେ ସରସ୍ୱତୀ ଶୋଇଥିବା ବେଳେ ଏକ ସାପ ତାଙ୍କୁ କାମୁଡି ଦେଇଥିଲା। ପରିବାର ଲୋକେ ତାଙ୍କୁ ପ୍ରଥମେ ବଣାଇଁ ଡାକ୍ତର ଖାନା ଏବଂ ପରେ ଲହୁଣୀପଡା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ସୁନା ଦୋକାନରୁ ଚୋରି

**ବଡ଼ଗାଁ,୯।୧୦(ଅଶୋକ ଷଡ଼ଙ୍ଗୀ):** ସୁନ୍ଦରଗଡ଼ ଜିଲା ବଡ଼ଗାଁ ଷ୍ଟେଟ ବ୍ୟାଙ୍କ ପାର୍ଶ୍ୱରେ ଥିବା ଏକ ଜୁଏଲାରୀ ଦୋକାନରୁ ସୋମବାର ରାତିରେ ଚୋରି ହୋଇଛି। ଚୋରମାନେ ଦୋକାନ କାନ୍ଥରେ କଣା କରି ଭିତରେ ପଶିଥିଲେ। ମଙ୍ଗଳବାର ପୂର୍ବାହ୍ନରେ ବଳଦେବ ସାଥୁଆ ଦୋକାନ ଖୋଲିବା ପରେ ଚୋରି ହୋଇଥିବା ଦେଖି ଥାନାରେ ଜଣାଇଥିଲେ। ପୂର୍ବରୁ ମଧ୍ୟ ଏହି ଦୋକାନରୁ ଚୋରି ହୋଇଥିଲା ଓ ଚୋର ଧରାପଡିଥିଲେ। ଦୋକାନରୁ ୨୦ ହଜାର ଟଙ୍କାର ସୁନା, ରୁପା ଗହଣା ଚୋରି ହୋଇଥିବା ଜଣାପଡିଛି।

### ଦୁର୍ଗା ପୂଜାକୁ ଦୃଷ୍ଟିରେ ଯାନବାହନ ଯାଞ୍ଚ ଅଭିଯାନ

**ବନ୍ଧମୁଣ୍ଡା,୯।୧୦(ସୁବ୍ରତ ଦେ):** ଦୁର୍ଗା ପୂଜାକୁ ଦୃଷ୍ଟିରେ ରଖି ବୁଧବାର ସନ୍ଧ୍ୟାରେ ବନ୍ଧମୁଣ୍ଡାର ମୁଖ୍ୟ ରାସ୍ତାରେ ପୋଲିସ ପକ୍ଷରୁ ଯାଞ୍ଚ ଅଭିଯାନ ଚାଲିଛି। ଥାନା ଅଧିକାରୀ ଚିତ୍ତରଞ୍ଜନ ନାୟକ ଏହି ଯାଞ୍ଚ ଅଭିଯାନରେ ସାମିଲ ହେଇଥିଲେ। ଥାନା ଅଧିକାରୀ ନାୟକ କହିଛନ୍ତି, ରାଉରକେଲା ଏସପି ନୀତେଶ ୱାଦୱାନୀଙ୍କ ନିର୍ଦ୍ଦେଶରେ ଦୁର୍ଗା ପୂଜା ସମୟରେ ଲୋକଙ୍କ ସୁରକ୍ଷା ପାଇଁ ଏହି ଯାଞ୍ଚ ଅଭିଯାନ ଚାଲିଛି।

### ଟେନ୍‌ସା କଳାପରିଷଦ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ

**ଟେନସା,୯।୧୦(ସମୀର କୁମାର ପାଢୀ):** ସୁନ୍ଦରଗଡ଼ ଜିଲା ଟେନସା କଳାପରିଷଦ ପକ୍ଷରୁ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବରସୁଆଁ ଲୌହ ଖଣିର ସିଜିଏମ ହିମାଂଶୁ ମିଶ୍ର, ସମ୍ମାନିତ ଅତିଥି ଟେନସା ସରପଞ୍ଚ ଅନୀତା ପୂର୍ତ୍ତି, ଟେନସା ଫାଣ୍ଡି ଅଧିକାରୀ ସୁଦର୍ଶନ ଦେହୁରୀ ପ୍ରମୁଖ ଯୋଗଦେଇ ପ୍ରଥମେ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରିଥିଲେ। ଏହି ଅବସରରେ କଳାପରିଷର କର୍ମକର୍ତ୍ତା ଡା.ଏପି ପଣ୍ଡା, ଭଗବାନ ନାୟକ, ଯଶୋବନ୍ତ ବେହେରା, ପି.ଏଲ ପରିଡା ପ୍ରମୁଖ ଟେନସା ପାରିପାର୍ଶ୍ୱିକ ଅଞ୍ଚଳରେ ଥିବା ୩୦୦ରୁ ଉର୍ଦ୍ଧ୍ୱ ଦିନ ଦରିଦ୍ରଙ୍କୁ ନିମନ୍ତ୍ରଣ କରି ଅନ୍ନଭୋଜନ କରାଇବା ସହ ବସ୍ତ୍ର ପ୍ରଦାନ କରିଥିଲେ।

### ଖବର ପ୍ରକାଶ ପରେ ସୁରକ୍ଷା ପ୍ରାଚୀର ନିର୍ମାଣ ହେଲା

**ସୋନପୁର,୯।୧୦(ମୃତ୍ୟୁଞ୍ଜୟ ଶତପଥୀ)** ସୁବର୍ଣ୍ଣପୁର ସହର ପଟାଭାଡି ସ୍ଥିତ ମାରୁତି ନଗରରେ ଥିବା ବିଦ୍ୟୁତ୍ ଟ୍ରାନ୍ସଫର୍ମରର ସୁରକ୍ଷା ପ୍ରାଚୀର ନିର୍ମାଣ ହୋଇଛି। ପୂର୍ବରୁ ଏହା ଅସୁରକ୍ଷିତ ଭାବେ ମୁକୁଳା ପଡ଼ିଥିଲା। ଟ୍ରାନ୍ସଫର୍ମର ମୁକୁଳା ପଡ଼ିଥିବା ନେଇ ଅଗଷ୍ଟ ୧୦ରେ ଧରିତ୍ରୀରେ ଖବର ପ୍ରକାଶ ପାଇଥିଲା। ଉକ୍ତ ଖବରକୁ ସାମାଜିକ କର୍ମୀ ସର୍ଜନ ପାଣ୍ଡେ ଟୁଇଟର ଏବଂ ଓଡ଼ିଶା ସରକାରଙ୍କ ଜନଶୁଣାଣି ପୋର୍ଟାଲରେ ବିଭାଗ ଓ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଥିଲେ। ପରେ ବିଦ୍ୟୁତ୍‌ବିଭାଗ ପକ୍ଷରୁ ଉକ୍ତ ସ୍ଥାନରେ ସୁରକ୍ଷା ପ୍ରାଚୀର ନିର୍ମାଣ ହୋଇଛି।

### ୧୨ ନମ୍ବର ବିହୀନ ବାଇକ୍ ଜବତ

**ବେଦବ୍ୟାସ,୯।୧୦(ଆଲୋକ ସ୍ୱାଇଁ):** ବ୍ରାହ୍ମଣୀତରଙ୍ଗ ଥାନା ଅଞ୍ଚଳରେ ହେଉଥିବା ଏମ୍‌ଭିଆଇ ଯାଞ୍ଚରେ ପ୍ରାୟ ୧୨ଟି ନମ୍ବର ପ୍ଲେଟ ବିହୀନ ବାଇକ ଜବତ ହୋଇଛି। ଏ ନେଇ ଆଞ୍ଚଳିକ ପରିବହନ ବିଭାଗକୁ ଚିଠିଲେଖି ଗାଡ଼ି ମାଲିକଙ୍କଠାରୁ ଜରିମାନା ଆଦାୟ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏ ନେଇ ଥାନା ଅଧୀକାରୀ କ୍ଷିତିଶ ଚନ୍ଦ୍ର ପାତ୍ର ସୂଚନା ପ୍ରଦାନ କରିଛନ୍ତି। ନମ୍ବର ପ୍ଲେଟ ଲଗାଯିବା ପରେ ଗାଡ଼ିଗୁଡ଼ିକ ସତ୍ତ୍ୱାଧିକାରୀଙ୍କୁ ଦିଆଯିବ ବୋଲି କୁହାଯାଇଛି।

# ୭୬ବର୍ଷରେ ରଙ୍ଗାଢିପା ଦୁର୍ଗା ପୂଜା



**ସୁନ୍ଦରଗଡ,୯।୨୦(ଜୟ ନାରାୟଣ ମେଣ୍ଡୁଲି)**

ଦୁର୍ଗା ପୂଜା ପାଇଁ ଏବେ ଗାଁରୁ ସହର ଚଳଚଞ୍ଚଳ ହୋଇ ଉଠିଲାଣି। ବୁଧବାର ସନ୍ଧ୍ୟାରୁ ବିଲ୍ୱବରଣ ଓ କଳସ ସ୍ଥାପନ ପରେ ପୂଜା ମଣ୍ଡପ ଗୁଡିକରେ ଆରମ୍ଭ ହୋଇଛି ମା'ଙ୍କ ପୂଜା। ମା'ଙ୍କ ଆଗମନୀ ପରେ ଚଣ୍ଡୀ ପାଠ, ଶଙ୍ଖ ନାଦ, ଢୋଲ ନିଶାନ ବାଦ୍ୟରେ ମୁଖରିତ ହୋଇ ଉଠିଛି ପୂଜା ମଣ୍ଡପ। ସୁନ୍ଦରଗଡ଼ ସହରରେ ମୋଟ ୧୧ଟି ପୂଜା ମଣ୍ଡପରେ ମା' ପୂଜା ପାଉଛନ୍ତି। ଏଥି ମଧ୍ୟରେ ରଙ୍ଗାଢିପା ଦୁର୍ଗା ପୂଜା ଚଳିତ ବର୍ଷ ୭୬ ବର୍ଷରେ ପଦାର୍ପଣ କରିଛି।୧୯୪୯ ମସିହାରେ ପ୍ରଥମ ଥର ଏଠାରେ ସ୍ୱର୍ଗତ ତ୍ରିବିକ୍ରମ ଜେନା, ଅକ୍ଷୟ କୁମାର ପଟ୍ଟନାୟକ, ପଦ୍ମନାଭ ନାଏକଙ୍କ ଘର ବାରଣ୍ଡାରେ ପଡାବାସୀ ନିଜସ୍ୱ ପ୍ରଚେଷ୍ଟାରେ ମାଟି ମୂର୍ତ୍ତି ତିଆରି କରି ଦୁର୍ଗାପୂଜା ଆରମ୍ଭ କରିଥିଲେ। ତିନି ବର୍ଷ ପରେ ରଙ୍ଗାଢିପା ଛକରେ ପଡାବାସୀଙ୍କ ସହଯୋଗ ଅନୁଦାନରେ ପୂଜା ମଣ୍ଡପରେ ମା'ଙ୍କ ପୂଜା କରାଯାଇ ଆସୁଅଛି। ସହରର ଏହା ଅନ୍ୟତମ ପୁରାତନ ପୂଜା କମିଟି। ଏଠାରେ ରାବଣପୋଡି ଉତ୍ସବ ମଧ ହୋଇଥାଏ। ପୂଜା କମିଟି ତରଫରୁ ଏବେ ମା'ଙ୍କ ଭବ୍ୟ ମନ୍ଦିର ନିର୍ମାଣ ହୋଇଛି। ଗତ ୨୬ ବର୍ଷ ହେବ ସଭାପତି ଓ ସମ୍ପାଦକ ଭାବେ ଦାୟିତ୍ୱ ସୂଚାରୁ ରୂପେ ନିର୍ବାହ କରି ଆସୁଥିବା ସୁରେନ ଦାଶ ଓ ବଟକିଶୋର ମିଶ୍ର ଚଳିତ ବର୍ଷ ମଧ ଏହି ଦାୟିତ୍ୱ ନିର୍ବାହ କରୁଛନ୍ତି। ସଭାପତି ସୁରେନ ଦାଶ ରହିଛନ୍ତି। ସେହିପରି କମିଟିର ସଦସ୍ୟ ଭାବେ ହରେକୃଷ୍ଣ ମିଶ୍ର, ଗୋପାଳ ଚନ୍ଦ୍ରଶେଖର, ଅମିୟ ପଟ୍ଟନାୟକ, ସତ୍ୟ ନାରାୟଣ ପ୍ରଧାନ, ରାଜକିଶୋର ଯାଦବ, ପ୍ରମୋଦ ସା,ସତ୍ୟ ରାରାୟଣ ସିଂ,ଅରୁଣ ପ୍ରଧାନ ପ୍ରମୁଖ ସଭ୍ୟଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପୂଜା କାର୍ଯ୍ୟ ପରିଚାଳିତ ହେଉଛି। ଚଳିତ ବର୍ଷ ବ୍ୟୟ ଆଟକଳ ୧୨ଲକ୍ଷ ରହିଛି। ପଣ୍ଡିତ ଉପେନ୍ଦ୍ର ମିଶ୍ର ମୁଖ୍ୟ ପୂଜକ ଭାବେ କାର୍ଯ୍ୟ ତୁଲାଉଛନ୍ତି। ସେହିପରି ପଶ୍ଚିମବଙ୍ଗ ପୁରୁଲିଆର ମୂର୍ତ୍ତିକାରିଗର ସଞ୍ଜୟ ସୂତ୍ରଧର ଚଳିତ ବର୍ଷ ମଧ ମୂର୍ତ୍ତି ଓ ମେଢ ନିର୍ମାଣ କରିଥିଲେ। ଆରମ୍ଭରେ ୭୫୦୦ଟଙ୍କାରେ ମୂର୍ତ୍ତି ତିଆରି କରିଥିବା ବେଳେ ଏଥର ୪୫୦୦୦ଟଙ୍କା ନେଉଛନ୍ତି।

**ପୂଜା କମିଟି କର୍ମକର୍ତ୍ତା ଯାହା କୁହନ୍ତି..**



"ଆମ ରଙ୍ଗାଢିପା ଦୁର୍ଗାପୂଜା ଚଳିତ ବର୍ଷ ୭୬ ବର୍ଷରେ ପଦାର୍ପଣ କରିଛି। ପଡାବାସୀ ଓ ଶ୍ରଦ୍ଧାଳୁଙ୍କ ସହଯୋଗରେ ଏଥର ପୂଜାର ବ୍ୟୟ ଅଟକଳ ୧୨ଲକ୍ଷ ଟଙ୍କା ରଖାଯାଇଛି। ଷଷ୍ଠୀଠାରୁ ଦଶମୀ ପର୍ଯ୍ୟନ୍ତ ମା'ଙ୍କ ପୂଜାର୍ଚ୍ଚନା ସହ ବିଭିନ୍ନ କାର୍ଯ୍ୟକ୍ରମ ରହିଛି।

–ସୁରେନ ଦାଶ, ସଭାପତି

"ଆମ ପଡାବାସୀଙ୍କ ମିଳିତ ସହଯୋଗରେ ପୂଜାକୁ ଅଧିକ ଆକର୍ଷଣୀୟ କରିବାକୁ ଉଦ୍ୟମ କରିଛୁ। ଗୁରୁବାର ସପ୍ତମୀ ତିଥିରେ ସନ୍ଧ୍ୟା ୭ଟା ୩୦ରେ ଭାଇ ଜିଉନ୍ତିଆ ଓଷା ହେବ। ଶୁକ୍ରବାର ଓ ଶନିବାର ସନ୍ଧ୍ୟାରେ ବୁଗି ବୁଗି ଡ୍ୟାନ୍ସ ପ୍ରତିଯୋଗିତା ହେବ। ରବିବାର ରାବଣ ପୋଡି ଆନୁଷ୍ଠିତ ହେବା ସହ ସୋମବାର ଭସାଣୀ ହେବ।

–ବଟକିଶୋର ମିଶ୍ର,ସମ୍ପାଦକ



"ଏହି ଦୁର୍ଗାପୂଜା ଆମ ପଡାବାସୀ ମଧ୍ୟରେ ଏକ ଭାଇଚାରାର ଭାବ ସୃଷ୍ଟି କରିଆସିଛି। ମୋ ବାପା ପୂର୍ବରୁ ଏଠାରେ ପୂଜା କରି ଆସୁଥିଲେ। ଛୋଟ ବେଳୁ କମିଟିର ଜଣେ ସକ୍ରିୟ ସଭ୍ୟ ଭାବେ କାର୍ଯ୍ୟ କରି ଆସୁଅଛି।

–ହରେକୃଷ୍ଣ ମିଶ୍ର, ସଭ୍ୟ

# ବିଜେଡି ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପାଳିତ

**ବଣାଇଁ,୯।୧୦(ପ୍ରଦୀପ ତ୍ରିପାଠୀ)**

ବଣାଇଁ ବିଜେଡି ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ ପାଳିତ ହୋଇଯାଇଛି। ବଣାଇଁଗଡ ଦେଓଗାଁ ଛକରେ ଥିବା ଗୋପବନ୍ଧୁ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ, ଧୂପ, ଦୀପ ଦେଇ ଗୋପବନ୍ଧୁଙ୍କୁ ସ୍ମରଣ କରାଯାଇଥିଲା। ରାଉରକେଲା ବିଜେଡି ଜିଲା କାର୍ଯ୍ୟକାରୀ ସଭାପତି ତଥା ସୁନ୍ଦରଗଡ ଜିଲା କେନ୍ଦ୍ର ସମବାୟ ବ୍ୟାଙ୍କ ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଏକ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଦଳର ବରିଷ୍ଠ ନେତା ତ୍ରିପାଠୀ ଗୋପବନ୍ଧୁଙ୍କ ଜୀବନୀ ଉପରେ ଆଲୋକ ପାତ କରିବା ସହିତ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନରେ ତାଙ୍କର ଭୂମିକା ଉପରେ ବିଷଦ ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଜିଲାପରିଷଦ ଉପାଧ୍ୟକ୍ଷ କମଳ ଲାକ୍ରା, ପୂର୍ବତନ ସୁନ୍ଦରଗଡ଼ ଜିଲାପରିଷଦ ଅଧ୍ୟକ୍ଷ ରଣଜିତ କିଷାନ, ବ୍ଲକ ଉପାଧ୍ୟକ୍ଷା ବୀନିତା ବେହେରା, ଜିଲାପରିଷଦ ଜୁଲିଆନି କାନ୍ଦିର, ଖୁଣ୍ଟଗାଁ ସରପଞ୍ଚ ଜୟନ୍ତୀ ନାଏକ, ରାଜାମୁଣ୍ଡା ସରପଞ୍ଚ ମାଳତି କିଷାନଙ୍କ ସମେତ ଭୁବନ କିଷାନ, ସଞ୍ଜୟ କୁମାର ଦାଶ, ଚନ୍ଦ୍ରମଣି ସାହୁ, ରୋହିତାଶ ମିଶ୍ର, ସିପୁନ ମିଶ୍ର, ଗୋପାଳ ସାହୁ, ଦମୟନ୍ତୀ ସାଣ୍ଡିଲ, ଜୟନ୍ତୀ ମହାନ୍ତ, ଦୌପଦୀ କିଷାନ , ଲକ୍ଷ୍ମୀ କିଷାନ , ରୁକ୍ମଣୀ ସାମଲ, ସୁରଜ ସେଠ, ଅଭିଷେକ ବେହେରା, ଏମ ଡି ସାହେବ, ମନୋଜ ସାହୁ, ଖଗେଶ୍ୱର କିଷାନ, କରୁଣାକର ପାତ୍ର ପ୍ରମୁଖ ଅଂଶ ଗ୍ରହଣ କରି ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧା ସୁମନ ଅର୍ପଣ କରିଥିଲେ ।



ଗୋପବନ୍ଧୁ ଜୟନ୍ତୀ ପାଳନ ଅବସରରେ ଉପସ୍ଥିତ ଅତିଥିମାନେ।

## ବିଦ୍ୟୁତ୍ ଆଘାତରେ ଶ୍ରମିକଙ୍କ ମୃତ୍ୟୁ

**ବୌଦ୍ଧ,୯।୧୦ (ଅଜିତ କୁମାର ବାରିକ)**

ବୌଦ୍ଧ ଜିଲା ପୁରୁଣାକଟକଠାରେ ବିଦ୍ୟୁତ୍ ଆଘାତରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ହେଲେ ମହମ୍ମଦ ମିନାଜ ଅନସାରି (୨୩) ଓ ତାଙ୍କ ଘର ଝାଡଖଣ୍ଡ ରାଜ୍ୟ ଗିରଡିର ବୋଲି ଜଣାପଡିଛି। ପ୍ରକାଶ ଯେ, ବୌଦ୍ଧ ଜିଲାରେ ଖୋର୍ଦ୍ଧା– ବଲାଙ୍ଗୀର ରେଳପଥ କାର୍ଯ୍ୟ ଚାଲିଛି। ବୁଧବାର ସନ୍ଧ୍ୟାରେ ପୁରୁଣାକଟକଠାରେ ଏକ ଓଭର ବ୍ରିଜ କାମ ଠିକା ସଂସ୍ଥା କରୁଥିବା ବେଳେ ଅନସାରି ବିଦ୍ୟୁତ୍ ଆଘାତରେ ଗୁରୁତର ହୋଇଥିଲେ। ତାଙ୍କୁ ପୁରୁଣାକଟକ ମେଡିକାଲ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ ପୁରୁଣାକଟକ ପୋଲିସ ମେଡିକାଲରେ ପହଞ୍ଚି ମୃତ ଶ୍ରମିକଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟ ପଠାଇଥିବା ଜଣାଯାଇଛି।

## ବାଲିଶଙ୍କରାରେ ଡାକ କର୍ମଶାଳା

**ବାଲିଶଙ୍କରା,୯।୧୦(ହୃଦାନନ୍ଦ ବାରିକ):** ବାଲିଶଙ୍କରା ବ୍ଲକ ସବ୍‌ପୋଷ୍ଟ ମାଷ୍ଟର ଦିବ୍ୟ ଲୋଚନ ରାଉତଙ୍କ ଅଧ୍ୟକ୍ଷତାରେ ଡାକ କର୍ମଶାଳା ଓ ଡାକ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥିଭାବେ ଡେପୁଟି ସୁପରଭାଇଜର ପୋଷ୍ଟାଲ ମନୋଜ କୁମାର ବେହେରା ଯୋଗଦେଇ ଜାତୀୟ ଡାକ ଦିବସ ଉପଲକ୍ଷେ ଡାକ ବିଭାଗର ବିଭିନ୍ନ ଯୋଜନା ଉପରେ ଜନସାଧାରଣ ତଥା ଗ୍ରାମୀଣ ଡାକ ସେବକମାନଙ୍କୁ ଅବଗତ କରିଥିଲେ। ଜନସାଧାରଣଙ୍କ ପାଖରେ କିପରି ଯୋଜନା ପହଞ୍ଚି ପାରିବ ସେଥିପ୍ରତି କର୍ମଚାରୀଙ୍କୁ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥିଭାବେ ଏଏସପି ଜଗତରାମ ତାଜନ ଓ ପୋଷ୍ଟାଲ ଇନ୍ସପେକ୍ଟର ରାଜେନ୍ଦ୍ର ପ୍ରସାଦ ଦାସ ପ୍ରମୁଖ ଅଂଶଗ୍ରହଣ କରି ଡାକ ଦିବସ ଉପଲକ୍ଷେ ବିଭିନ୍ନ ଯୋଜନା ଉପରେ ଆଲୋକପାତ କରିଥିଲେ।

# ଅନ୍ତର୍ଜାତୀୟ କନ୍ୟା ଦିବସ ପାଳିତ




**ଲହୁଣୀପଡ଼ା,୯।୧୦(ଦାଶରଥି ପଣ୍ଡା)**

ସୁନ୍ଦରଗଡ ଜିଲା ଲହୁଣୀପଡ଼ା ବ୍ଲକ ରାଜାମୁଣ୍ଡା ପଞ୍ଚାୟତ ଶରଧାପୁର ସ୍ଥିତ ଉଚ୍ଚ ବିଦ୍ୟାଳୟରେ ମଙ୍ଗଳବାର ଆନ୍ତର୍ଜାତୀୟ କନ୍ୟା ଦିବସ ପାଳିତ ହୋଇଯାଇଛି। ଏଥିରେ ଲହୁଣୀପଡ଼ା ସିଡିପିଓ ପୁଷ୍ପାଲତା ନାୟକ,ଏବିଇଓ ଇମାକ୍ରିପା ମିଞ୍ଜ, ଡା,ସୁଧାଂଶୁ ଶେଖର ସାହୁ ଯୋଗଦେଇଥିବା ବେଳେ ପ୍ରଧାନ ଶିକ୍ଷୟିତ୍ରୀ ଶାନ୍ତିଲତା ମାହାନ୍ତ ଅଧ୍ୟକ୍ଷତା କରିଥିଲେ। ରଞ୍ଜନ କୁମାର ପତି ଅନୁଷ୍ଠିତ କାର୍ଯ୍ୟକ୍ରମ ସମ୍ପର୍କରେ ପ୍ରାରମ୍ଭିକ ସୂଚନା ଦେବା ସହିତ ମଞ୍ଚ ପରିଚାଳନା କରିଥିଲେ। ଗ୍ରାମ ଗୁଡିକରେ ଶଖୀ ସହେଲି କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ଏହି କାର୍ଯ୍ୟକ୍ରମରେ କିଶୋରୀ ବାଳିକାମାନେ ପରସ୍ପର ମଧ୍ୟରେ ଅନ୍ତରଙ୍ଗ ଆଳାପ କରିବାର ସୁଯୋଗ ଦିଆଯାଇଥାଏ। ସମାଜରେ ପ୍ରଚଳିତ ଝିଅ ପୁଅର ପାର୍ଥକ୍ୟ ଦର୍ଶାଇ ଝିଅଙ୍କୁ ନିମ୍ନ ଦୃଷ୍ଟିରେ ଦେଖାଯାଉଛି। ତେଣୁ ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଝିଅପୁଅ ଉଭୟ ସମାନ ତାଙ୍କ ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ ବୋଲି ଅତିଥିମାନେ ବାଳିକାଙ୍କୁ ବକ୍ତବ୍ୟ ମାଧ୍ୟମରେ ସୂଚନା ଦେଇଥିଲେ। ଉପସ୍ଥିତ ଛାତ୍ରୀଛାତ୍ରଙ୍କ ମଧ୍ୟରେ ପ୍ରବନ୍ଧ, ଚିତ୍ରାଙ୍କନ, ରଙ୍ଗୋଲି ପ୍ରତିଯୋଗୀତା କରାଯାଇଥିଲା। କୃତି ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁପରଭାଇଜର ପୁଷ୍ପ ମଞ୍ଜରୀ ବେହେରା, ଜାହ୍ନବୀ ମାହାନ୍ତ, ସତ୍ୟ ପ୍ରକାଶ ମିଶ୍ର,ଓ ଶିକ୍ଷୟିତ୍ରୀ ଶିକ୍ଷକମାନେ ପରିଚାଳନା କରିଥିଲେ।

# ଜିଲାସ୍ତରୀୟ ଅନ୍ତର୍ଜାତୀୟ କନ୍ୟା ଦିବସ



କନ୍ୟା ଦିବସ ଅବସରରେ ଉପସ୍ଥିତ ଅତିଥିମାନେ।

**ସୁନ୍ଦରଗଡ,୯।୧୦(ଜୟ ନାରାୟଣ ମେଣ୍ଡୁଲି)**

ଜିଲା ସ୍ତରୀୟ ଆନ୍ତର୍ଜାତୀୟ କନ୍ୟା ଦିବସ ବୁଧବାର ସ୍ଥାନୀୟ ସଦଭାବନା ଭବନଠାରେ ପାଳିତ ହୋଇଯାଇଛି। ଅତିରିକ୍ତ ଜିଲାପାଳ ରବିନାରାୟଣ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ମୁଖ୍ୟ ଅତିଥିଭାବେ ଜିଲା ପରିଷଦ ଅଧ୍ୟକ୍ଷା କୁନ୍ତୀ ପ୍ରଧାନ ଉପସ୍ଥିତ ଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ନିଜେ ସଂଘର୍ଷ କରି ବଞ୍ଚିବାର ରାହା ପାଇଥିବା ଜିଲାର ୧୫ ଜଣ କନ୍ୟାଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସେବାଶ୍ରମ ବେଲଶରର କୁନି ଶିଶୁଙ୍କ ନୃତ୍ୟ ପ୍ରଦର୍ଶନକୁ ମଧ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀମାନେ ଯୋଗଦେଇ ଥିଲେ।

# ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି



**ଲାଠିକଟା,୯।୧୦(ରାମେଶ୍ୱର ଖାଡାଙ୍ଗା)**

ଉତ୍କଳମଣି ଗୋପବନ୍ଧୁ ୱେଲଫେୟାର ଟ୍ରଷ୍ଟ ପକ୍ଷରୁ ଗୋପବନ୍ଧୁଙ୍କ ଜୟନ୍ତୀ ଉତ୍ସବ ଅନୁଷ୍ଠାନର ସମ୍ପାଦକ ଅରୁଣ କୁମାର ପରିଡାଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ବାଲିଯୋଡ଼ି ଛକ ନିକଟସ୍ଥ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ପରିସରରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାନପୋଷ ଉପ ଜିଲାପାଳ ବିଜୟ କୁମାର ନାୟକ, ଆଇଡିଏଲର ଶିଳ୍ପ ସମ୍ପର୍କ ବିଭାଗର ମୁଖ୍ୟ ରଞ୍ଜନ ମହାନ୍ତି, ସମାଜସେବୀ ଡ. ଫକୀର ଚରଣ ହୋତା, ରାଜ୍ୟ କର୍ମଚାରୀ ବିମା ପ୍ରାକ୍ତନ ଅଧିକାରୀ ଡା. ବିଷ୍ଣୁପ୍ରିୟା ଦେଇ ଯଥାକ୍ରମେ ମୁଖ୍ୟ ଅତିଥି, ମୁଖ୍ୟ ବକ୍ତା, ସାମ୍ମାନିତ ଅତିଥି ଓ ବକ୍ତା ଭାବେ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନୀ ଉପରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବାସୁଦେବ ସାମଲ, ଶିକ୍ଷାବିତ ବିପିନ ବିହାରୀ ରାଉତରାୟ, ଭ୍ରମରବର ମହାକୁଡ, ସୁନୀତା ପରିଡା, ବିଦ୍ୟୁସ୍ମିତା ପରିଡା, ହରିହର ବେହେରା, ଚାରୁ ଲତା ଦେବୀ, ପରମାନନ୍ଦ ବେହେରା, ଗୟାଧର ବାରିକ, ପ୍ରଭାତ ସାମଲ ଓ ଶୁଭଦ୍ରା ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଅନୁଷ୍ଠାନର ସହ ସମ୍ପାଦିକା ସଚଳା ପଣ୍ଡା ଅତିଥି ପରିଚୟ ପ୍ରଦାନ କରିଥିଲେ ଓ ସନାତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ସ୍ୱଂୟ ସହାୟକ ଗୋଷ୍ଠୀର ମହିଳା, ସମାଜସେବୀ, ଶିକ୍ଷାବିତ, ଶିକ୍ଷକ, ଶିକ୍ଷୟିତ୍ରୀ ଓ ସ୍ଥାନୀୟ ଅଞ୍ଚଳର ବହୁ ବ୍ୟକ୍ତି ଯୋଗ ଦେଇଥିଲେ।

# ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ

**ବୌଦ୍ଧ,୯।୧୦(ଅଜିତ କୁମାର ବାରିକ)**

ଜିଲା ଶିଶୁ ସୁରକ୍ଷା ବିଭାଗ ଓ ଜିଲା ପ୍ରଶାସନର ମିଳିତ ସହଯୋଗରେ ଜିଲାପାଳଙ୍କ ସଦ୍‌ଭାବନା ଗୃହଠାରେ ଆନ୍ତର୍ଜାତିକ ବାଳିକା ଦିବସ ଜିଲାସ୍ତରରେ ବୁଧବାର ଦିନ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜିଲାପାଳ ସୁବ୍ରତ କୁମାର ପଣ୍ଡା ଯୋଗଦେଇ ବାଳିକାମାନଙ୍କ ପାଇଁ ଉର୍ଦ୍ଦିଷ୍ଟ ସମସ୍ତ ଯୋଜନା ଠିକ ଭାବରେ କାର୍ଯ୍ୟକାରୀ କରିବା ସହ ଯୋଗ୍ୟ ହିତାଧିକାରୀ ଚୟନ କରି ସାମିଲ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। କୌଣସି ଶିଶୁଙ୍କୁ ଅସହାୟ ଅବସ୍ଥାରେ ଦେଖିଲେ, ଶିଶୁ ଚାଲାଣ କିମ୍ବା ବାଲ୍ୟ ବିବାହ ନେଇ ସୂଚନା ପାଇଲେ ପ୍ରଶାସନକୁ ସୂଚନା ଦେବା ପାଇଁ ଅନୁରୋଧ କରିଥିଲେ। ଶିଶୁମାନଙ୍କର ଶିକ୍ଷା, ପୋଷଣ, ସ୍ୱାସ୍ଥ୍ୟ ଓ ସୁରକ୍ଷା ଦିଗରେ ଶୂନ୍ୟ ସହନଶୀଳତା ନୀତି ଅବଲମ୍ବନ ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ଜିଲା ପର୍ଯ୍ୟବେକ୍ଷକ ସରୋଜ ସାହୁ ଝିଅମାନଙ୍କୁ ପୁଅମାନଙ୍କ ପରି ସମାନ ସୁବିଧା ଦିଆଗଲେ ସେମାନେ ସବୁ କ୍ଷେତ୍ରରେ ପାରଦର୍ଶିତା ଲାଭ କରିପାରିବେ ବୋଲି ମତବ୍ୟକ୍ତ କରିଥିଲେ। ଅତିରିକ୍ତ ଜିଲାପାଳ ଅନିରୁଦ୍ଧ ପ୍ରଧାନ, ଉପଜିଲାପାଳ ପ୍ରଭାସ ଚନ୍ଦ୍ର ଦଣ୍ଡସେନା ଯୋଗଦେଇ ଉପଯୁକ୍ତ ସୁଯୋଗ ଦେଲେ ଝିଅମାନେ ମଧ ସବୁ କ୍ଷେତ୍ରରେ ସଫଳତା ପାଇ ପାଇପାରିବେ ବୋଲି କହିଥିଲେ। ଡା. କିଶୋର ଚନ୍ଦ୍ର ପଟ୍ଟନାୟକ, ଡିଏସପି ସଂଯୁକ୍ତା ବାର୍ଲା, ଜିଲା ଶିକ୍ଷା ଅଧିକାରୀ ଗେନ୍ଦ୍ରା କୁଜୁରୁ , ଜିଲା ମଙ୍ଗଳ ଅଧିକାରୀ ସୂର୍ଯ୍ୟ ନାରାୟଣ ବେହେରା ନିଜ ନିଜର ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବାଳିକାମାନଙ୍କର ଶିକ୍ଷା, ସ୍ୱାସ୍ଥ୍ୟ ଓ ସୁରକ୍ଷା ଦିଗରେ ସେବା ଯୋଗାଉ ଥିବା ଆଶା କର୍ମୀ କୌତକି ନାଏକ, ଦେବକୀ ବାରିକ, ସୂର୍ଯ୍ୟକାନ୍ତି ଭୋଇ, ଏଏନଏମ ସସ୍ମିତା କହଁର, ରଶ୍ମିରେଖା ପଣ୍ଡା, ସୁଜାତା ସାହୁ, ଅଙ୍ଗନୱାଡି କର୍ମୀ, ସସ୍ମିତା ବେହେରା, ବି. ଦାଶ, ସଙ୍ଗୀତା କର୍ଣ୍ଣ, ହରପ୍ରିୟା ତ୍ରିପାଠୀ, ପଦ୍ମଜା ପତି ଓ ସଂଯୁକ୍ତା ବାର୍ଲାଙ୍କୁ ସମ୍ମାନିତ କରାଯାଇଥିଲା । କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଅଭିଭାବକ ସାମିଲ ଥିଲେ ।

# ସଚେତନତା ସୁସ୍ଥ ରହିବାର ମୂଳମନ୍ତ୍ର

**ଅମରପାଲି, ୯।୧୦(ପୀତାମ୍ବର ସାହୁ)**

**କୁମାରକେଲି ୟୁପି ସ୍କୁଲରେ ସଚେତନତା କାର୍ଯ୍ୟକ୍ରମ**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକ କୁମାରକେଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଜୁନିୟର ରେଡକ୍ରସ ୟୁନିଟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ସଚେତନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଏଚଆଇଭି ଏଡ଼ସର କାରଣ, ଏଥିରୁ ବଞ୍ଚି ରହିବାର କୌଶଳ ଏବଂ ଏଚ୍ଆଇଭିଗ୍ରସ୍ତ ବ୍ୟକ୍ତିର ଜୀବନଶୈଳୀ ଓ ସର୍ବୋପରି ଏ କ୍ଷେତ୍ରରେ ସମାଜର ଭୂମିକା ଉପରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦିଆଯାଇଛି । ଏବେ ବିଶେଷ କରି ଯୁବତୀଯୁବକମାନେ ଏଡ଼ସରେ ଆକ୍ରାନ୍ତ ହେଉଛନ୍ତି। ତେଣୁ ବିଦ୍ୟାଳୟସ୍ତରରୁ ରେଡ ରିବନ କ୍ଲବ ଅନ୍ତର୍ଗତ କିଶୋରୀ କିଶୋର, ବାଳିକା ବାଳକମାନଙ୍କୁ ସଚେତନ କରି ଏକ ସୁସ୍ଥ ସମାଜ ଗଠନରେ ସେମାନଙ୍କ ସକ୍ରିୟ ଭୂମିକାକୁ ନିଶ୍ଚିତ କରିବା ପାଇଁ ଅଣ୍ଡା ଭିଡ଼ିଛି ସୁବର୍ଣ୍ଣପୁର ଜୁନିୟର ରେଡକ୍ରସ । ଜିଲା ଶିକ୍ଷା ଅଧିକାରୀ ଲକ୍ଷ୍ମଣ ଭୋଇ, ଅତିରିକ୍ତ ଜିଲା ଶିକ୍ଷା ଅଧିକାରୀ ତଥା ଜେଆରସି ସମ୍ପାଦକ ମଞ୍ଜୁଲତା ଭୋଇ ଓ ରବିଚନ୍ଦ୍ର ପଶାୟତଙ୍କ ମାର୍ଗଦର୍ଶନରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ତଥା ଜେଆରସି ମାର୍ଗ ଦର୍ଶକ ହୃଷୀକେଶ ଚାନ୍ଦ ଓ ସତ୍ୟନାରାୟଣ ମେହେର ପ୍ରଶିକ୍ଷାର୍ଥୀମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ୩୦ଜଣ ଛାତ୍ରୀଛାତ୍ର ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ।

# ପଞ୍ଚ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ

**ବଡ଼ଗାଁ,୯।୧୦( ଅଶୋକ ଷଡ଼ଙ୍ଗୀ)**

ସୁନ୍ଦରଗଡ଼ ଜିଲା ବଡ଼ଗାଁ ବ୍ଲକ ଅନ୍ତର୍ଗତ ଏକମା ଗ୍ରାମରେ ସିଦ୍ଧି ବିନାୟକ କ୍ଲବ ପକ୍ଷରୁ ଆୟୋଜିତ ପଞ୍ଚ ଦିବସୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ୩୨ଟି ଟିମ ଅଂଶଗ୍ରହଣ କରିଥିବା ଏହି ଫୁଟବଲ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ ତେଲିଘନା ଓ ସାଲେପାଲି ମଧ୍ୟରେ ହୋଇଥିଲା। ୨–୦ ଗୋଲରେ ସାଲେପାଲିକୁ ହରାଇ ତେଲିଘନା ଚାମ୍ପିୟନ ହୋଇଛି। ଉଦଯାପନୀ କାର୍ଯ୍ୟକ୍ରମରେ ବିଜେଡିର ବରିଷ୍ଠ ନେତା ଲକ୍ଷ୍ମଣ ପୁରୋହିତ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଭାବେ ବିଜେଡି ନେତା ସନ୍ନ୍ୟାସୀ ମାଝୀ, ଦେବାଶିଷ ପୁରୋହିତ, ରମାକାନ୍ତ ଲାକଡ଼ା, ବୀରବର ମହାକୁଡ଼, ହୃଦାନନ୍ଦ ମାଝୀ, ଚିତ୍ରସେନ ମାଝୀ, ଚନ୍ଦ୍ର ରାଉତ ଯୋଗଦେଇ ପୁରସ୍କାର ବିତରଣ କରିଥିଲେ। ଚାମ୍ପିୟନ ଟିମକୁ ୨୦ ହଜାର ଟଙ୍କା ସହିତ ଟ୍ରଫି, ରନର୍ସ ସାଲେପାଲି ଟିମକୁ ୧୫ ହଜାର ଟଙ୍କା ସହିତ ଟ୍ରଫି, ଉଭୟ ତୃତୀୟ ସ୍ଥାନ ପାଇଥିବା ସେଡୋ ଇଲେଭେନ ଏକମା ଓ ଚତୁର୍ଥ ସ୍ଥାନ ପାଇଥିବା ଗଙ୍ଗାଜଳ ଟିମକୁ ୭ ହଜାର ଟଙ୍କା ସହିତ ଟ୍ରଫି ପ୍ରଦାନ କରାଯାଇଥିଲା। ବିକ୍ରମ ନାଏକ, ରାଜେଶ ଛତ୍ରିଆ, ଅମିତ ବାଗ ଖେଳ ପରିଚାଳନା କରିଥିଲା ବେଳେ ଆୟୋଜକ କ୍ଲବର କର୍ମକର୍ତ୍ତା କଳିଙ୍ଗ ଲାକଡା, ନବୀନ ମାଝୀ, ଶିଶିର ଲାକଡା, ସୁଜନ ମାଝୀ ଖେଳ ଓ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



**ତେଲିଘନା ଚାମ୍ପିୟନ**

## ସଂକ୍ଷେପରେ

### ସାମୂହିକ ବିକାଶକୁ ପ୍ରାଧାନ୍ୟ ଦିଆଯିବ

**କୁଚିଣ୍ଡାରେ ନୂତନ ଉପଜିଲାପାଳ**



କୁଚିଣ୍ଡା,୯।୧୦(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡାର ନୂତନ ଉପଜିଲାପାଳ ଭାବେ ଡ. ଗୌରବମୟ ପ୍ରଧାନ କାର୍ଯ୍ୟରେ ଯୋଗଦେଇଛନ୍ତି। ସେ ପୂର୍ବରୁ ଗଞ୍ଜାମ ଜିଲ୍ଲା ବ୍ରହ୍ମପୁର ଅତିରିକ୍ତ ଉପଜିଲାପାଳ ଭାବେ କାର୍ଯ୍ୟରତ ଥିବାବେଳେ କୁଚିଣ୍ଡାକୁ ତାଙ୍କର ଉପଜିଲାପାଳ ଭାବେ ବଦଳି ହୋଇଛି। ଡ.ପ୍ରଧାନ କୁଚିଣ୍ଡାରେ ବୁଧବାର ଯୋଗଦେବା ପରେ ବିଭିନ୍ନ ରାଜନୈତିକ ଦଳ, ସଙ୍ଗଠନ କର୍ମକର୍ତ୍ତା ସୌଜନ୍ୟମୂଳକ ସାକ୍ଷାତ କରି ତାଙ୍କୁ ସ୍ୱାଗତ ଜଣାଇଛନ୍ତି। କୁଚିଣ୍ଡା ଏକ ଆଦିବାସୀ ଅଧୁଷିତ ଅଞ୍ଚଳ। ଆଦିବାସୀଙ୍କ ପାଇଁ ଆସୁଥିବା ସରକାରୀ ଯୋଜନା କିଭଳି ସେମାନଙ୍କ ପାଖଷର ପହଞ୍ଚିବ ସେନେଇ ପ୍ରାଥମିକତା ଦିଆଯିବ ବୋଲି କହିଛନ୍ତି। ଏହାଛଡା ସାମୂହିକ ବିକାଶକୁ ପ୍ରାଧାନ୍ୟ ଦିଆଯିବ। ସମସ୍ତ ଶ୍ରମିକ ଯେଉଁଭଳି ନିଜ ମାଟିରେ କାମଧନ୍ଦା ପାଇବେ ସେ ଦିଗରେ ଗୁରୁତ୍ୱ ଦିଆଯିବ ବୋଲି ଡ.ପ୍ରଧାନ କହିଛନ୍ତି।

### ଯୁଯୋମୁରା ସୁବର୍ଣ୍ଣ ଜୟନ୍ତୀ ଦୁର୍ଗାପୂଜା ମହୋତ୍ସବ

ପଡିଆବାହାଲ,୯।୧୦(ରାଧାମୋହନ ଷଡ଼ଙ୍ଗୀ)

ସମ୍ବଲପୁର ଜିଲା ଯୁଯୋମୁରା ଦୁର୍ଗାପୂଜା ଚଳିତ ବର୍ଷ ସୁବର୍ଣ୍ଣ ଜୟନ୍ତୀ ପାଳନ କରୁଛି। ଏଥିପାଇଁ ବହୁବିଧ ସାଂସ୍କୃତିକ କାର୍ଯ୍ୟକ୍ରମ ହେବା କାର୍ଯ୍ୟକ୍ରମ ରହିଛି। ସ୍ଥାୟୀ ଦୁର୍ଗା ମଣ୍ଡପରେ ମା'ଙ୍କ ମୃଣ୍ମୟ ମୂର୍ତ୍ତି ନିର୍ମାଣ ସରିଛି। ମା'ଙ୍କ ମସ୍ତିଷ୍କରେ ଝଟକିବ ରୌପ୍ୟ ମୁକୁଟ। ବହୁ ବଦାନ୍ୟ ବ୍ୟକ୍ତି ମୁକୁଟ ପାଇଁ ରୂପା ଦାନ କରିଛନ୍ତି। ଏହା ସହ ପୂଜାକୁ ଅଧିକ ଆକର୍ଷଣୀୟ ଓ ପ୍ରଭାବୀ ଢଙ୍ଗରେ କରିବାକୁ ଆୟୋଜକ ପୂଜା କମିଟି କର୍ମକର୍ତ୍ତା ବିଶେଷ ଆୟୋଜନ କରିଛନ୍ତି। ପୂଜା ମଣ୍ଡପକୁ ବିଭିନ୍ନ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତ ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ, ରାଜସ୍ୱ ଓ ବିପର୍ଯ୍ୟୟ ମନ୍ତ୍ରୀ ସୁରେଶ ପୂଜାରୀ, ବିରୋଧୀ ଦଳ ଉପନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର ପ୍ରମୁଖ ଯୋଗ ଦେବା କାର୍ଯ୍ୟକ୍ରମ ରହିଥିବା କମିଟି ପକ୍ଷରୁ ସୂଚନା ଦିଆଯାଇଛି।

### ଜାତୀୟ ସେବା ଯୋଜନା ଉଦ୍‌ଯାପିତ

କୁଚିଣ୍ଡା, ୯।୧୦(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ମହାବିଦ୍ୟାଳୟରେ ଚାଲିଥିବା ଜାତୀୟ ସେବା ଯୋଜନା ଶିବିର ଉଦ୍‌ଯାପିତ ହୋଇଯାଇଛି। ଅଧକ୍ଷା ସୁଶ୍ରୀ ସୁଚିତ୍ରା ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଗ୍ରାମ୍ୟ ଉନ୍ନୟନ, ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗ ମନ୍ତ୍ରୀ ରବି ନାରାୟଣ ନାଏକ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ସେ ତାଙ୍କ ବକ୍ତବ୍ୟରେ ରାଷ୍ଟ୍ର ଗଠନରେ ଯୁବ ସମାଜର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହାଛଡା ସମାଜସେବୀମାନେ ଚାରା ରୋପଣ, ସ୍ୱଚ୍ଛ ଭାରତ ସହ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଜରିଆରେ ସମାଜକୁ ସଚେତନତାର ବାର୍ତ୍ତା ଦେଇ ଏକ ଐତିହାସିକ ବାତାବରଣ ସୃଷ୍ଟି କରୁଥିବା ମନ୍ତ୍ରୀ ନାଏକ କହିଥିଲେ। ସମ୍ମାନୀତ ଅତିଥିଭାବେ ସୁଶୀଲ କର, ନାଟ୍ୟକାର ସୁରଥ ଚନ୍ଦ୍ର ନାୟକ, ଅବସରପ୍ରାପ୍ତ କଲେଜ ଅଧକ୍ଷ ରଞ୍ଜନ କୁମାର ମହାପାତ୍ର, କୁଚିଣ୍ଡା କଲେଜ ଏନ୍‌ଏସ୍‌ଏସ ଅଫିସର ସୁଶ୍ରୀ ବେଳମତି କୁମୁରା, କେଶାଇବାହାଲ ଏନ୍‌ଏସ୍‌ଏସ ଅଫିସର ବିନୋଦ ବିହାରୀ ପୃଷେଠ, ଅଧାପିକା ମମତା ସାହୁ, ସୁଷମ କର, ରିତୁପ୍ରିୟା ନାଏକ, ମଞ୍ଜୁଶ୍ରୀ ଦାସ,ସଞ୍ଜୁଶ୍ରୀ ସାହୁ, ଅଧାପକ ସୁଧାଂଶୁ ମହାପାତ୍ର,ରୋଶନ କୁଲୁ,ମନୋଜ ଜେନା,କାହ୍ନୁଚରଣ ସୁନା, ଦିବ୍ୟ ନାଗ, ଦେବଦତ୍ତ ଭୋଇ ପ୍ରମୁଖ ଯୋଗଦେଇ ଜାତୀୟ ସେବା ଯୋଜନାର ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ଏହି ଜାତୀୟ ସେବା ଯୋଜନାର ଶିବିର ଅବସରରେ କୁଚିଣ୍ଡା ଏନଏସି ୱାର୍ଡ ନଂ.୭କୁ ପୌଷ୍ୟ ଗ୍ରାମ ଭାବେ ଗ୍ରହଣ କରି ସେଠାରେ ଚାରାରୋପଣ, ସ୍ୱାସ୍ଥ୍ୟ, ସ୍ୱଚ୍ଛତା, ସାଂସ୍କୃତିକ କାର୍ଯ୍ୟକ୍ରମ ମାଧ୍ୟମରେ ସମାଜକୁ ଏକ ସଚେତନତା ବାର୍ତ୍ତା ପ୍ରେରଣ କରିଥିବାରୁ ଅତିଥିମାନେ ସ୍ୱେଚ୍ଛାସେବୀ ମାନଙ୍କୁ କୃତଜ୍ଞତା ଜଣାଇଥିଲେ।

# ନିର୍ଦ୍ଧାରିତ ସମୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କର

**ଉନ୍ନୟନ ପ୍ରକଳ୍ପର ସମୀକ୍ଷା କଲେ ଆର୍‌ଡିସି**

■ନିର୍ମାଣାଧୀନ ଜିଲାପାଳ କୋଠା ପରିଦର୍ଶନ କଲେ

ସମ୍ବଲପୁର,୯।୧୦(ବି.ଶଙ୍କର)

ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତ (ଆର୍‌ଡିସି) ସଚିନ ରାମଚନ୍ଦ୍ର ଯାଦବ ବୁଧବାର ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବିଭିନ୍ନ ବିଭାଗ ଦ୍ୱାରା ଜିଲାରେ ଚାଲିଥିବା ଜନକଲ୍ୟାଣକାରୀ ଯୋଜନା ଓ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଏହି ବୈଠକରେ ଆରଡିସି ଯାଦବ ଜିଲାର ସ୍ୱାସ୍ଥ୍ୟ ସେବା, ପୋଷଣ ଉପରେ ଗୁରୁତ୍ୱାରୋପ କରିଥିଲେ। ସମସ୍ତ ବିଭାଗଗୁଡ଼ିକ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ସମୀକ୍ଷା ବୈଠକରେ ସ୍ୱାସ୍ଥ୍ୟ ବିଭାଗ ଦ୍ୱାରା ଜିଲାରେ ଥିବା ହସ୍ପିଟାଲ ଏବଂ ଏହାର ବେଡ କ୍ଷମତା, ଆଇସିୟୁ ସୁବିଧା, ଡାକ୍ତରଙ୍କ ସଂଖ୍ୟା ସମ୍ପର୍କରେ ଉତ୍ତରାଞ୍ଚଳ ରାଜସ୍ୱ ଆୟୁକ୍ତଙ୍କୁ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଅବଗତ କରାଯାଇଥିଲା। ସେହିପରି ଆରଏଣ୍ଡବି, ୱାଟକୋ, ଟିପିଡବ୍ଲ୍ୟୁଓଡିଏଲର ଅଧିକାରୀମାନେ ବିଭିନ୍ନ ପ୍ରକଳ୍ପଗୁଡିକ ଉପରେ ଉପସ୍ଥାପନ କରିଥିଲେ। ଏଥିସହ ବିଭିନ୍ନ ଯୋଜନା ନିମନ୍ତେ ଆସୁଥିବା ଅର୍ଥ ସମ୍ପର୍କରେ ସବିଶେଷ ବିବରଣୀ ବିଷୟରେ ଆରଡିସି ବୁଝିଥିଲେ। ବୈଠକରେ ଜିଲାପାଳ ସମ୍ବଲପୁର ସିଦ୍ଧେଶ୍ୱର ବଳିରାମ ବୋନ୍ଦର, ସମ୍ବଲପୁର ମହାନଗର ନିଗମ କମିଶନର ବେଦ ଭୂଷଣ, ଅତିରିକ୍ତ ଜିଲାପାଳ (ରାଜସ୍ୱ) ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲାପାଳ (ସାଧାରଣ) ସୁଚାରୁ କୁମାର ବଳ, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଧର୍ମେନ୍ଦ୍ର ମଲ୍ଲିକ ଏବଂ ସମ୍ବଲପୁରର ସମସ୍ତ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ଥିଲେ। ବିଭାଗୀୟ ଅଧିକାରୀମାନେ ନିଜ ବିଭାଗର କାର୍ଯ୍ୟଗୁଡ଼ିକ ଉପରେ ତଥ୍ୟ ଉପସ୍ଥାପନ କରିଥିଲେ। ପୂର୍ବାହ୍ନରେ ଆରଡିସି ଯାଦବ ସମ୍ବଲପୁର ଜିଲାପାଳ କାର୍ଯ୍ୟାଳୟରେ ପହଞ୍ଚି ବିଭିନ୍ନ ବିଭାଗର କାର୍ଯ୍ୟ ନିରୀକ୍ଷଣ କରିବା ସହ ରେଜିଷ୍ଟର, ନଥିପତ୍ରଗୁଡିକ ଦେଖିଥିଲେ। ସେହିପରି ନୂତନ ଭାବରେ ନିର୍ମାଣ ହେଉଥିବା ଜିଲାପାଳ କାର୍ଯ୍ୟାଳୟ ମଧ୍ୟ ପରିଦର୍ଶନ କରିଥିଲେ।



ସମୀକ୍ଷା ବୈଠକରେ ଆରଡିସି ସଚିନ ରାମଚନ୍ଦ୍ର ଯାଦବ ଓ ଅନ୍ୟ ଅଧିକାରୀମାନେ।

# ଅଭିଯୁକ୍ତଙ୍କୁ ଆଜୀବନ କାରାଦଣ୍ଡ

**ଭିନ୍ନକ୍ଷମ ନାବାଳିକାଙ୍କୁ ଗର୍ଭବତୀ କରିବା ମାମଲା**

ସମ୍ବଲପୁର,୯।୧୦(ପ୍ରମୋଦ ବହିଦାର)

ସମ୍ବଲପୁର ଜିଲା ଗୋବିନ୍ଦପୁର ଥାନା ଅଞ୍ଚଳର ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ଅପହରଣ କରି ଗର୍ଭବତୀ କରିବା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ସମ୍ବଲପୁର ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ଅଭିଲାଷ ସେନାପତି ଅଭିଯୁକ୍ତ ତଥା ପୀଡ଼ିତାଙ୍କ ସମ୍ପର୍କୀୟ ମାମୁ ଯଶୋବନ୍ତ କାଣ୍ଡୁଲାନା(୩୪)ଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।

ଭାରତୀୟ ଦଣ୍ଡବିଧି ଆଇନ ଦଫା ୩୭୬ ଓ ପୋକ୍‌ସୋ ଆଇନ ଧାରା ୬ରେ ଆଜୀବନ ସଶ୍ରମ କାରାଦଣ୍ଡ(ମୃତ୍ୟୁ ପର୍ଯ୍ୟନ୍ତ) ଓ ୧ଲକ୍ଷ ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରଛନ୍ତି। ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୧ ବର୍ଷ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦିଆଯାଇଛି। ସେହିପରି ଦଫା ୩୬୬ରେ ୧୦ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ହଜାର ଟଙ୍କା ଜରିମାନା, ଦଫା ୩୬୩ରେ ୭ ବର୍ଷ ସଶ୍ରମ କାରାଦଣ୍ଡ ଓ ୫୦ ହଜାର ଟଙ୍କା ଅର୍ଥଦଣ୍ଡରେ ଦଣ୍ଡିତ କରିଛନ୍ତି। ଉକ୍ତ ଦଣ୍ଡବିଧାନ ଦ୍ୱୟର ଜରିମାନା ଅର୍ଥ ଅନାଦାୟେ ଅଭିଯୁକ୍ତଙ୍କୁ ଅଧିକ ୬ ମାସ ଲେଖାଏ ସଶ୍ରମ କାରାଦଣ୍ଡ ଭୋଗିବାକୁ ନିର୍ଦ୍ଦେଶ ଦିଆଯାଇଛି।

ସୂଚନା ଅନୁସାରେ ବାମରା ବ୍ଲକ ଗୋବିନ୍ଦପୁର ଥାନା ଅଞ୍ଚଳର ୧୬ ବର୍ଷୀୟା ଭିନ୍ନକ୍ଷମ ନାବାଳିକାଙ୍କୁ ପ୍ରଲୋଭିତ କରି ତାଙ୍କ ସମ୍ପର୍କୀୟ ମାମୁ କାଣ୍ଡୁଲାନା ତାଙ୍କ ସହିତ ଶାରୀରିକ ସମ୍ପର୍କ ସ୍ଥାପନ କରି ଆସିଥିଲେ। କିଛିଦିନ ପରେ ନାବାଳିକା ଗର୍ଭବତୀ ଥିବା ଜଣାପଡ଼ିଥିଲା। ମାମୁଙ୍କ ସହ ଅନୈତିକ ସମ୍ପର୍କ ବାବଦରେ ପୀଡ଼ିତା ତାଙ୍କ ମା'ଙ୍କୁ କହିଥିଲେ। ଏହା ଜାଣିବା ପରେ ପୀଡ଼ିତାଙ୍କ ମା' ୨୦୨୩ ମେ'୪ରେ ଗୋବିନ୍ଦପୁର ଥାନାରେ ଏତଲା ଦେଇଥିଲେ। ଏତଲା ଆଧାରରେ ଥାନାରେ ଆଇପିସି ଦଫା ୩୬୩, ୩୬୬, ୩୭୬ ଓ ପୋକ୍‌ସୋ ଆଇନ ଧାରା ୬ରେ ଏକ ମାମଲା (ନଂ.୬୮/୨୩) ରୁଜୁ କରି ପୋଲିସ କାଣ୍ଡୁଲାନାଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ମାମଲାର ବିଚାର ପୂର୍ବକ ୨୪ ଜଣ ସାକ୍ଷୀଙ୍କ ବୟାନ ଓ ଅନ୍ୟ ତଥ୍ୟ ପ୍ରମାଣ ଆଧାରରେ ସମ୍ବଲପୁର ପୋକ୍‌ସୋ ଅଦାଲତ ସ୍ୱତନ୍ତ୍ର ବିଚାରପତି ବୁଧବାର ଏହି ରାୟ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସ୍ୱତନ୍ତ୍ର ସରକାରୀ ଓକିଲ ସନ୍ତୋଷ ପଣ୍ଡା ପରିଚାଳନା କରିଥିଲେ।

# ପ୍ରଶାସନିକ ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ

**କବରାପାଲି ପଞ୍ଚାୟତରେ କାରଖାନା ପାଉଁଶ ପକାଇବା ଷଡଯନ୍ତ୍ରକୁ ବିରୋଧ**

ସମ୍ବଲପୁର,୯।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ଯୁଯୋମୁରା ବ୍ଲକ କବରାପାଲି ପଞ୍ଚାୟତରେ କାରଖାନା ପାଉଁଶ ପକାଇବା ନେଇ ଷଡଯନ୍ତ୍ର କରାଯାଉଥିବା ନେଇ ଗ୍ରାମବାସୀ ବୁଧବାର ଜିଲା ପ୍ରଶାସନ ନିକଟରେ ଅଭିଯୋଗ କରିଛନ୍ତି। ସମିତି ସଭ୍ୟା ବନିତା ଓରାମଙ୍କ ନେତୃତ୍ୱରେ ମହିଳାମାନେ ନିଳଡୁଙ୍ଗୁରିରେ ଥିବା ସରକାରୀ ଜମିରେ ପାଉଁଶ ପକାଇବା ପାଇଁ ଚାଲିଥିବା ମସୁଧାକୁ ତୀବ୍ର ବିରୋଧ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ, କେତେକ ବ୍ୟକ୍ତି ପଞ୍ଚାୟତ ଅନ୍ତର୍ଗତ ବିଭିନ୍ନ ଗାଁ ଯାଇ ଲୋକଙ୍କୁ ଚାକିରି କରାଇଦେବା ପ୍ରଲୋଭନ ଦେଇ ଦସ୍ତଖତ ସଂଗ୍ରହ କରୁଛନ୍ତି। ଚାକିରି ଆଶାରେ ଲୋକେ କିଛି ନ ପଢି ଦସ୍ତଖତ ମଧ୍ୟ କରିଦେଉଥିବା ମହିଳାମାନେ ଅଭିଯୋଗ କରିଛନ୍ତି। ଏହା ଆଗକୁ ବିପଦରେ ପକାଇବାର ଆଶଙ୍କା ରହିଛି ।

ଗତବର୍ଷ ନିଳଡୁଙ୍ଗୁରିରେ ଥିବା ସରକାରୀ ଜମିରେ ଝାରସୁଗୁଡାର ଏକ କାରଖାନାରୁ ପାଉଁଶ ଆଣି ପକାଯିବା ଘଟଣାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ସେହି ସମୟରେ ରାସ୍ତାଘାଟ, ଚାଷ ଜମି ସବୁଠାରେ ରାତିରେ ପାଉଁଶ ପକାଯାଉଥିବା ନେଇ ଅଭିଯୋଗ ହୋଇଥିଲା। ଲୋକଙ୍କ ବିରୋଧ ପରେ ଗୋଟିଏ ବର୍ଷ ପାଉଁଶ ପକାଇବା କାମ ବନ୍ଦ ରହିବା ପରେ ଏବେ ପୁଣିଥରେ କେତେକ ଲୋକ ପାଉଁଶ ପକାଯିବା ସପକ୍ଷରେ ମିଛକହି ଦସ୍ତଖତ ସଂଗ୍ରହ କରୁଥିବା ଅଭିଯୋଗ ହୋଇଛି। ସେଥିପାଇଁ କବରାପାଲି ଗ୍ରାମପଞ୍ଚାୟତର ବିଭିନ୍ନ ଗ୍ରାମର ମହିଳା ମାନେ ଏହାକୁ ବିରୋଧ କରି ଜିଲା ପ୍ରଶାସନକୁ ଲିଖିତ ଭାବେ ଅବଗତ କରିଛନ୍ତି। ଏନେଇ ମହିଳା ମାନେ ଅତିରିକ୍ତ ଜିଲାପାଳ ସୁଚାରୁ ବଳଙ୍କୁ ଅଞ୍ଚଳର ବହୁ ଲୋକଙ୍କ ଦସ୍ତଖତ ସମ୍ବଳିତ ଦାବିପତ୍ର ପ୍ରଦାନ କରିବା ସହ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଦାବି କରିଛନ୍ତି। ନୀଳଡୁଙ୍ଗୁରିଠାରେ ୭ ଶହ ଏକର ସରକାରୀ ଜମି ଥିବା ବେଳେ ସେଠାରୁ ଦୁର୍ବୃତ୍ତମାନେ ମାଟି ଖୋଳି ବିକ୍ରୀ କରୁଥିବା ନେଇ ପୂର୍ବରୁ ଅଭିଯୋଗ ହୋଇଥିଲା। ଏବେ ସେହି ଖାଲଜମି ପୋତିବା ବାହାନାରେ ବାହାର ଜିଲାରୁ ପାଉଁଶ ଆଣି ପକାଇବା ମସୁଧା କରାଯାଉଛି। ଦାବିପତ୍ର ପ୍ରଦାନ ସମୟରେ କବରାପାଲି ଗ୍ରାମ ପଞ୍ଚାୟତ ନାଏବ ସରପଞ୍ଚ କମଳା ଯୌଡା, ୱାର୍ଡ ସଭ୍ୟ ଗୌରାଙ୍ଗ ମାଝୀ, ମୀନା ଖଡିଆ, ଦିପାଞ୍ଜଳୀ ଯୌଡା, ରୀତା ଯୌଡା, ରୀନା ଟେଟେ, ମୀନା ଖଡିଆ, ଉପମା ଯୌଡା, ରୁପାନୀ ଯୌଡା ପ୍ରମୁଖ ଉପସ୍ଥିତ ଥିଲେ।



କବରାପାଲିର ମହିଳାମାନେ ଅତିରିକ୍ତ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

### ମଙ୍ଗଳା ମନ୍ଦିରରେ ଶରତକାଳୀନ ପୂଜନୋତ୍ସବ

ସମ୍ବଲପୁର,୯।୧୦(ବି.ଶଙ୍କର)

ସମ୍ବଲପୁର ସହର ଭୁତାପଡା ମା' ମଙ୍ଗଳା ମନ୍ଦିରରେ ଶରତକାଳୀନ ପୂଜନୋତ୍ସବ ବୁଧବାର ଆଶ୍ୱିନ ମାସ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଆରମ୍ଭ ହୋଇଛି। କଳସାଧିବାସ, ବିଲ୍ୱବରଣ, ନବପତ୍ରିକା ଆବାହନ କାର୍ଯ୍ୟକ୍ରମ ହୋଇଥିଲା । ଅପରାହ୍ନ ୪ଟାରେ ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ସହରର ଶତାଧିକ ମହିଳା ଓ ପୁରୁଷ ସ୍ଥାନୀୟ କମିଶନର କଲୋନୀ ମହାନଦୀ ଘାଟରୁ ଜଳ ଆଣି ବିଧି ଅନୁସାରେ ମଙ୍ଗଳାଙ୍କ ପୀଠେ ପୂଜନୋତ୍ସବ ହୋଇଥିଲା । ଭୁତାପଡା ମଙ୍ଗଳା ମନ୍ଦିରର ପୂଜକ ମହେଶ୍ୱର ପଣ୍ଡା ଓ ପଣ୍ଡିତ ଆଦିତ୍ୟ ମିଶ୍ର ପୂଜା କାର୍ଯ୍ୟ କରିଥିଲେ। ମଙ୍ଗଳା ମନ୍ଦିର କମିଟିର ରବୀନ୍ଦ୍ର ଜେନା, ରସାନନ୍ଦ ବେହେରା, ସାଧବ ପ୍ରଧାନ, ସୁଧାଂଶୁ ଶେଖର ମହାରଣା, ସୁଶାନ୍ତ ମହାପାତ୍ର, ରାଜ କିଶୋର ନାୟକ, ନିହାର କୁମାର ମାହାଣା, ନାରାୟଣ ଦାନୀ ଏଥିରେ ସହଯୋଗ କରିଥିଲେ । ପଣ୍ଡିତ ଲକ୍ଷ୍ମୀ ନାରାୟଣ ମିଶ୍ର ଲେନ ନିବାସୀ ସରୋଜ ସାହୁ ଓ ସାଗରୀକା ସାହୁ କର୍ତ୍ତା ଦାୟିତ୍ୱ ନିର୍ବାହ କରୁଛନ୍ତି । ଆଶ୍ୱିନ ଶୁକ୍ଳପକ୍ଷ ସପ୍ତମୀ ୧୦ ତାରିଖ ଗୁରୁବାର ମଙ୍ଗଳାଙ୍କ ପୀଠେ ସପ୍ତମୀ ବିହିତ ପୂଜା, ଆଶ୍ୱିନ, ଶୁକ୍ଳପକ୍ଷ ଅଷ୍ଟମୀ ୧୧ ତାରିଖ ଶୁକ୍ରବାର ଅଷ୍ଟମୀ ପୂଜା, ଶନିବାର ଦଶମୀ ପୂଜା, ଦଶହରା, ପୂର୍ଣ୍ଣାହୂତି, ବିସର୍ଜନ ଅନୁଷ୍ଠିତ ହେବ । ପ୍ରତ୍ୟେକ ଦିନ ଚଣ୍ଡୀହୋମ, ରାତ୍ର ୭ଟାରେ ୧୦୮ ଦୀପ ମହାଆଳତୀ, ପୁଷ୍ପାଞ୍ଜଳି ଅନୁଷ୍ଠିତ ହେବ ବୋଲି ମଙ୍ଗଳା ମନ୍ଦିର କମିଟି ପକ୍ଷରୁ ସୂଚିତ କରାଯାଇଛି।



ଭୁତାପଡା ମଙ୍ଗଳାଙ୍କ ମନ୍ଦିରରେ ଶରତକାଳୀନ ପୂଜନୋତ୍ସବ ସକାଶେ କଳସ ଯାତ୍ରା।

# ଡ୍ରୋନ୍ ଡିଜାଇନ୍ ଚ୍ୟାଲେଞ୍ଜ ପ୍ରତିଯୋଗିତାରେ ଭିସୁଟ୍ ପ୍ରଥମ



ଡ୍ରୋନ୍ ଡିଜାଇନ୍ ଚ୍ୟାଲେଞ୍ଜ ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ହାସଲ କରିଥିବା ଭିସୁଟ୍ ଛାତ୍ରୀଛାତ୍ର ।

ସମ୍ବଲପୁର,୯।୧୦(ପ୍ରମୋଦ ବହିଦାର)

**ଓଡ଼ିଶାରେ ଉଡ଼ାଜାହାଜ ଓ ଡ୍ରୋନ୍ ଇଞ୍ଜିନିୟରିଂରେ ନବସୃଜନକୁ ଉତ୍ସାହିତ କରିବ**

ଚେନ୍ନାଇରେ ସୋସାଇଟି ଅଫ ଅଟୋମୋଟିଭ ଇଞ୍ଜିନିୟର୍ସ ଦ୍ୱାରା ଅନୁଷ୍ଠିତ ଜାତୀୟ ଡ୍ରୋନ୍ ଡିଜାଇନ୍ ଚ୍ୟାଲେଞ୍ଜ-୨୦୨୪ ପ୍ରତିଯୋଗିତାରେ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ(ଭିସୁଟ୍)ର ଟିମ୍ ଏରୋଟେକ୍ ଦଳ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ଏଥିରେ ପ୍ରତିନିଧିତ୍ୱ କରିଥିବା ଭିସୁଟ୍ ଛାତ୍ରୀଛାତ୍ରଙ୍କୁ ଟ୍ରଫି, ମାନପତ୍ର ଓ ନଗଦ ରାଶିରେ ପୁରସ୍କୃତ କରାଯାଇଛି। ତାମିଲନାଡ୍ରୁ ଏସ୍‌ଆର୍‌ଏମ୍ ବିଶ୍ୱବିଦ୍ୟାଳୟରେ ଗତ ଅଗଷ୍ଟ ୨୯ରୁ ୩୧ ତାରିଖ ପର୍ଯ୍ୟନ୍ତ ୩ ଦିନଦିନ ଧରି ଅନୁଷ୍ଠିତ ଏହି ପ୍ରତିଯୋଗିତାରେ ଭିସୁଟ୍‌ର ଅନୁଭବ୍ ପାଣିଗ୍ରାହୀ ଓ ପାୟଲ ପଣ୍ଡାଙ୍କ ନେତୃତ୍ୱରେ ଏକ ୨୦ ଜଣିଆ ଦଳ ଭାଗ ନେଇଥିଲେ। ସମଗ୍ର ଦେଶର ବିଭିନ୍ନ ବିଶ୍ୱବିଦ୍ୟାଳୟର ମୋଟ୍ ୧୨୪ଟି ଦଳ ଅଂଶଗ୍ରହଣ କରିଥିଲେ। ସେଥିରୁ ଭିସୁଟ୍‌ର ଟିମ୍ ଏରୋଟେକ୍ ଦଳ ମାଇକ୍ରୋ ଡିଜାଇନ୍ ରିପୋର୍ଟ ଶ୍ରେଣୀରେ ପ୍ରଥମ ସ୍ଥାନ ଅଧିକାର କରି ଏକ ଅନନ୍ୟ କୃତିତ୍ୱ ହାସଲ କରିଛନ୍ତି। ସେହିପରି ମାଇକ୍ରୋ ଶ୍ରେଣୀରେ ସର୍ବଭାରତୀୟ ସ୍ତରରେ ୧୦ ନମ୍ବର ଓ ରେଗୁଲାର ଶ୍ରେଣୀରେ ୨୦ ନମ୍ବର ର୍ୟାଙ୍କ ହାସଲ କରି ଓଡ଼ିଶାକୁ ଗୌରବାନ୍ୱିତ କରିଛନ୍ତି। ସହକାରୀ ପ୍ରାଧ୍ୟାପିକା ଅନିଶା ଏକ୍କା, ବୈଷୟିକ ଉପସଚିବ ଡ. ସୁଧାଂଶୁ ରଞ୍ଜନ ଦାସ ଓ ପୂର୍ବତନ ବୈଷୟିକ ଉପସଚିବ ଡ. ବିଦ୍ୟାଧର ରାଉତଙ୍କ ମାର୍ଗଦର୍ଶନରେ ଛାତ୍ରୀଛାତ୍ରମାନେ ଏଭଳି କୃତିତ୍ୱର ଅଧିକାରୀ ହୋଇ ପାରିଛନ୍ତି ବୋଲି କୁହାଯାଇଛି। ଏହି ସଫଳତା ପାଇଁ ଭିସୁଟ୍ କୁଳପତି ପ୍ରଫେସର ବିଭୂତି ଭୂଷଣ ପାଠୀ ଟିମ୍ ଏରୋଟେକ୍‌କୁ ପ୍ରତିନିଧିତ୍ୱ କରିଥିବା ଛାତ୍ରୀଛାତ୍ରଙ୍କ ସହ ଦଳର ସମସ୍ତ ସଦସ୍ୟ ତଥା ପରାମର୍ଶଦାତାଙ୍କୁ ଶୁଭେଚ୍ଛା ଜଣାଇଛନ୍ତି। ଏହାସହ ଓଡ଼ିଶାର ଉଡାଜାହାଜ ଓ ଡ୍ରୋନ୍ ଇଞ୍ଜିନିୟରିଂ କ୍ଷେତ୍ରରେ ନବସୃଜନ ପ୍ରତି ଛାତ୍ରୀଛାତ୍ରଙ୍କୁ ଉତ୍ସାହିତ କରିବ ବୋଲି ସେ କହିଛନ୍ତି।

# ନୃତ୍ୟ, ଗୀତରେ ଗ୍ରାମ୍ୟ ଜୀବନର ଝଲକ




ତପସ୍ୱିନୀ ପ୍ରେକ୍ଷାଳୟଠାରେ କଳାକାରଙ୍କ ନୃତ୍ୟ ପରିବେଷଣ।

ସମ୍ବଲପୁର,୯।୧୦(ବି.ଶଙ୍କର)

**ବିଲୁପ୍ତ ଲୋକ, ଜନଜାତୀୟ କଳା ଉତ୍ଥାନ ଉତ୍ସବ**

ପୂର୍ବାଞ୍ଚଳ ଜୋନ ସାଂସ୍କୃତିକ କେନ୍ଦ୍ର ଏବଂ ସାଂସ୍କୃତିକ ଅନୁଷ୍ଠାନ ଉକିଆ ପକ୍ଷରୁ ମିଳିତଭାବେ ବିଲୁପ୍ତ ଲୋକ ଏବଂ ଜନଜାତୀୟ କଳା ଉତ୍ଥାନ ଉତ୍ସବ ମଙ୍ଗଳବାର ରାତିରେ ତପସ୍ୱିନୀ ପ୍ରେକ୍ଷାଳୟରେ ଅନୁଷ୍ଠିତ ହୋଇଛି। ଉକିଆର ସଭାପତି ସଙ୍ଗୀତଜ୍ଞ ଶଙ୍କର ପ୍ରସାଦ ପ୍ରଧାନଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ହୋଇଥିଲା। ସଂସ୍କୃତି ଗବେଷକ ଡ.ଦ୍ୱାରିକାନାଥ ନାୟକ ଓ ଡ. ଶ୍ୟାମସୁନ୍ଦର ଧର ଏବଂ ନାଟ୍ୟକାର ତଥା ନାଟ୍ୟନିର୍ଦ୍ଦେଶକ କେଶରଞ୍ଜନ ପ୍ରଧାନ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। କଣ୍ଠଶିଳ୍ପୀ ବିଭୂତି ପଟ୍ଟନାୟକ, ସଂଗୀତଜ୍ଞ ତଥା ନାଟ୍ୟକାର ବ୍ରଜେନ୍ଦ୍ର ନାୟକ, ପ୍ରଫୁଲ୍ଲ ହୋତା, ସୁଶାନ୍ତ ମିଶ୍ର, ଗୋଲକ ବିହାରୀ ମିଶ୍ର ଓ ଅପର୍ଣ୍ଣା ମିଶ୍ର ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ । ଉକିଆ ସମ୍ପାଦକ ଗୁରୁ ରଞ୍ଜନ କୁମାର ସାହୁ ପ୍ରାରମ୍ଭିକ ସୂଚନା ଦେଇଥିବା ବେଳେ ଶିକ୍ଷାବିତ୍ ଦୀପାଳି ଚୌଧୁରୀ ସ୍ୱାଗତ ଭାଷଣ ସହ ପରିଚୟ ପ୍ରଦାନ କରିଥିଲେ। ଉତ୍ସବରେ ବଲାଙ୍ଗୀର ଜିଲାର ଦୁଲଦୁଲି କଳା ପରିଷଦ, ସମ୍ବଲପୁରର ଲହରୀ ଏବଂ ନଟରାଜ ସାଂସ୍କୃତିକ ଅନୁଷ୍ଠାନ, ଘୁବକୁଡୁ, ଡାପ ଏବଂ ଡାଲଖାଇ ନୃତ୍ୟ ପରିବେଷଣ କରିଥିଲେ। ସାଂସ୍କୃତିକ କାର୍ଯ୍ୟକ୍ରମକୁ ସୂର୍ଯ୍ୟପ୍ରକାଶ ଗୁରୁ ପରିଚାଳନା କରିଥିଲେ। ନୃତ୍ୟ ଓ ସଂଗୀତ ମାଧ୍ୟମରେ କଳାକାରମାନେ ଗ୍ରାମ୍ୟ ଜୀବନର ଝଲକ ଦେଖାଇଥିଲେ। କଳାକାର ବଞ୍ଚିଲେ ଲୋକକଳା ବଞ୍ଚିବ ଏବଂ ଲୁପ୍ତପ୍ରାୟ ଆଦିବାସୀ କଳା ବଞ୍ଚି ରହିବ। କଳାକାରମାନଙ୍କର ଏହି ବାର୍ତ୍ତା ଦର୍ଶକଙ୍କୁ ବିମୋହିତ କରିଥିଲା।

# କ୍ୱାର୍ଟର ଫାଇନାଲରେ ଡୁରେଇନିକ୍ରିମାଲ

**ଜୟଦୁର୍ଗା ଫୁଟବଲ ଟୁର୍ନାମେଣ୍ଟ**

କୁଚିଣ୍ଡା, ୯।୧୦(ବିରଞ୍ଚି ଦର୍କା)

ସମ୍ବଲପୁର ଜିଲା କୁଚିଣ୍ଡା ମୁକୁନ୍ଦି ଷ୍ଟାଡିୟମରେ ଚାଲିଥିବା ଜୟଦୁର୍ଗା ଫୁଟବଲ ଟୁର୍ନାମେଣ୍ଟର ବୁଧବାର ତୃତୀୟ ଦିବସରେ ୩ଟି ମ୍ୟାଚ ଖେଳାଯାଇଥିଲା। ପ୍ରଥମ ମ୍ୟାଚ ଗିରେଲଡୁଙ୍ଗୁରି ରାମ ବ୍ରଦର୍ସ ଓ ଡୁରେଇନିକ୍ରିମାଲ ମଧ୍ୟରେ ହୋଇଥିଲା। ଏଥିରେ ୩-୨ ଗୋଲରେ ଡୁରେଇନିକ୍ରିମାଲ ବିଜୟ ହାସଲ କରିଥିଲା। ଦ୍ୱିତୀୟ ମ୍ୟାଚ କୁଇଲାରିଯୋର ଯୁବ କ୍ଲବ ସହ ଘୋଷା ଟାଇଟନ ମଧ୍ୟରେ ହୋଇଥିଲା। ୨-୦ ଗୋଲରେ କୁଇଲାରିଯୋର ଯୁବ କ୍ଲବ ବିଜେତା ହୋଇଥିଲା। ତୃତୀୟ ମ୍ୟାଚ (ପ୍ରିକ୍ୱାର୍ଟର ଫାଇନାଲ)ଡୁରେଇନିକ୍ରିମାଲ ସହ କୁଇଲାରିଯୋର ଯୁବ କ୍ଲବ ମଧ୍ୟରେ ହୋଇଥିଲା। ୩-୨ ଗୋଲରେ ଡୁରେଇନିକ୍ରିମାଲ ବିଜୟୀ ହୋଇ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଖେଳକୁ ବାପି ବାଘ, ସରୋଜ କିଷାନ,ବୀରସିଂ କିଷାନ, ରାଜକୁମାର ମହାପାତ୍ର ଓ ଆକାଶ କିଷାନ ପରିଚାଳନା କରିଥିଲେ। ତୃତୀୟ ଦିବସ ଖେଳରେ ଅତିଥି ଭାବେ ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ନାଏକ, ଜିଲା ପରିଷଦ ସଦସ୍ୟ ଦିବ୍ୟରାଜ କିଷାନ, ବିନୁ ଅଗ୍ରୱାଲ, ଉଦିତ ପ୍ରତାପ ଦେଓ, ଡିଲେଶ୍ୱର ବେହେରା, ସଞ୍ଜୟ ମହାନନ୍ଦ ଯୋଗଦେଇ ଖେଳର ଶୁଭାରମ୍ଭ କରିଥିଲେ।



ଅତିଥି, ରେଫରିଙ୍କ ସହ ଉଭୟ ଦଳର ଖେଳାଳିମାନେ।

# ଉତ୍ତମ ରାଷ୍ଟ୍ର ଗଠନ ଲାଗି ନାରୀ ଶିକ୍ଷା ଜରୁରୀ

**ଫାତିମା ଶେଖଙ୍କ ପରିନିର୍ବାଣ ଦିବସ**

ସମ୍ବଲପୁର,୯।୧୦(ବି.ଶଙ୍କର)

ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦ ପକ୍ଷରୁ ଫାତିମା ଶେଖଙ୍କ ୧୨୫ ତମ ପରିନିର୍ବାଣ ଦିବସ ବୁଧବାର ସମ୍ବଲପୁର ସାମ୍ବାଦିକ ଭବନଠାରେ ପାଳିତ ହୋଇଯାଇଛି। ପଶ୍ଚିମ ଓଡ଼ିଶା ଦଳିତ ସୁରକ୍ଷା ପରିଷଦର ଅଧକ୍ଷ ନିହାଲ ସିଂ ଅଧକ୍ଷତାରେ ସଭା କାର୍ଯ୍ୟ ହୋଇଥିଲା। କାର୍ଯ୍ୟକ୍ରମରେ ସମାଜିକ କର୍ମୀ ଇଞ୍ଜିନିୟର ଅଶୋକ କୁମାର ଜାଲାନ ମୁଖ୍ୟ ଅତିଥି ଓ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ ପାର୍ବତୀ ସେଟ୍ ମୁଖ୍ୟବକ୍ତା ଭାବେ ଯୋଗଦେଇ ଭାରତର ପ୍ରଥମ ମୁସଲିମ ମହିଳା ଶିକ୍ଷୟିତ୍ରୀ ଫାତିମା ଶେଖଙ୍କ ଜୀବନି ଏବଂ ନାରୀ ଶିକ୍ଷାର ପ୍ରଚାର ପ୍ରସାର ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସମାଜ ଓ ରାଷ୍ଟ୍ରର ବିକାଶ ସକାଶେ ନାରୀ ଶିକ୍ଷାର ଜରୁରୀ। ତେଣୁ ପ୍ରତ୍ୟେକ ନାରୀ ଶିକ୍ଷିତ ହେବା ଆବଶ୍ୟକ। ପରିବାର, ସମାଜ ଓ ରାଷ୍ଟ୍ରକୁ ସୁଦୃଢ଼ କରିବାକୁ ହେଲେ ନାରୀମାନେ ଉଚ୍ଚ ଶିକ୍ଷିତା ହେବାକୁ ପଡିବ। ନଚେତ୍ ଉତ୍ତମ ପରିବାର, ସମାଜ ଓ ରାଷ୍ଟ୍ର ନିର୍ମାଣର ସ୍ୱପ୍ନ ଅଧୁରା ରହିଯିବ। ସେଥିପାଇଁ ସମସ୍ତେ ଫାତିମା ଶେଖଙ୍କ ୧୨୫ ତମ ପରିନିର୍ବାଣ ଦିବସରେ ନାରୀ ଶିକ୍ଷାର ବିକାଶ ସକାଶେ ଶପଥ ପାଠ କରିବା ଉଚିତ । ତେବେ ଯାଇ ତାଙ୍କ ପ୍ରତି ଉଚିତ ଶ୍ରଦ୍ଧାଞ୍ଜଳି ହେବ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ । ସଭାକୁ ପରିଷଦ ଉପ ମହାସଚିବ କ୍ଷେତ୍ରମଣି ବିଭାର ପରିଚାଳନା କରିଥିଲେ। ପରିଷଦ ଶିବଶଙ୍କର ପ୍ରଧାନ, ମୋମିନା ଖାତୁନ, ସୁରେଶ ପ୍ରଧାନ ସହଯୋଗ କରିଥିଲେ। ସମ୍ବଲପୁର ସମେତ ବୁର୍ଲା, ହୀରାକୁଦ ଅଞ୍ଚଳରୁ ମହିଳାମାନେ ଯୋଗଦେଇ ଫାତିମା ଶେଖଙ୍କ ଅତୁଳନୀୟ ଅବଦାନ ନେଇ ସ୍ମୃତିଚାରଣ କରିଥିଲେ।




ସମ୍ବଲପୁର ସମ୍ବାଦିକ ଭବନରେ ଆୟୋଜିତ ଫାତିମା ଶେଖଙ୍କ ପରିନିର୍ବାଣ ସଭାରେ ଅତିଥି ଓ ବକ୍ତାମାନେ।

## ସଂକ୍ଷେପରେ

### ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

**ଥୁଆମୂଳ ରାମପୁର,୯।୧୦ (ଦୁର୍ଗା କୀର୍ତ୍ତି):** କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ଭବାନୀପାଟଣା ମୁଖ୍ୟ ରାସ୍ତାର ପେରମଞ୍ଜି ଉଦ୍ୟାନ ବିଭାଗ ନର୍ସରୀ ଘାଟିରେ ବୁଧବାର ଏକ ଅଜଣା ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଛି। ସେ ହେଲେ କର୍ଲାପାଟ ଥାନା ଅଞ୍ଚଳର ମଳୟ ନାଏକ (୨୩)। ସୂଚନାକ୍ରମେ ମଳୟ ଅନ୍ୟଜଣେ ୧୭ବର୍ଷର ନାବାଳକଙ୍କୁ ବସାଇ ବାଇକ୍‌ରେ ଯାଉଥିବାବେଳେ ଅଜଣା ଗାଡି ସେମାନଙ୍କୁ ଧକ୍କା ଦେଇଥିଲା। ଫଳରେ ଘଟଣାସ୍ଥଳରେ ମଳୟଙ୍କ ମୃତ୍ୟୁ ଘଟିଥିବାବେଳେ ନାବାଳକଙ୍କ ଜଣକ ଗୁରୁତର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କ ଉଦ୍ଧାର କରି ଭବାନୀପାଟଣା ମୁଖ୍ୟ ଡାକ୍ତରଖାନାକୁ ପଠାଇଛନ୍ତି। ଦୁର୍ଘଟଣା ଖବର ପାଇ କର୍ଲାପାଟ ଥାନା କର୍ମଚାରୀ ପହଞ୍ଚି ତଦନ୍ତ ଚଳାଇଛନ୍ତି।

### ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା

ନୂଆପଡ଼ା,୯।୧୦ (ମକାରୁ ବେମାଲ)
ନୂଆପଡ଼ା ସଦର ବ୍ଲକ ସରକାରୀ ଉଚ୍ଚ ବିଦ୍ୟାଳୟ ଧରମବନ୍ଧାଠାରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଶିକ୍ଷା ଅଧିକାରୀ ହେମସାଗର ମହାନନ୍ଦଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ପଞ୍ଚାୟତ ସମିତି ଅଧକ୍ଷା ତାରେଶ୍ୱରୀ ସାହୁ ମୁଖ୍ୟ ଅତିଥି ଓ ଡ. ଶିବ ପ୍ରସାଦ ବେହେରା, ଅତିରିକ୍ତ ଜିଲା ମଙ୍ଗଳ ଅଧିକାରିଣୀ କୌଶଲ୍ୟା ମାଝି, ସରପଞ୍ଚ ଧରମବନ୍ଧା ଭୁନେଶ୍ୱରୀ ଦଣ୍ଡସେନା, ଉଚ୍ଚ ମାଧମିକ ବିଦ୍ୟାଳୟ ଭାରପ୍ରାପ୍ତ ଅଧକ୍ଷ ସୁରେଶ କୁମାର ଦାସ, ବିଦ୍ୟାଳୟ ପ୍ରଧାନଶିକ୍ଷକ ପ୍ରକାଶ ମିଶ୍ର, ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଖଗେଶ୍ୱର ମାଝି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପ୍ରତିଯୋଗିତାରେ ବ୍ଲକର ସମସ୍ତ ବିଦ୍ୟାଳୟର ପ୍ରତିଯୋଗୀ ଅଂଶ ଗ୍ରହଣ କରିଥିଲେ। ମହତାବ ଆଡ଼ୟୁଆଡ ଖେଳ ପରିଚାଳନା କରିଥିଲା। ଉଦ୍‌ଯାପନୀ ଉତ୍ସବରେ ନୂଆପଡ଼ା ଉପଜିଲାପାଳ ଯୋଗେନ୍ଦ୍ର ମାଝି,ଏବିଇଓ ଚୈତରାମ ନାଏକ, ଉକ୍ଳମଣି ଅଗସ୍ତି ଯୋଗଦାନ କରି କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ।

### ଆନ୍ତର୍ଜାତିକ ବାଳିକା ଦିବସ

**ନୂଆପଡ଼ା, ୯।୧୦ (ମକାରୁ ବେମାଲ):** ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଜିଲା ସମାଜ କଲ୍ୟାଣ ବିଭାଗ ତରଫରୁ ଜିଲାସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ ପାଳିତ ହୋଇଯାଇଛି। ନୂଆପଡ଼ା ଜିଲାପାଳ ମଧୁସୂଦନ ଦାସଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ଭୀମସେନ ଶବର, ଜିଲା ସମାଜ କଲ୍ୟାଣ ଅଧିକାରୀ ସଙ୍ଗୀତା ପାତ୍ର, ଡିସିପିଓ ଅନ୍ତର୍ଯ୍ୟାମୀ ବରିୟାରସିଂହ, ଶିଶୁ ମଙ୍ଗଳ ସମିତି ସଦସ୍ୟ ଅହଲ୍ୟା ପୂଜାରି ସମ୍ମାନିତ ଅତିଥି ଭାବରେ ଯୋଗଦେଇଥିଲେ। ଅତିରିକ୍ତ ଜିଲାପାଳ ଶବର ବାଳିକାମାନଙ୍କୁ ଶିକ୍ଷାର ମହତ୍ତ୍ୱ ସମ୍ବନ୍ଧରେ ବୁଝାଇଥିଲେ। ଜିଲାପାଳ ଝିଅମାନେ ଉଚ୍ଚ ଶିକ୍ଷିତ ହେଲେ ହିଁ ସମାଜରେ ପ୍ରକୃତ ପରିବର୍ତ୍ତନ ଆସିପାରିବ ବୋଲି କହିଥିଲେ। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାର କୃତୀ ଛାତ୍ରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ସାଲେଭଟା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ରୀମାନେ ପ୍ରଧାନ ଶିକ୍ଷୟିତ୍ରୀ ସରସ୍ୱତୀ ଶବରଙ୍କ ନିର୍ଦ୍ଦେଶନାରେ ବେଟି ବଚାଓ ବେଟି ପଢାଓ ଉପରେ ଗୀତିନାଟ୍ୟ ପ୍ରଦର୍ଶନ କରିଥିଲେ।

# ଦୁର୍ଗମ ଅଞ୍ଚଳରେ ଝାଡ଼ାବାନ୍ତି ପ୍ରକୋପ

ଥୁଆମୂଳ ରାମପୁର,୯।୧୦ (ଦୁର୍ଗା କୀର୍ତ୍ତି)

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ କେରପାଇ ପଞ୍ଚାୟତ ପୋଡାପାଇ ଗାଁରେ ଝାଡାବାନ୍ତିର ପ୍ରକୋପ ଦେଖିବାକୁ ମିଳିଛି। ୨ ସପ୍ତାହ ମଧ୍ୟରେ ଅଞ୍ଚଳର ୪ ଜଣଙ୍କ ମୃତ୍ୟୁ ଘଟିଲାଣି। ସେପ୍ଟେମ୍ବର ୨୭ରେ ଉକ୍ତ ଗ୍ରାମର ବୀର ସିଂ ମାଝି (୩୫), ମୂର୍ତ୍ତି ମାଝି (୬୦) ଏବଂ ଗତ ୪ତାରିଖରେ ବସନ୍ତ ମାଝି (୧୪) ନାମକ ବାଳକଙ୍କ ମୃତ୍ୟୁ ହୋଇଥିବା ଗାଁ ଲୋକେ ପ୍ରକାଶ କରିଛନ୍ତି। ଏଥିସହିତ ମଙ୍ଗଳବାର କାଶୀପୁର ବ୍ଲକ ପୁଟଲୁମାଳି, ତିଜମାଳି ଉପରମୁଣ୍ଡରେ ଅବସ୍ଥିତ ଗ୍ରାମର ଶବରୀ ମାଝି (୩୦)ଙ୍କ ମୃତ୍ୟୁ ହୋଇଛି। ଏ ସମ୍ପର୍କରେ ଥୁଆମୂଳ ରାମପୁର ମେଡିକାଲ ଅଫିସର ଡା. ନିତିଶ ଝା କହିଛନ୍ତି, ଘଟଣା ସମ୍ପର୍କରେ ଅବଗତ ହେଲା ପରେ ୨୭ ତାରିଖରୁ ସ୍ୱାସ୍ଥ୍ୟ କର୍ମୀମାନେ ଗାଁରେ ପହଞ୍ଚି ସ୍ୱାସ୍ଥ୍ୟସେବା ଯୋଗାଉଛନ୍ତି। ଦୂଷିତ ଖାଦ୍ୟପେୟ ଯୋଗୁ ଏଭଳି ପରିସ୍ଥିତି ସୃଷ୍ଟି ହେଉଥିବା ଅନୁମାନ କରାଯାଉଛି ବୋଲି ସେ କହିଛନ୍ତି। କେରପାଇ ପଞ୍ଚାୟତର ସ୍ୱାସ୍ଥ୍ୟକର୍ମୀ ଦେବକୀ ନାଏକ, ସିଏଚ୍‌ଓ ସହକର୍ମୀ ବିଦ୍ୟୁଲତା ଭୋଇ, ପୁରଷ ସ୍ୱାସ୍ଥ୍ୟକର୍ମୀ କେଶବ ମାଝୀ ଓ ଆଶା କର୍ମୀ କାନ୍ତିମଣୀ ନାଏକ ଗ୍ରାମରେ ପହଞ୍ଚି ଦିପାଙ୍ଗ ଦେଇ ମାଝୀ, ଫୁଲମତି ମାଝୀ, ବାଙ୍ଗଡୁ ମାଝୀ, ଧନସିଂ ମାଝୀଗଙ୍କୁ ସାଲାଇନ ଓ ଓଆର୍‌ଏସ ଦେଇଛନ୍ତି। ଗତ ୨୮ତାରିଖରେ ସେହି ଗ୍ରାମର ୬ ଜଣ କାଶୀପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଥିଲେ। ବର୍ତ୍ତମାନ ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ସେହିପରି ପୋଡାପଦର ପଞ୍ଚାୟତ ଭିତରଡୁଙ୍ଗା ଗ୍ରାମର ଦାନ ମାଝୀଙ୍କ ସ୍ତ୍ରୀ ମଗାଏ ମାଝୀ(୪୦)ଙ୍କ ଝାଡାବାନ୍ତି ହେବାରୁ ତାଙ୍କୁ ପ୍ରଥମେ ନବରଙ୍ଗପୁର ଜିଲା ତେନ୍ତୁଳିଖୁଣ୍ଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଓ ପରେ ଜିଲା ମୁଖ୍ୟ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଥିବା ଜଣାପଡିଛି।


ଜଣେ ଆକ୍ରାନ୍ତଙ୍କୁ ସାଲାଇନ ଦେଉଛନ୍ତି ସ୍ୱାସ୍ଥ୍ୟକର୍ମୀ।

**୨ ସପ୍ତାହରେ ୪ଜଣଙ୍କ ମୃତ୍ୟୁ ଘଟିଲାଣି**

# ସୌରଶକ୍ତି ସମ୍ପର୍କିତ କର୍ମଶାଳା



କର୍ମଶାଳାରେ ମଞ୍ଚାସୀନ ଅତିଥିମାନେ।

ଏମ୍. ରାମପୁର, ୯।୧୦(ଶଶି ଭୂଷଣ ପ୍ରହରାଜ)

କଳାହାଣ୍ଡି ଜିଲା ଏମ୍. ରାମପୁରର ବୁରାଟ ଗ୍ରାମସ୍ଥିତ ସେବା ଜଗତ ତାଲିମ କେନ୍ଦ୍ରଠାରେ ବୁଧବାର ଅଗ୍ରଣୀ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବା ଜଗତ ଓ ସେଲକୋ ଫାଉଣ୍ଡେଶନ ବାଙ୍ଗାଲୋରର ମିଳିତ ଉଦ୍ୟମରେ ସୌର ଶକ୍ତି ମାଧ୍ୟମରେ ଜୀବନଜୀବିକା ସୁଦୃଢୀକରଣ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମ.ରାମପୁର ବ୍ଲକ ପ୍ରୋଗ୍ରାମ ଅଫିସର ପୃଥ୍ୱୀରାଜ ସାହୁ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥି ଭାବେ ପ୍ରାଣୀସମ୍ପଦ ଅଧିକାରୀ ଦିବ୍ୟ ରଞ୍ଜନ ଲେଙ୍କା, ସେଲକୋ ଫାଉଣ୍ଡେଶନର ଜିଲା ସଂଯୋଜିକା ସ୍ୱାଗତିକ ନାୟକ ଓ ଉଦୟ ମାଝୀ, ସେବା ଜଗତ ସମ୍ପାଦକ ସତ୍ୟନାରାୟ ପଟ୍ଟନାୟକ ଯୋଗଦେଇ ସୌର ଶକ୍ତିର ବ୍ୟବହାର, ଆବଶ୍ୟକତା ଓ ଉପଲବ୍ଧତା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଏମ୍.ରାମପୁର ବଣିକ ସଂଘ କର୍ମକର୍ତ୍ତାଙ୍କ ସମେତ ବିଭିନ୍ନ ଅଞ୍ଚଳରୁ ୬୦ରୁ ଊର୍ଦ୍ଧ୍ୱ ବ୍ୟକ୍ତି ଅଂଶଗ୍ରହଣ କରିଥିଲେ। ସେବା ଜଗତର ପ୍ରକଳ୍ପ ସଂଯୋଜକ ପରିପ କୁମାର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କଳାହାଣ୍ଡିରେ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ


ଅଭିଯାନରେ ଉପସ୍ଥିତ ବିଜେଡି କର୍ମକର୍ତ୍ତା।

ଭବାନୀପାଟଣା,୯।୧୦ (ଉତ୍ତମ କୁମାର ଦାଶ)

**୨୫ ହଜାରରୁ ଅଧିକ ସଭ୍ୟ ସଂଗ୍ରହ ଲକ୍ଷ୍ୟ**

ବିଜେଡି ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନେତୃତ୍ୱରେ ବୁଧବାର ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀଠାରୁ ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଛି। ଭୁବନେଶ୍ୱର ଶଙ୍ଖ ଭବନଠାରେ ଆୟୋଜିତ ସଭାରେ ନବୀନ ପଟ୍ଟନାୟକ ଯୋଗଦେଇ ବିଜେଡିର ପ୍ରଥମ ସଦସ୍ୟତା ନେବା ସହ କର୍ମକର୍ତ୍ତାଙ୍କୁ ଉତ୍ସାହିତ କରିଥିଲେ। ଭବାନୀପାଟଣା ଟାଉନ ହଲଠାରେ କଳାହାଣ୍ଡି ବିଜେଡି ପକ୍ଷରୁ ଏହି ଅଭିଯାନ ଆରମ୍ଭ ହୋଇଛି। ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ଆଭାସୀ ମାଧ୍ୟମରେ ଏହାର ଶୁଭାରମ୍ଭ କରିଥିଲେ। କଳାହାଣ୍ଡି ଜିଲାର ୫ ବିଧାନସଭା କ୍ଷେତ୍ରରେ ୨୫ ହଜାରରୁ ଅଧିକ ସଭ୍ୟ ସଂଗ୍ରହ ପାଇଁ ଲକ୍ଷ୍ୟ ରଖାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓ, ଜିଲା କାର୍ଯ୍ୟକାରୀ ସଭାପତି ତଥା ଜୁନାଗଡ଼ ବିଧାୟକ ଦିବ୍ୟଶଙ୍କର ମିଶ୍ର, ଲାଞ୍ଜିଗଡ଼ ବିଧାୟକ ପ୍ରଦୀପ କୁମାର ଦିଶାରୀ, ନର୍ଲା ବିଧାୟକା ମନୋରମା ମହାନ୍ତି, ପୂର୍ବତନ ବିଧାୟକ ଦୁଷ୍ମନ୍ତ ନାଏକ, ଗୋବର୍ଦ୍ଧନ ଦାଶ, ସମବାୟ ସଭାପତି ଗିରିଶ ଚନ୍ଦ୍ର ବେହେରା, ଜିଲା ପରିଷଦ ଉପାଧ୍ୟକ୍ଷ ସୁଧିର ମେହେର, ଜୁନାଗଡ଼ ବ୍ଲକ ଅଧକ୍ଷା ସବିତା ମେହେର, ବରିଷ୍ଠ ବିଜେଡ଼ି ନେତା ଭବାନୀ ଶଙ୍କର ମିଶ୍ର, ଯୁବ ବିଜେଡି ସଭାପତି ଆଦିତ୍ୟ ନନ୍ଦ, ରାଜ୍ୟ ଛାତ୍ର ବିଜେଡି କାର୍ଯ୍ୟକାରୀ ସଭାପତି ଅବିନାଶ ଠାକୁର, ଜିଲା ମହିଳା ସଭାନେତ୍ରୀ ଲଳିତା ନାଏକ ପ୍ରମୁଖ ଯୋଗଦେଇଥିଲେ।

### ଜିଲାସ୍ତରୀୟ ଆନ୍ତର୍ଜାତିକ ବାଳିକା ଦିବସ

ଭବାନୀପାଟନା,୯।୧୦ (ଉତ୍ତମ କୁମାର ଦାଶ)

କଳାହାଣ୍ଡି ଜିଲା ପ୍ରଶାସନ ଓ ଜିଲା ଶିଶୁ ସୁରକ୍ଷା ୟୁନିଟର ମିଳିତ ସହଯୋଗରେ ବୁଧବାର ଭବାନୀପାଟଣା ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତିକ ବାଳିକା ଦିବସ ଓ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଭାରତ ସରକାରଙ୍କ ଦ୍ୱାରା ପ୍ରଚଳିତ ବେଟି ବଚାଓ ବେଟି ପଢାଓ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲାପାଳ ତନ୍ମୟ କୁମାର ଦରୱାନଙ୍କ ଅଧକ୍ଷତାରେ ଅତିଥି ଭାବେ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡା. ସୁଚେତା ପାଣି, ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଦୟାମୟ ପାଢୀ, ଜିଲା ସମାଜ କଲ୍ୟାଣ ଅଧିକାରୀ ମୁଜିବିନ ନିଶା, ସହକାରୀ ଜିଲାପାଳ ମମତା ଦାସ ଓ ସୌଦାମିନୀ ମାଝୀ, ଉପ ଆରକ୍ଷୀ ଅଧୀକ୍ଷକ ମୁକ୍ତି କୁମାର କୁଲୁ, ସ୍ଥାନୀୟ ତହସିଲଦାର ଶୁଭସ୍ମିତା ମିଶ୍ର, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଶୈଳେନ୍ଦୁ ଶେଖର ମହାପାତ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ। ଅତିଥିମାନେ କନ୍ୟାଶିଶୁଙ୍କୁ ଉତ୍ସାହିତ କରିବା ସହ ସେମାନଙ୍କର ଭବିଷ୍ୟତ ଜୀବନ ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଜିଲା ସ୍ତରର ବିଭିନ୍ନ କାର୍ଯ୍ୟକ୍ରମରେ କୃତତ୍ୱ ଅର୍ଜନ କରିଥିବା କନ୍ୟାଶିଶୁଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ରେଲଯାତ୍ରୀ ସଂଘ ଅଧକ୍ଷଙ୍କ ପୂର୍ବତଟ ରେଲୱେ ଜିଏମ୍‌ଙ୍କୁ ସାକ୍ଷାତ


ରେଲୱେ ମହାପ୍ରବନ୍ଧକଙ୍କୁ ସାକ୍ଷାତ କରୁଛନ୍ତି ଡ. ଭବାନୀ ଶଙ୍କର ନିଆଲ।

ଭବାନୀପାଟଣା,୯।୧୦(ଉତ୍ତମ କୁମାର ଦାଶ)

**କଳାହାଣ୍ଡି, ନୂଆପଡ଼ା ଷ୍ଟେଶନ ସମସ୍ୟା ଉପରେ ଆଲୋଚନା**

କଳାହାଣ୍ଡି ରେଲଯାତ୍ରୀ ସଂଘର ଅଧକ୍ଷ ଡ଼. ଭବାନୀ ଶଙ୍କର ନିଆଲ ପୂର୍ବତଟ ରେଲୱେ ଜିଏମ୍ ପରମେଶ୍ୱର ଫଙ୍କୱାଲଙ୍କୁ ସାକ୍ଷାତ କରି କଳାହାଣ୍ଡି ଓ ନୂଆପଡା ରେଲଷ୍ଟେଶନର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଛନ୍ତି। ଜୁନାଗଡ଼ ଭୁବନେଶ୍ୱର ରେଲକୁ ପୁରୀ ପର୍ଯ୍ୟନ୍ତ ସମ୍ପ୍ରସାରଣ, ନର୍ଲା ଜମି ସମ୍ବନ୍ଧିତ ସମସ୍ୟା ସମାଧାନ କରି ନର୍ଲା ଲୋକମୋଟିଭ ପ୍ରୋଜେକ୍ଟକୁ ଅତିଶୀଘ୍ର ଆରମ୍ଭ କରିବା, କେସିଙ୍ଗା ଷ୍ଟେଶନରେ ଉଭୟ ଏକ୍ସପ୍ରେସ ଓ ପାସେଞ୍ଜର ଟ୍ରେନର ଅନଲୋଡିଂ ସୁବିଧା, କେସିଙ୍ଗାଠାରୁ ଭୁବନେଶ୍ୱରକୁ ସିଧାସଳଖ ଟ୍ରେନ, କେସିଙ୍ଗାକୁ ଇସ୍ପାତ ଏକ୍ସପ୍ରେସର ବିସ୍ତାର, ନର୍ଲାରୋଡ଼ ଷ୍ଟେଶନରେ ସମତା, ତିରୁପତି ଓ ଧାନବାଦ ଏକ୍ସପ୍ରେସ ଟ୍ରେନ ରହଣି, ଭବାନୀପାଟଣା ପାଖ କୁରୁରୁଖମାର ନୂଆ ହସ୍ପିଟାଲ ପାଖରେ ଏକ ଅଣ୍ଡରବ୍ରିଜ ନିର୍ମାଣ, ଭବାନୀପାଟଣା ଶହୀଦ ରେଣ୍ଡୋ ମାଝୀ ମେଡିକାଲ କଲେଜରୁ ରେଲଷ୍ଟେଶନ ପର୍ଯ୍ୟନ୍ତ ରାସ୍ତା ନିର୍ମାଣ ଆଦି ଦାବି ଉପରେ ବିଶେଷ ଚର୍ଚ୍ଚା କରିଥିଲେ।

# ତେରେସିଂହା ମା' ପାଟଖଣ୍ଡାଙ୍କ ବଳିଯାତ୍ରା

ରିଷିଡ଼ା,୯।୧୦ (ସୁଶାନ୍ତ ମଲ୍ଲିକ)

କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ତେରେସିଂହାଠାରେ ମା' ପାଟଖଣ୍ଡାଙ୍କ ବଳିଯାତ୍ରା ମଙ୍ଗଳବାର ସମ୍ପନ୍ନ ହୋଇଛି। ଭକ୍ତଙ୍କ ମାନସିକ ପୂରଣ ହୋଇଥିବାରୁ ଏଠାରେ ବୋଦା, କୁକୁଡ଼ା ବଳି ପଡ଼ିଥାନ୍ତି। ତେରେସିଂହା ସ୍କୁଲ ପଡ଼ିଆ, ପୂର୍ବପାର୍ଶ୍ୱ ତେରେସିଂହା ଓ ଦକ୍ଷିଣପାର୍ଶ୍ୱ ବେଲପଡ଼ାରେ ଯାତ୍ରା ହୋଇଥିଲା। ପୂର୍ବ ଓ ପଶ୍ଚିମ ବେଲପଡ଼ା ଯାତ୍ରା ଖଳାରେ ଭକ୍ତଙ୍କ ଭିଡ଼ ଦେଖିବାକୁ ମିଳିଥିଲା। ଏହି ଯାତ୍ରା କେଉଟ କୈବର୍ତ୍ତ ସମ୍ପ୍ରଦାୟର ହୋଇଥିଲେ ହେଁ ଏଥିରେ ବିଭିନ୍ନ ଜାତିର ଲୋକ ବାର ଦେହେଲିଆ ଭାବେ ରହିଥାନ୍ତି। ଯାତ୍ରାର ୮ଦିନ ପୂର୍ବରୁ ଗୁଡ଼ି ପ୍ରବେଶ ହୋଇ ପ୍ରତି ସନ୍ଧ୍ୟାରେ ମା'ଙ୍କ ପୂଜା ହୋଇଥାଏ। ମୁଖ୍ୟ ପୂଜକ ଦାମୋଦର ନାଏକ, ବରୁଆ ବିବେକାନନ୍ଦ ନାଏକ ଓ ମିନକେତନ ନାଏକ, ଛତ୍ରିଆ ଗୋପାଳ ନାଏକ, ଯାତ୍ରା କମିଟି ସଭାପତି ରୁଦ୍ର ଭୋଇ, ସମ୍ପାଦକ ସୁବିନ୍ଦ୍ର ରଣା ପ୍ରମୁଖ ବିଭିନ୍ନ କାର୍ଯ୍ୟରେ ସହଯୋଗ କରିଥିଲେ। ସେହିପରି ବେଲପଡ଼ା ଯାତ୍ରା କମିଟି ପକ୍ଷରୁ ସଭାପତି ନିଳମଣି ଗହିର, ସମ୍ପାଦକ କିଶୋର ଚନ୍ଦ୍ର ନାଏକ, ଉପସଭାପତି ଯୁଗୋଳ କିଶୋର ନାଏକ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।


ତେରେସିଂହା ପାଟଖଣ୍ଡା ଯାତ୍ରା।

### ଦୁର୍ଘଟଣାରେ ବୃଦ୍ଧଙ୍କ ମୃତ୍ୟୁ

କୋମନା,୯।୧୦ (ସୋବିନ ଛତ୍ରିଆ)

ଏକ ସଡ଼କ ଦୁର୍ଘଟଣାରେ କୋମନା ବ୍ଲକ ଆଗ୍ରେନ ପଞ୍ଚାୟତ ଗୋଇଯୋର ଗାଁର ଧରମୁ ବାଗ (୬୫)ଙ୍କ ମୃତ୍ୟୁ ଘଟିଛି। ପ୍ରାପ୍ତ ସୂଚନା ଅନୁଯାୟୀ ଧରମୁ କୌଣସି କାମରେ ସାଇକେଲରେ ବାରନ୍ଦାପାଟ ଯାଇ ଫେରୁଥିଲେ। ବନ୍ଧଲି ପାଖରେ ପଛପଟୁ ନୂଆପଡ଼ା ଆଡୁ ଆସୁଥିବା ଓଡି୦୨ଏଇ-୫୫୨୬ ନଂ. କାର୍ ତାଙ୍କୁ ଧକ୍କା ଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଭେଲା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବର ପାଇ କୋମନା ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ହସ୍ତାନ୍ତର କରିଛି। ତାଙ୍କ ପରିବାର ବର୍ଗଙ୍କୁ ହରିଶ୍ଚନ୍ଦ୍ର ଯୋଜନା ଓ ରେଡକ୍ରସ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇଦେବାକୁ ଦାବି ହେଉଛି।

# ନୂଆପଡ଼ାରେ ୭୦ତମ ବନ୍ୟପ୍ରାଣୀ ସପ୍ତାହ


କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥିବୃନ୍ଦ।

ନୂଆପଡ଼ା,୯।୧୦ (ମକାରୁ ବେମାଲ)

ଓଡ଼ିଶା ସରକାରଙ୍କ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଆନୁକୂଲ୍ୟରେ ନୂଆପଡ଼ା ଜଳ ବିଭାଜିକା ପ୍ରକଳ୍ପ ସମ୍ମିଳନୀ କକ୍ଷଠାରେ ୭୦ତମ ବନ୍ୟପ୍ରାଣୀ ସପ୍ତାହ ପାଳିତ ହୋଇଯାଇଛି। ଜିଲାପାଳ ମଧୁସୂଦନ ଦାଶଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ଜିଲା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଖରିଆର ବନଖଣ୍ଡ ଅଧିକାରୀ ଅଜିଜ ଖାନ, ସୁନାବେଡା ଅଭୟାରଣ୍ୟ ବନଖଣ୍ଡ ଅଧିକାରୀ ମହାଦେବ ବଡାଇକ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧରଣୀଧର ସେନାପତି ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବନ୍ୟପ୍ରାଣୀଙ୍କୁ ସୁରକ୍ଷା ଦେବାର ନୈତିକ ଦାୟିତ୍ୱ ମଣିଷ ସମାଜର ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜଙ୍ଗଲ ତଥା ବନ୍ୟଜନ୍ତୁ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ ସେବା ଯୋଗାଇଥିବା କର୍ମଚାରୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ଅରୁଣ ବିଶ୍ୱାଳଙ୍କୁ ବିଜୁ ପଟ୍ଟନାୟକ ବନ୍ୟପ୍ରାଣୀ ସଂରକ୍ଷଣ ଓ ରଣଜିତ ସିଂଙ୍କୁ ପ୍ରକୃତିବନ୍ଧୁ ପୁରସ୍କାରରେ ସମ୍ମାନିତ କରାଯାଇଥିଲା।

# ଶାରଦୀୟ ଦୁର୍ଗାପୂଜା ପାଇଁ ଅଧିବାସ, ବିଲ୍ୱବରଣ

କୋକସରା,୯।୧୦ (ଦୁଷ୍ମନ୍ତ କୁମାର ପାଟ୍ଟଯୋଷୀ)

ଶାରଦୀୟ ଦୁର୍ଗାପୂଜା ପାଇଁ କୋକସରା ବ୍ଲକ କୋକସରା ଓ ଲଡୁଗାଁରେ ଅଧିବାସ, ବିଲ୍ୱ ବରଣ ଅନୁଷ୍ଠିତ ହୋଇଯାଇଛି। ଲଡୁଗାଁରେ ପୂଜାକର୍ତ୍ତା ନିଲେଶ ଅଗ୍ରୱାଲ, ରୋଶନି ଅଗ୍ରୱାଲ ସପତ୍ନୀକଙ୍କୁ ବାଟ ବରଣ କରିବା ପରେ ଏକ ଭବ୍ୟ ଶୋଭାଯାତ୍ରାରେ ନଗର ପରିକ୍ରମା କ୍ରାଯାଇଥିଲା। ସେହିପରି କୋକସରା ଦୁର୍ଗା ପୂଜା କମିଟି ପକ୍ଷରୁ ପୂଜାକର୍ତ୍ତା ରାଜେଶ ଗର୍ଗ ସପତ୍ନୀକଙ୍କୁ ନିମନ୍ତ୍ରଣ କରିବା ପରେ ଘଣ୍ଟୁଆ, ସଂକୀର୍ତ୍ତନ ଦଳ ସହ ଏକ ଭବ୍ୟ ପଟୁଆରରେ ନଗର ପରିକ୍ରମା ପରେ ପୂଜାବିଧି ଆରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ କମିଟି ସଭାପତି ଶ୍ରୀନିବାସ ପ୍ରଧାନୀ, ଉପସଭାପତି ନନ୍ଦ କିଶୋର ଧରୁଆ, ସମ୍ପାଦକ ମହେଶ ଗୁପ୍ତା, ସହ ସମ୍ପାଦକ ଦୁଷ୍ମନ୍ତ ପାଟ୍ଟଯୋଷୀ, କୋଷାଧକ୍ଷ ଅମୂଲ୍ୟ ବିଶି ପ୍ରମୁଖ ଉପସ୍ଥିତ ଥିଲେ।


ଶାରଦୀୟ ଦୁର୍ଗାପୂଜା ଅବସରରେ ଶୋଭାଯାତ୍ରା।

# ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କୁ ମୁମ୍ବାଇ ଗୌରବ ସମ୍ମାନ

ଭବାନୀପାଟଣା,୯।୧୦ (ଉତ୍ତମ କୁମାର ଦାଶ)

ଚଳିତ ମାସ ୬ ତାରିଖରେ ମୁମ୍ବାଇସ୍ଥିତ ଦାଦର ସ୍ୱାତନ୍ତ୍ର୍ୟବୀର ସାବରକର ଅଡ଼ିଟୋରିୟମଠାରେ ପଶ୍ଚିମ ଓଡ଼ିଶା ପରିବାର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍ ଅନୁଷ୍ଠିତ ହୋଇଯାଇଛି। ଆରମ୍ଭରେ ଏଲ୍‌ଆଇସି ଇଡି ରତ୍ନାକର ପଟ୍ଟନାୟକ, ଆର୍‌ବିଆଇ ଇଡି ଚାରୁଲତା କର, ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆ, ଡାକ୍ତର ସପନ ମିଶ୍ର ଓ ଚମ୍ପକ ତ୍ରିପାଠୀ ମା' ସମଲେଇଙ୍କ ପୂଜାର୍ଚ୍ଚନା କରିଥିଲେ। କିମ୍ବଦନ୍ତୀ ଅଭିନେତା ନିର୍ଦ୍ଦେଶକ ସ୍ୱର୍ଗତ ପଦ୍ମଶ୍ରୀ ସାଧୁ ମେହେରଙ୍କ ସ୍ମୃତିରେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ବରିଷ୍ଠ ସଦସ୍ୟ ଆୟକର ବିଭାଗର ଅବସରପ୍ରାପ୍ତ କମିଶନର ଅଧକ୍ଷ ଶ୍ରୀକାନ୍ତ ଚାଟାର୍ଜୀ ଅତିଥିଙ୍କୁ ସ୍ୱାଗତ କରିଥିଲେ। ଏହା ପରେ ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କୁ ପଶ୍ଚିମ ଓଡିଶା ପରିବାର ମୁମ୍ବାଇ ଗୌରବ ସମ୍ମାନ ୨୦୨୪ ପ୍ରଦାନ କରାଯାଇଥିଲା। ସମ୍ବଲପୁରୀ ଭାଷା ଓ ସଂସ୍କୃତିର ଅବଦାନ ପାଇଁ ଡକ୍ଟର ସପନ ମିଶ୍ରଙ୍କୁ ମଧ ସମ୍ମାନିତ କରାଯାଇଥିଲା। ପରେ ଗୁରୁ ଦୁର୍ଗା ଦାଶ ଓ ଗୁରୁ ଅସୀମ ପ୍ରଧାନଙ୍କ ନେତୃତ୍ୱରେ ରଙ୍ଗ ଫରୁଆ ଗ୍ରୁପ ଦ୍ୱାରା ପରିବେଷିତ ସମ୍ବଲପୁରୀ ସଂଗୀତ ଓ ନୃତ୍ୟ ସମସ୍ତଙ୍କୁ ଆକର୍ଷିତ କରିଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୫୦୦ ସଦସ୍ୟ ଉପସ୍ଥିତ ରହି କାର୍ଯ୍ୟକ୍ରମ ଓ ପ୍ରାମାଣିକ ଓଡିଆ ଖାଦ୍ୟର ମଜା ନେଇଥିଲେ। ପାରମ୍ପରିକ ସମ୍ବଲପୁରୀ ହ୍ୟାଣ୍ଡଲୁମ ପରିଧାନ କରିଥିବା ସଦସ୍ୟମାନଙ୍କୁ ନେଇ ଏକ ସମ୍ବଲପୁରୀ ଫ୍ୟାଶନ ଶୋ'ର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମକୁ କବିତା ସାହାଣୀ ସଂଯୋଜନା କରିଥିଲେ।



ପଦ୍ମଶ୍ରୀ ମିତ୍ରଭାନୁ ଗୌନ୍ତିଆଙ୍କୁ ମୁମ୍ବାଇ ଗୌରବ ସମ୍ମାନ ପ୍ରଦାନ କରାଯାଉଛି ।

**ମୁମ୍ବାଇରେ ପଶ୍ଚିମ ଓଡ଼ିଶା ପରିବାର ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍**

## ସଂକ୍ଷେପରେ

### ସମଲେଶ୍ୱରୀଙ୍କ କାଳରାତ୍ରି ବେଶ



**ବରଗଡ଼,୯।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମା' ସମଲେଶ୍ୱରୀଙ୍କ ମନ୍ଦିରରେ ଶାରଦୀୟ ନବରାତ୍ର ପୂଜା ଚାଲିଛି। ଏହି କ୍ରମରେ ବୁଧବାର ମା' ସମଲେଶ୍ୱରୀ କାଳରାତ୍ରି ବେଶରେ ଦର୍ଶନ ଦେଇଥିଲେ। ଦେବୀଙ୍କୁ ଏହି ବେଶରେ ଦର୍ଶନ କଲେ ମାନସିକ ପୂରଣ ସହିତ ଶୁଭଫଳ ପ୍ରାପ୍ତି ହୁଏ ବୋଲି ଭକ୍ତଙ୍କ ବିଶ୍ୱାସ ରହିଛି। ଫଳରେ ମା'ସମଲେଶ୍ୱରୀଙ୍କୁ ଏହି ବେଶରେ ଦର୍ଶନ ପାଇଁ ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା। ଭକ୍ତମାନେ ଫୁଲ, ଧୂପ, ଦୀପ ଆଦି ଧରି ଦେବୀ ଦର୍ଶନ ପାଇଁ ଆସିଥିଲେ। ଭକ୍ତଙ୍କ ଅଖଣ୍ଡଦୀପ ଏବଂ ସାଜସଜ୍ଜା ଯୋଗୁ ମନ୍ଦିର ଝଲସି ଉଠୁଛି। ଭକ୍ତଙ୍କ ପାଇଁ ମନ୍ଦିର କମିଟି ପକ୍ଷରୁ ସମସ୍ତ ପ୍ରକାର ସୁବ୍ୟବସ୍ଥା କରାଯାଇଛି।

### ଦୁର୍ଘଟଣା, ଅଟୋ ଚାଳକ ମୃତ

**ଅତାବିରା,୯।୧୦(ହୃଷୀକେଶ ଖମାରୀ):** ବରଗଡ଼ ଜିଲା ଅତାବିରା ଥାନା ଅନ୍ତର୍ଗତ ରେଙ୍ଗାଲିକ୍ୟାମ୍ପ ଛକ ନିକଟରେ ବୁଧବାର ସକାଳେ ଏକ ସଡ଼କ ଦୁର୍ଘଟଣା ଘଟିଛି। କୌଣସି ଏକ ଅଜଣା ଗାଡ଼ି ଧକ୍କା ଦେବା ଯୋଗୁ ଜଣେ ଅଟୋଚାଳକଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ, ଭେଡ଼େନ ଥାନା କୁଶନପୁରୀ ଗ୍ରାମର ପରକ୍ଷିତ ଡାଙ୍ଗ(୩୫)। ପୋଲିସ ଶବ ଜବତ କରି ବରଗଡ଼ ଡାକ୍ତରଖାନାକୁ ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ସୂଚନା ଅନୁଯାୟୀ, ମୃତ ଅଟୋ ଚାଳକ ତାଙ୍କ ଅଟୋ ନଂ. ଓଡ଼ି୧୫ଏଚ୍ ୭୭୬୩ ଧରି ବରଗଡ଼ ସହର ଉପକଣ୍ଠ ପାଣିଛତର ପରିବା ବଜାରକୁ ଆସୁଥିଲେ। ତେବେ ଅଟୋରେ ତେଲ ସରିଯିବା ଯୋଗୁ ସେ ରାସ୍ତାକଡ଼େ ଅଟୋ ରଖି ନିକଟସ୍ଥ ପେଟ୍ରୋଲପମ୍ପକୁ ତେଲ ଆଣିବାକୁ ଯାଉଥିଲେ। ଏହି ସମୟରେ ବରଗଡ଼ରୁ ସମ୍ବଲପୁର ପଟକୁ ଦ୍ରୁତବେଗରେ ଯାଉଥିବା ଏକ ପିକଅପ୍ ଭ୍ୟାନ ତାଙ୍କୁ ଧକ୍କା ଦେଇ ଫେରାର୍ ହୋଇଯାଇଥିଲା ବୋଲି ପ୍ରତ୍ୟକ୍ଷଦର୍ଶୀମାନେ କହିଛନ୍ତି। ଅତାବିରା ଥାନା ପୋଲିସ ଏହାର ଅଧିକ ତଦନ୍ତ କରୁଛି।

### ଦୁର୍ଗାପୂଜାରେ ରକ୍ତଦାନ ଶିବିର

**ବରଗଡ଼,୯।୧୦(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଅନ୍ତର୍ଗତ ସୟାଁ ଦୁର୍ଗାପୂଜା କମିଟି ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଦୁର୍ଗା ମଣ୍ଡପ ପ୍ରାଙ୍ଗଣରେ ଅନୁଷ୍ଠିତ ଶିବିରକୁ ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ ଉଦ୍‌ଘାଟନ କରିଥିଲେ। ଜିଲା ପରିଷଦ ସଭ୍ୟା ପୁଷ୍ପା ଭୋଇ ସମ୍ମାନିତ ଅତିଥି ଭାବେ ଯୋଗଦାନ କରିଥିଲେ। ଶିବିରରେ ୩୩ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବରଗଡ଼ ରକ୍ତଭଣ୍ଡାର କର୍ମଚାରୀମାନେ ରକ୍ତ ସଂଗ୍ରହ କରିଥିଲେ। ଦୁର୍ଗାପୂଜା କମିଟିର ସଭାପତି ଚୋଳଗଙ୍ଗ ଖମାରି ଶିବିର ପରିଚାଳନା କରିଥିଲେ। କମିଟିର ସମସ୍ତ ସଦସ୍ୟ ସହଯୋଗ କରିଥିଲେ।



ବରପାଲି ତହସିଲ ଛକ ଜୟ ଜଗଦମ୍ବା କ୍ଲବ ଦୁର୍ଗାପୂଜା କମିଟି କର୍ମକର୍ତ୍ତା ଗହୀରବନ୍ଧରୁ ପୂଜାର୍ଚ୍ଚନା ସାରି ଶୋଭାଯାତ୍ରାରେ ମଣ୍ଡପକୁ ଫେରୁଛନ୍ତି।

# ସାର୍ବଜନୀନ ଦୁର୍ଗାପୂଜା: ଖଣ୍ଡାଧୁଆ, କଳସ ଶୋଭାଯାତ୍ରା

**ବରପାଲି,୯।୧୦ (ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ସ୍ୱର୍ଣ୍ଣ ଜୟନ୍ତୀ ଅଶୋକ କ୍ଲବ ସାର୍ବଜନୀନ ଦୁର୍ଗାପୂଜା ମହୋତ୍ସବ ଅବସରରେ ଖଣ୍ଡାଧୁଆ ଓ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ମୁଖ୍ୟ କେନାଲଠାରେ ଶୋଭାଯାତ୍ରା ପହଞ୍ଚି ପୂଜାର୍ଚ୍ଚନା ସହ ଖଣ୍ଡା ଧୁଆଯାଇ କଳସରେ ଜଳ ଅଣାଯାଇଥିଲା। ପୁଣି ଶୋଭାଯାତ୍ରା ସହ ପୂଜା ମଣ୍ଡପରେ ପହଞ୍ଚି କଳସ ଓ ଖଣ୍ଡା ସ୍ଥାପନ କରାଯାଇଥିଲା। ଏଥିରେ ଅବନୀ ମେହେର ସହ ପତ୍ନୀକ କର୍ତ୍ତା ଭାର ତୁଲାଇ ଥିବା ବେଳେ ଅନୁଷ୍ଠାନର ବରିଷ୍ଠ ସଦସ୍ୟ କିଶୋର ଦଫାଦାର,ଅଶ୍ୱିନୀ ରାଉତ ପ୍ରମୁଖ ବହୁ ସଦସ୍ୟ ଉପସ୍ଥିତ ଥିଲେ। ସେହିପରି ବରପାଲି ତହସିଲ ଛକ ଜୟଜଗଦମ୍ବା କ୍ଲବ ଦୁର୍ଗପୂଜା ମଣ୍ଡପରୁ ସଭାପତି ଶୁଶୀଲ ଶତପଥୀଙ୍କ ତତ୍ତ୍ୱାବଧାନରେ ଖଣ୍ଡାଧୁଆ କଳସ ଶୋଭାଯାତ୍ରା ବାହାରିଥିଲା। ସ୍ଥାନୀୟ ଗହୀରବନ୍ଧ ଠାରେ ପହଞ୍ଚି ପୂଜାର୍ଚ୍ଚନା କରାଯାଇଥିଲା। ଖଣ୍ଡା ଧୁଆଯାଇ କଳସ ଅଣାଯାଇ ଅଧିବାସ କରାଯାଇଥିଲା। ଏଥିରେ ବିନୋଦ ଅଗ୍ରୱାଲ କାର୍ତ୍ତା ଭାର ତୁଲାଇଛନ୍ତି । ଜଗନ୍ନାଥ ନଗର ଜୟଦୁର୍ଗା କ୍ଲବ ମଣ୍ଡପରେ ମଧ ଖଣ୍ଡାଧୁଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ରାତିରେ ଅଶୋକ କ୍ଲବ ଠାରେ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା କଳାକାରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମରେ ବିଜେଡି ନେତା, କର୍ମୀବୃନ୍ଦ।

# ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ

**ବରଗଡ଼,୯।୧୦(ପ୍ରେମାନନ୍ଦ ଖମାରୀ)**

ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀରୁ ବିଜେଡି ସଭାପତି ନବୀନ ପଟ୍ଟନାୟକ ଦଳର ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ କରିଛନ୍ତି। ବୁଧବାର ବରଗଡ଼ ବିଜୁ ପଟ୍ଟନାୟକ ଟାଉନ ହଲରେ ଆଭାସୀ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ସୁଶାନ୍ତ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ତଥା ରେଢ଼ାଖୋଲ ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ ଯୋଗଦେଇ ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ ଦଳୀୟ ସଙ୍ଗଠନକୁ ଆହୁରି ସୁଦୃଢ଼ କରିବ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ରୀତା ସାହୁ, ପୂର୍ବତନ ବିଧାୟକ ଦେବେଶ ଆଚାର୍ଯ୍ୟ, ପଦ୍ମପୁର ବିଧାୟିକା ବର୍ଷା ସିଂ ବରିହା, ପୌରାଧ୍ୟକ୍ଷା କଳ୍ପନା ମାଝି, ଜିଲା ପରିଷଦ ଅଧ୍ୟକ୍ଷା ମାନିନୀ ଭୋଇ, ଉପାଧ୍ୟକ୍ଷ ମୋହନ ଲୁହା, ବରିଷ୍ଠ ବିଜେଡି ନେତା ଗୌରହରି ମିଶ୍ର, ଅଚ୍ୟୁତାନନ୍ଦ ମହାପାତ୍ର, ଅଶୋକ ଯୋଶୀ, ବ୍ଲକ ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ନାଏକ, ଭେଡ଼େନ ବ୍ଲକ ବିଜେଡି ସଭାପତି ହରିଶଙ୍କର ବେହେରା, ଟାଉନ ବିଜେଡି ସଭାପତି କିଶୋର ମିଶ୍ର, ବ୍ଲକ ଉପାଧ୍ୟକ୍ଷ ଉମେଶ ପଣ୍ଡା, ପୌର ଉପାଧ୍ୟକ୍ଷ ରାଜେଶ ଅଗ୍ରୱାଲ, ଜିଲା ଯୁବ ବିଜେଡି ସଭାପତି ପ୍ରଦ୍ୟୁମ୍ନ ତ୍ରିପାଠୀଙ୍କ ସମେତ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟ, କାଉନସିଲରବୃନ୍ଦ ଉପସ୍ଥିତ ଥିଲେ। ଅଧିକରୁ ଅଧିକ ସଭ୍ୟ ସଂଗ୍ରହ କରି ତୃଣମୂଳ ସ୍ତରରୁ ବିଜେଡି ସଙ୍ଗଠନକୁ ଆହୁରି ସୁଦୃଢ଼ କରିବା ପାଇଁ ସମସ୍ତେ ସଂକଳ୍ପ ନେଇଥିଲେ।

### କଲେଜରେ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ

**ବରଗଡ଼,୯।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପଞ୍ଚାୟତ କଲେଜ ଭୌତିକ ବିଜ୍ଞାନ ବିଭାଗ ପକ୍ଷରୁ ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଡ. ନକୁଳ ସେଠ୍ ଏଥିରେ ସଭାପତିତ୍ୱ କରିଥିଲେ। ଛାତ୍ରୀଛାତ୍ର ପ୍ରାରମ୍ଭିକ ସଙ୍ଗୀତ ଗାନ କରିଥିଲେ। ବିଭାଗ ମୁଖ୍ୟ ଡ. ଲିପ୍‌ସା ନନ୍ଦ ଛାତ୍ରୀଛାତ୍ରଙ୍କୁ ବିଭାଗ ସମ୍ପର୍କରେ ସଂକ୍ଷିପ୍ତ ଧାରଣା ଦେଇଥିଲେ। ଡ. ବିନୟ କୁମାର ସାହୁ ବିଭିନ୍ନ କାର୍ଯ୍ୟକ୍ରମରେ ଭୌତିକ ବିଜ୍ଞାନ ବିଭାଗ ହାସଲ କରିଥିବା ସଫଳତା ଉପରେ ସୂଚନା ପ୍ରଦାନ କରିଥିଲେ। ସ୍ନାତକ ଶ୍ରେଣୀ ଛାତ୍ରୀ ଲିପ୍ସୀମୟୀ ଭୋଇ, ଛାତ୍ର ପୀୟୁଷ ଭୋଇ, ସ୍ନାତକୋତ୍ତର ଶ୍ରେଣୀ ଛାତ୍ରୀ ପ୍ରତିଭା ରଣା, ଛାତ୍ର ସୁମିତ ବେହେରାଙ୍କୁ ମିସ୍ ଓ ମିଷ୍ଟର ଫେସର୍ସଭାବେ ସମ୍ମାନିତ କରାଯାଇଥିଲା। ଛାତ୍ର ସିଦ୍ଧେଶ ନନ୍ଦ ନିଜ ଆଲେଖ୍ୟ ଉପସ୍ଥାପନ କରିଥିଲେ। ବିଭାଗରେ ନୂତନଭାବେ ନାମ ଲେଖାଇଥିବା ଛାତ୍ରୀଛାତ୍ର ନିଜ ଅଭିଜ୍ଞତା ପ୍ରକାଶ କରିଥିଲେ। ବିଭାଗୀୟ ଅଧ୍ୟାପିକା ସ୍ମୃତିସ୍ମିତା ସାମଲ, ପଙ୍କଜିନୀ ରାୟ, ଅଧ୍ୟାପକ ଅନିରୁଦ୍ଧ ରୋହିଦାସ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ବିଭିନ୍ନ ପରାମର୍ଶ ଦେଇଥିଲେ। ଡ. କିଶୋର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

# ଜାତୀୟ ଡାକ ସପ୍ତାହରେ ଶୋଭାଯାତ୍ରା

**ବରଗଡ଼, ୯।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ମୁଖ୍ୟ ଡାକଘର ପକ୍ଷରୁ ଜାତୀୟ ଡାକ ସପ୍ତାହ ପାଳିତ ହୋଇଯାଇଛି। ଏହି ଅବସରରେ ଡାକଘରେ କାର୍ଯ୍ୟରତ କର୍ମଚାରୀମାନେ ଏକ ଶୋଭାଯାତ୍ରାରେ ଡାକସେବା ଉପରେ ସଚେତନତା ସୃଷ୍ଟି କରିଥିଲେ। ମୁଖ୍ୟ ଡାକଘରୁ ଶୋଭାଯାତ୍ରା ବାହାରି ସହର ପରିକ୍ରମା



କରିଥିଲା। ଏହି ଅବସରରେ ଅନୁଷ୍ଠିତ ସଭାରେ ଡାକ କର୍ମଚାରୀମାନେ ଜାତୀୟ ଡାକ ଦିବସ ପାଳନର ଆଭିମୁଖ୍ୟ ଉପରେ ସୂଚନା ଦେଇଥିଲେ। ଦେଶର ସାମାଜିକ, ଆର୍ଥିକ ବିକାଶରେ ଡାକସେବାର ପ୍ରମୁଖ ଗୁରୁତ୍ୱ ରହିଛି ବୋଲି ସେମାନେ କହିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଡାକଘରେ କାର୍ଯ୍ୟରତ ସମସ୍ତ ଡାକ କର୍ମଚାରୀମାନେ ଅଂଶଗ୍ରହଣ କରିଥିଲେ।

# ଦୁର୍ଗାପୂଜା ପାଇଁ କଳସ ଶୋଭାଯାତ୍ରା



ଦୁର୍ଗାପୂଜା ପାଇଁ ଶ୍ରଦ୍ଧାଳୁଙ୍କ କଳସ ଶୋଭାଯାତ୍ରା।

**ବରଗଡ଼,୯।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ଼ ନଂ-୧ ନିଗମାନନ୍ଦ ବିହାର ଦୁର୍ଗାପୂଜା ଅବସରରେ ବିଲ୍ୱବରଣ ଏବଂ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ନିଗମାନନ୍ଦ ମିଶ୍ର ପୌରୋହିତ୍ୟ କରିଥିଲେ। ଦୁର୍ଗାପୂଜା କମିଟିର ସଭାପତି ପ୍ରଶାନ୍ତ କୁମାର ଦାଶ, ସମ୍ପାଦକ ନବୀନ ସାବତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅଧ୍ୟାପକ ସୁରେଶ ବାରିକ ସସ୍ତ୍ରୀକ କର୍ତ୍ତାକାର୍ଯ୍ୟ ସମ୍ପାଦନ କରିଥିଲେ। ଜୀରାନଦୀରୁ ଜଳପୂର୍ଣ୍ଣ କଳସ ଆଣି ପୂଜାସ୍ଥଳୀ ସ୍ଥାପନ କରାଯାଇଥିଲା। ବରିଷ୍ଠ ସଦସ୍ୟ ଅରୁଣ ସେଟ୍, ମୃତ୍ୟୁଞ୍ଜୟ ମିଶ୍ର, ସନ୍ତୋଷ ପଣ୍ଡା, ପ୍ରମୋଦ ସାହୁ, କୁଞ୍ଜ ଭୋଇ, ଅଶ୍ୱିନୀ ସାହୁ, ନୀଳକଣ୍ଠ ସାହୁ, ଚନ୍ଦ୍ରକାନ୍ତ ସାହୁ, ଦିନେଶ ବିଶ୍ୱକର୍ମା, ଉନ୍ନୟନ କମିଟି ସଭାପତି ସଦାଶିବ ସାହୁ, ସମ୍ପାଦକ ଟିକେଲାଲ ନାଏକ, ଚନ୍ଦ୍ରମଣି ଦାଶ, କୋଷାଧ୍ୟକ୍ଷ ଶରତ ଦାଶ, ଧର୍ମେନ୍ଦ୍ର ପତି, ପ୍ରଦୀପ ସାହୁ, ବାଙ୍କାବିହାରୀ ସାହୁଙ୍କ ସମେତ ଶତାଧିକ ମହିଳା କଳସ ଶୋଭାଯାତ୍ରାରେ ସାମିଲ ଥିଲେ।

# ସୋହେଲା ନକ୍‌ଆଉଟ ଫୁଟ୍‌ବଲ ଟୁର୍ଣ୍ଣାମେଣ୍ଟ

**ସୋହେଲା,୯।୧୦ (ଅଶ୍ୱିନୀ କୁମାର ପାତ୍ର)**

ବରଗଡ ଜିଲା ସୋହେଲା ଖେଳ ପଡିଆଠାରେ ଅନୁଷ୍ଠିତ ହେଉଥିବା ନକଆଉଟ ଫୁଟବଲ ଟୁର୍ନାମେଣ୍ଟର ପଞ୍ଚମ ଦିନରେ (ବୁଧବାର) ଅଇଁଠାପାଲି ଓ ମୁଣ୍ଡାପଡା ବରଗଡ ଦଳ ମଧ୍ୟରେ ପ୍ରଥମ ସେମି ଫାଇନାଲ ମ୍ୟାଚ ହୋଇଥିଲା। ଖେଳର ପ୍ରଥମାର୍ଦ୍ଧରେ କେହି କାହାରିକୁ ଗୋଲ ଦେଇ ପାରି ନ ଥିଲେ। ଖେଳର ଦ୍ୱିତୀୟାର୍ଦ୍ଧରେ ଅଇଁଠାପାଲି ଦଳର ବୁଲୁ ଭୋଇ ଗୋଟିଏ ବିଜୟ ସୂଚକ ଗୋଲ କରି ଦଳକୁ ବିଜୟୀ କରିଥିଲେ। ମୁଖ୍ୟ ଅତିଥିଭାବେ ଡା. ରଞ୍ଜନ କୁମାର ମହାପାତ୍ର ଯୋଗଦେଇ ମ୍ୟାଚକୁ ଉଦ୍‌ଘାଟନ କରିଥିଲେ। ମ୍ୟାଚକୁ ରେଫରି ଭାବେ ସୁରେଶ ଦାଶ,ଦିପେଶ ପ୍ରଧାନ, ଶ୍ରୀନିବାସ ରାଓ ଓ ଅନିଲ ବାଗ ପରିଚାଳନା କରିଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

# ବରପାଲି ମହାବିଦ୍ୟାଳୟରେ ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ

**ବରପାଲି,୯।୧୦(ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ମହାବିଦ୍ୟାଳୟ ଶିକ୍ଷା ବିଭାଗର ସ୍ୱାଗତ ସମ୍ବର୍ଦ୍ଧନା ଉତ୍ସବ ତଥା ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଯୁକ୍ତ ୩ ବର୍ଷର ଛାତ୍ରୀଛାତ୍ରମାନେ ପ୍ରଥମ ବର୍ଷର ଛାତ୍ରୀଛାତ୍ରଙ୍କୁ ସ୍ୱାଗତ ଜଣାଇଥିଲେ। ଏହି ଅବସରରେ ବିଭାଗ ମୁଖ୍ୟା ମମତା ସାହୁ ସଭାପତିତ୍ୱ କରିଥିବାବେଳେ ମହାବିଦ୍ୟାଳୟର ଅଧ୍ୟକ୍ଷା ଜୟନ୍ତୀ ଦାଶ ସମ୍ମାନିତ ଅତିଥିଭାବେ ଯୋଗଦେଇ ଥିଲେ। ବିଭାଗୀୟ ଅଧାପିକା ଅନିତା ଦାଶ ଛାତ୍ରୀଛାତ୍ରମାନଙ୍କୁ ଜୀବନରେ ଶିକ୍ଷାର ମହତ୍ତ୍ୱ ବିଷୟରେ ଆଲୋକପାତ କରିଥିଲେ। ଯୁକ୍ତ ୩ ଦ୍ୱିତୀୟ ବର୍ଷର ଛାତ୍ରୀ ଅପର୍ଣ୍ଣା ଦାଶ ପାଠଚକ୍ର ଉପସ୍ଥାପନ କରିଥିଲେ। ତୃତୀୟ ବର୍ଷର ଛାତ୍ରୀଛାତ୍ରମାନେ ସଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଗୋବର୍ଦ୍ଧନ ପୂଜା ମହୋତ୍ସବ ପ୍ରସ୍ତୁତି



ପ୍ରସ୍ତୁତି ବୈଠକରେ କଳାକାରଙ୍କୁ ବରଣ କରାଯାଇଛି।

**ବରଗଡ଼,୯।୧୦(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ପଞ୍ଚାୟତ କଲେଜ ନିକଟ ଗିରି ବିହାରଠାରେ ଗୋବର୍ଦ୍ଧନ ପୂଜା ମହୋତ୍ସବ ପାଳନ ପାଇଁ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହୋତ୍ସବ ସମିତିର ସଭାପତି ଅଶୋକ ପଣ୍ଡା ଏଥିରେ ସଭାପତିତ୍ୱ କରିଥିଲେ। ଆସନ୍ତା ନଭେମ୍ବର ୧ରୁ ୩ତାରିଖ ପର୍ଯ୍ୟନ୍ତ ଗୋବର୍ଦ୍ଧନ ପୂଜା ମହୋତ୍ସବ ପାଳନ ପାଇଁ ନିଷ୍ପତ୍ତି ନିଆଯାଇଥିଲା। ବିଗତବର୍ଷ ଭଳି ଚଳିତବର୍ଷ ମଧ୍ୟ ୩ଦିନ ଧରି ପୌରାଣିକ ବିଷୟବସ୍ତୁକୁ ନେଇ ଇନ୍ଦ୍ର ଦରବାର କାର୍ଯ୍ୟକ୍ରମ ହେବ ଏବଂ ଏଥିରେ ବିଭିନ୍ନ ସାଂସ୍କୃତିକ ଦଳଗୁଡ଼ିକ ଯୋଗ ଦେବେ ବୋଲି ସୂଚନା ଦିଆଯାଇଥିଲା। ଇନ୍ଦ୍ର ଦରବାର କାର୍ଯ୍ୟକ୍ରମରେ ମଞ୍ଚ କଳାକାର ବୃନ୍ଦାବନ ପ୍ରଧାନ ଏବଂ ତାଙ୍କ ସହଯୋଗୀ କଳାକାର ଅଭିନୟ କରିବାକୁ ସମ୍ମତି ପ୍ରଦାନ କରିଥିବା ଯୋଗୁ ସେମାନଙ୍କୁ ମହୋତ୍ସବ ସମିତି ପକ୍ଷରୁ ବରଣ କରାଯାଇଥିଲା। ଏହା ସହିତ ବିଭିନ୍ନ କମିଟି ଗଠନ କରାଯାଇଥିଲା ଏବଂ ଦାୟିତ୍ୱ ପ୍ରଦାନ କରାଯାଇଥିଲା। ମହୋତ୍ସବ ସମିତିର ସମ୍ପାଦକ ଅକ୍ରୁର ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଗୋପବନ୍ଧୁ ଜୟନ୍ତୀ ଅବସରରେ ରକ୍ତଦାନ ଶିବିର



**ବରପାଲି,୯।୧୦ (ଚିତ୍ତରଞ୍ଜନ ସାହୁ)**

ବରଗଡ ଜିଲା ବରପାଲି ବ୍ଲକ କଦଲିପାଲି ଗ୍ରାମରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ଗୋପବନ୍ଧୁ କ୍ଲବ ଓ ନିଷ୍ଠା ପରିବାରର ମିଳିତ ଆନୁକୂଲ୍ୟରେ ଏକ ସ୍ୱଚ୍ଛୋକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏହି ଶିବିରରେ ଅତିଥିଭାବେ ଜିଲା ପରିଷଦ ସଭ୍ୟ ଗୋବିନ୍ଦ ସାହୁ, ସମିତି ସଭ୍ୟା ସର୍ଣ୍ଣମୟୀ ଭୋଇ, ଗୋପବନ୍ଧୁ କ୍ଲବର ସଭାପତି କ୍ଷୀତିପତି ପଧାନ, ସମାଜସେବୀ ବୁଧରାଜ ମହାନନ୍ଦ, ରବୀନ୍ଦ୍ର ଭୋଇ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଏହି ଶିବିରରେ ମୋଟ ୪୧ୟୁନିଟ ରକ୍ତ ବରଗଡ଼ ରକ୍ତ ଭଣ୍ଡାର ଦ୍ୱାରା ସଂଗୃହୀତ ହୋଇଥିଲା। ଶିବିରକୁ ଗୋପବନ୍ଧୁ କ୍ଲବର ଲବ ପଧାନ, ବିବେକ ଭୋଇ, ଗଙ୍ଗାଧର ପଧାନ, ବିଶ୍ୱ ଭୋଇ, ବିଶ୍ୱ ବେହେରା ପ୍ରମୁଖ ପରିଚାଳନା କରିଥିଲେ। ଶେଷରେ ରକ୍ତ ଦାନ ଶିବିର ଆୟୋଜନ ପାଇଁ ନିଷ୍ଠା ପରିବାର ତରଫରୁ ଗୋବାବନ୍ଧୁ କ୍ଲବକୁ ଏକ ସ୍ମୃତି ଫଳକ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

# ମାଣ୍ଡୋସିଲ ଆଞ୍ଚଳିକ କୃଷକ ମହାସଂଘ ବୈଠକ



**ପାଇକମାଳ,୯।୧୦(ବଡ ଶତପଥି)**

ଦୁର୍ଗାପୂଜା ଅବସରରେ ବରଗଡ ଜିଲା ପାଇକମାଳ ମାଣ୍ଡୋସିଲ ଆଞ୍ଚଳିକ କୃଷକ ମହାସଂଘ ୧୦ଟି ପଞ୍ଚାୟତର ଚାଷୀ ପ୍ରତିନିଧିଙ୍କୁ ନେଇ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏନେଇ ଏକ ସଭାପତି ମଣ୍ଡଳୀ ଗଠିତ ହୋଇଯାଇଛି। ଗୋପତରାମ ବାରିକ, ରାଧେଶ୍ୟାମ ସାନ୍ତ, ନରସିଂହ ବନଛୋର, ଅଲେଖ ଦଣ୍ଡସେନା, ହରିହର ପଧାନ, ମ୍ୟାନେଗାର ଏଣ୍ଡାଜା, ରାମକିଶନ ବିଶ୍ୱାଳ, ଗିରିସ କୁମାର ଦଣ୍ଡସେନା, କ୍ଷେତ୍ରୀ ଲୁହାର, ପ୍ରଶାନ୍ତ କୁମାର ମାଝୀ ଆଦି ସଭାପତିତ୍ୱ କରିଥିଲେ। ସ୍ୱର୍ଗତ ନିରଞ୍ଜନ ବିଦ୍ରୋହୀଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ୧୯୮୬ ମସିହା ଗନ୍ଧମାର୍ଦନ ଆନ୍ଦୋଳନର ମଞ୍ଚସ୍ଥ ହୋଇଥିବା ନାଟକ ଗନ୍ଧଗିରି ବା ବାଲକୋ ହଟାଓ ନାଟକରେ ଅଭିନୟ କରିଥିବା କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଗିରିଶ ଦଣ୍ଡସେନା ଆଞ୍ଚଳିକ କୃଷକ ମହାସଂଘର ୧୫ଟି ଦାବି ପଠନ କରିଥିଲେ। ବିଶ୍ୱସ୍ତ ସୂତ୍ର ଅନୁସାରେ ବର୍ତ୍ତମାନ ଗନ୍ଧମାର୍ଦନ ପାହାଡ଼ରେ ଖଣି ଖନନର ସୂଚନା ମିଳୁଛି। ଏହି ଆଲୋଚନା ଚକ୍ରରେ ସୁଶୀଲ ନାଏକ ପାଟଣାଗଡ, କ୍ଷେତ୍ରୀ ଲୁହାର,ପ୍ରଶାନ୍ତ କୁମାର ମାଝୀ, ମହୋନ ଜଗତ, ରାଜକୁମାର ସେଠ, ଗୋପତରାମ ବାରିକ, ଟେକେନ୍ଦ୍ର ଜାଲ, ଅଭିଳାଷ ଭୋଇ, ସାନ୍ତନୁ ବୁଦ୍ଧିଆ ଆଦି ନିଜସ୍ୱ ବକ୍ତବ୍ୟ ପ୍ରଦାନ କରି ଆଗାମୀ ଦିନରେ ଗନ୍ଧମାର୍ଦନ ସୁରକ୍ଷା ପାଇଁ ଲଢେଇ କରିବା ପାଇଁ ସୂଚନା ଦେଇଛନ୍ତି ।






ରାଉରକେଲାର ବିଭିନ୍ନ ସ୍ଥାନରେ ଦୁର୍ଗାପୂଜା ମାହୋଲ: ସେକ୍ଟର-୪, ସେକ୍ଟର-୮ରେ ହୋଇଥିବା ସୁଦୃଶ୍ୟ ତୋରଣ ଓ ସେକ୍ଟର -୨ରେ ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି।

## ସଂକ୍ଷେପରେ

### ଓସିଏ ସମ୍ପାଦକ ଅଭିଜିତ ପାଲ୍‌ଙ୍କୁ ସ୍ୱାଗତ



ରାଉରକେଲା,୯।୧୦(ସଙ୍ଗୀତା ଜେନା): ଓଡ଼ିଶା ଅଲମ୍ପିକ ଆସୋସିଏସନ୍ (ଓସିଏ)ର ସମ୍ପାଦକ ଅଭିଜିତ ପାଲ୍ ରାଉରକେଲା ଗସ୍ତରେ ଆସିବା ଅବସରରେ ତାଙ୍କୁ ରାଉରକେଲା ୟଙ୍ଗମ୍ୟାନ୍ ଆସୋସିଏସନ୍ (ରାଏମା) ପକ୍ଷରୁ ସ୍ୱାଗତ କରାଯାଇଛି। ରାଏମାର ବାସୁ ବାନାର୍ଜୀ, ଉପାଧ୍ୟକ୍ଷ ରବୀନ୍ଦ୍ର ଗଣ୍ଡ, ଶରତ ବେହେରା, ଓଡ଼ିଶା ସାଇକ୍ଲିଂ ଆସୋସିଏସନ୍‌ର ଗୋପୀନାଥ ପଣ୍ଡା, ସାଇକ୍ଲିଂ ସହାୟକ କୋଚ୍ ସୁନ୍ଦରଗଡ଼ ଗୀତା ବାନାର୍ଜୀ, ସୁରୀନ ପାଲ, ଆଇନଜୀବୀ ଆରତୀ ଚୌଧୁରୀ ପ୍ରମୁଖ ସ୍ୱାଗତ କରିଥିଲେ। କ୍ଲବରୁ ପ୍ରଶିକ୍ଷିତ ଖେଳାଳିମାନଙ୍କ ସମ୍ପର୍କରେ ଆଲୋଚନା କରାଯାଇଥିଲା।

### ଓଡ଼ିଆ ଭାଷା ବିକାଶ ମଞ୍ଚ ପକ୍ଷରୁ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ

ରାଉରକେଲା,୯।୧୦(ବିପ୍ଲବ ରଞ୍ଜନ ଦାଶ): ଅଗ୍ରଣୀ ସାହିତ୍ୟ ଅନୁଷ୍ଠାନ ଓଡିଆ ଭାଷା ବିକାଶ ମଞ୍ଚର ତରଫରୁ ପଣ୍ଡିତ ଉତ୍କଳମଣୀ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଶିକ୍ଷାବିତ ପ୍ରଶାନ୍ତ କୁମାର ପତିଙ୍କ ସଭାପତିତ୍ୱ ଓ ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ରଙ୍କ ଆବାହକତ୍ୱ କ୍ରମରେ ଆୟୋଜିତ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସାମାଜିକ କର୍ମୀ ପଶୁପତିନାଥ ଚାଟାର୍ଜୀ ଓ ସମ୍ମାନିତ ଅତିଥି ହିସାବରେ ସମାଜସେବୀ ଡକ୍ଟର ସୁମନ ଦତ୍ତ ଯୋଗଦାନ ଦେଇ ପଣ୍ଡିତ ଗୋପବନ୍ଧୁଙ୍କର ଜୀବନଦର୍ଶ ଓ କର୍ମମୟ ଜୀବନ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ସର୍ବଶ୍ରୀ ଚନ୍ଦ୍ରଶେଖର ପାଇକରାୟ, ଅଶୋକ କୁମାର ପଟ୍ଟନାୟକ, ସୁଶାନ୍ତ କୁମାର ନାୟକ, ଗୌତମ ଦାସ, ହେମନ୍ତ ବିଶ୍ୱାଳ ପ୍ରମୁଖ ବରେଣ୍ୟ ବ୍ୟକ୍ତି ବିଶେଷ ସମ୍ମିଳିତ ହୋଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ଶେଷରେ ସଭାପତି ପ୍ରଶାନ୍ତ କୁମାର ପତି ଧନ୍ୟବାଦ ଜ୍ଞାପନ କରିଥିଲେ।

# ୯୫୦ ଛାତ୍ରୀଛାତ୍ରଙ୍କ ଅଂଶଗ୍ରହଣ

**ଭିଜିଲାନ୍ସ ସେବା ସପ୍ତାହ ୨୦୨୪ ଉପଲକ୍ଷେ ବିବିଧ ପ୍ରତିଯୋଗିତା**

ରାଉରକେଲା, ୯।୧୦(ବିପ୍ଲବ ରଞ୍ଜନ ଦାଶ)

ଆର୍‌ଏସ୍‌ପିରେ ଆଗାମୀ ଭିଜିଲାନ୍ସ ସଚେତନତା ସପ୍ତାହ-୨୦୨୪ ଉପଲକ୍ଷେ ସହରର ବିଭିନ୍ନ ବିଦ୍ୟାଳୟରେ ଚିତ୍ରାଙ୍କନ, ବିତର୍କ ଏବଂ ପ୍ରବନ୍ଧ ଲିଖିନ ଭଳି ବିବିଧ ପ୍ରତିଯୋଗିତା ଆୟୋଜିତ ହୋଇଯାଇଛି। ଚଳିତବର୍ଷ ଭିଜିଲାନ୍ସ ସଚେତନତା ସପ୍ତାହ ପାଳନର ବିଷୟ ବସ୍ତୁରେ ଥିଲା -ଜାତିର ସମୃଦ୍ଧତା ପାଇଁ ଅଖଣ୍ଡତାର ସଂସ୍କୃତି। ବାସନ୍ତୀ କଲୋନୀର ନିକଟସ୍ଥ ଡକ୍ଟର ଏ.ଏନ ଖୋସଲାଙ୍କ ମା' ଡିଏଭି ପବ୍ଲିକ ସ୍କୁଲ ପରିସର ମଧ୍ୟରେ ଛାତ୍ରୀଛାତ୍ର ମାନଙ୍କର ପାଇଁ ଆୟୋଜିତ ହୋଇଥିବା ଚିତ୍ରାଙ୍କନ ପ୍ରତିଯୋଗିତାରେ ୭ଶହରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଥିଲେ। ଠିକ ସେହିଭଳି ଦିପିକା ଇଂରାଜୀ ମାଧମ ବିଦ୍ୟାଳୟ,ସେକ୍ଟର-୫ରେ



ବିବିଧ ପ୍ରତିଯୋଗିତାରେ ଛାତ୍ରୀଛାତ୍ର ଅଂଶଗ୍ରହଣ କରିଛନ୍ତି।

ଆୟୋଜିତ କୁଇଜ ପ୍ରତିଯୋଗିତାରେ ପ୍ରାୟ ୧୨୦ ଛାତ୍ରୀଛାତ୍ର ଏବଂ ତର୍କ ଓ ପ୍ରବନ୍ଧ ଲିଖନ ପ୍ରତିଯୋଗିତାରେ ପ୍ରାୟ ୭୦ଜଣ ଛାତ୍ରୀଛାତ୍ର ଭାଗ ନେଇଥିଲେ। ଉଲ୍ଲେଖଯୋଗ୍ୟ ଯେ-ଶିକ୍ଷାନୁଷ୍ଠାନଗୁଡ଼ିକରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତା ଏକ ଦୁର୍ନୀତୀ ମୁକ୍ତ ସମାଜ ଏବଂ ରାଷ୍ଟ୍ର ଗଠନ ନୈତିକ ମୂଲ୍ୟବୋଧର ପ୍ରସାର ପାଇଁ ଅନ୍ୟତମ ପ୍ରୟାସ ଅଟେ। ଆରଏସପିର ଭିଜିଲାନ୍ସ ବିଭାଗ ଦ୍ୱାରା ଏହି ସମସ୍ତ କାର୍ଯ୍ୟକ୍ରମ ଆୟୋଜିତ ହେଉଛି।

# ଆର୍‌ଏସ୍‌ପି ୟୁନିୟନ୍ ନିର୍ବାଚନ ପାଇଁ ସର୍ବଦଳୀୟ ବୈଠକ ଖୁବ୍‌ଶୀଘ୍ର: ଆର୍‌ଓ ନିଯୁକ୍ତ

ରାଉରକେଲା,୯।୧୦(ସଙ୍ଗୀତା ଜେନା)

ରାଉରକେଲା ଇସ୍ପାତ କାରଖାନା (ଆର୍‌ଏସ୍‌ପି) ସ୍ୱୀକୃତିପ୍ରାପ୍ତ ୟୁନିୟନ୍ ପାଇଁ ଡେପୁଟି ଚିଫ୍ ଲେବର କମିଶନର ସମ୍ପତ କୁମାରଙ୍କୁ ରିଟର୍ଣ୍ଣିଂ ଅଫିସର ଭାବେ ନିଯୁକ୍ତି କରାଯାଇଛି। ନିର୍ବାଚନ ତାରିଖ ସ୍ଥିର ପାଇଁ ଡିସିଏଲ୍‌ସିଙ୍କୁ ଆରଏସ୍‌ପି କର୍ତ୍ତୃପକ୍ଷ ଏକ ଚିଠି ପ୍ରେରଣ କରିଛନ୍ତି। ଖୁବ୍‌ଶୀଘ୍ର ଆର୍‌ଏସ୍‌ପିରେ କାର୍ଯ୍ୟରତ ସମସ୍ତ ଟ୍ରେଡ଼ ୟୁନିୟନ୍‌ର ଏକ ସର୍ବଦଳୀୟ ବୈଠକ ପାଇଁ ଏଥିରେ ନିର୍ଦ୍ଦେଶ ଦିଆଯାଇଛି। ଉକ୍ତ ବୈଠକରେ ସର୍ବସମ୍ମତିରେ ଯେଉଁ ତାରିଖ ସ୍ଥିର ହେବ, ସେହି ତାରିଖରେ ଉକ୍ତ ନିର୍ବାଚନ ହେବ। ସୂଚନାଯୋଗ୍ୟ, ଆର୍‌ଆଇକେକେଏସ୍ ପକ୍ଷରୁ ନିର୍ବାଚନକୁ ନେଇ ଓଡ଼ିଶା ହାଇକୋର୍ଟରେ କେଶ କରାଯାଇଥିଲା। ଯାହାର ଉତ୍ତରରେ ହାଇକୋର୍ଟ ସେପ୍ଟେମ୍ବର ୧୨ରେ ନିର୍ବାଚନ ନଭେମ୍ବର ୧୪ ତାରିଖ ସୁଦ୍ଧା କରିବାକୁ ନିର୍ଦ୍ଦେଶ ଜାରି କରିଥିଲେ। ଉକ୍ତ ଆଦେଶର ପ୍ରାୟ ଏକ ମାସ ପରେ ରିଟର୍ଣ୍ଣିଂ ଅଫିସର ନିଯୁକ୍ତ ହେବା ଓ ସର୍ବଦଳୀୟ ବୈଠକ ଉପରେ ନିର୍ଦ୍ଦେଶ ଆସିବା ଖୁବ୍‌ଶୀଘ୍ର ନିର୍ବାଚନର ସଙ୍କେତ ମିଳୁଛି। ସେହିପରି ଏରିଅର ଶୁଣାଣି ନଭେମ୍ବର ୧୨ ଏବଂ ଗ୍ରାଚ୍ୟୁଇଟି ସିଲିଂ ୧୩ ନଭେମ୍ବର ହେବାକୁ ରହିଛି ବୋଲି ଆରଆଇକେକେଏସ୍‌ର ସାଧାରଣ ସମ୍ପାଦକ ହିମାଂଶୁ ବଳ ଏକ ପ୍ରେସବିବୃତ୍ତିରେ ସୂଚନା ପ୍ରଦାନ କରିଛନ୍ତି।

# ସେଲ୍, ବିଏଚ୍‌ପି ମଧ୍ୟରେ ବୁଝାମଣାପତ୍ର ସ୍ୱାକ୍ଷର

**ଇସ୍ପାତ ଅଙ୍ଗାରକ ହ୍ରାସର ସମ୍ଭାବ୍ୟ ମାର୍ଗ ତ୍ୱରାନ୍ୱିତ କରିବା ଲକ୍ଷ୍ୟ**

ରାଉରକେଲା,୯।୧୦(ବିପ୍ଲବ ରଞ୍ଜନ ଦାଶ)-ଭାରତର ସର୍ବବୃହତ ରାଷ୍ଟ୍ରାୟତ ଇସ୍ପାତ ଉତ୍ପାଦକ ଷ୍ଟିଲ ଅଥରିଟି ଅଫ ଇଣ୍ଡିଆ ଲିମିଟେଡ(ସେଲ) ଏବଂ ବିଶ୍ୱର ଅଗ୍ରଣୀ ସମ୍ବଳ କମ୍ପାନୀ ବିଏଚପି ମଧ୍ୟରେ ଇସ୍ପାତ ନିର୍ମାଣରେ ଅଙ୍ଗାରକ ହ୍ରାସ ଦିଗରେ ସହଭାଗୀତା ପାଇଁ ଏକ ବୁଝାମଣାପତ୍ର ସ୍ୱାକ୍ଷର ହୋଇଯାଇଛି। ଭାରତରେ ବ୍ଲାଷ୍ଟ ଫର୍ଣ୍ଣେସ ମାର୍ଗର ନିମ୍ନ ଅଙ୍ଗାରକ ଇସ୍ପାତ ତିଆରି ପ୍ରଯୁକ୍ତିବିଦ୍ୟା ପଥକୁ ସୁଗମ କରିବାରେ ସେଲ ଏବଂ ବିଏଚପିର ଏହି ମିଳିତ ସହଭାଗିତା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ। ଏହି ଏମଓୟୁ ଅଧିନରେ ଉଭୟ ପକ୍ଷ ସେଲର ବ୍ଲାଷ୍ଟ ଫର୍ଣ୍ଣେସ ମାର୍ଗରେ ଇସ୍ପାତ ନିର୍ମାଣ କରୁଥିବା ସମନ୍ୱିତ ଇସ୍ପାତ କାରଖାନା ଗୁଡିକରେ ସମ୍ଭାବ୍ୟ ଅଙ୍ଗାରକ ହ୍ରାସ ଦିଗରେ ସହଯୋଗ ସହକାରେ ବିବିଧ କାର୍ଯ୍ୟଧାରା ଅନୁସନ୍ଧାନ କରୁଛନ୍ତି ଯାହା ଗ୍ରୀନ ହାଉସ ଗ୍ୟାସ ନିର୍ଗମନ (ଜିଏଚଜି) ହ୍ରାସ କରିବା ନିମନ୍ତେ ବିଭିନ୍ନ କୌଶଳର ଆକଳନ କରିବା ପାଇଁ ପ୍ରାରମ୍ଭିକ ପର୍ଯ୍ୟାଲୋଚନା କରୁଛି। ଉକ୍ତ କାର୍ଯ୍ୟଧାରା ଗୁଡିକ ବ୍ଲାଷ୍ଟ ଫର୍ଣ୍ଣେସ ପାଇଁ ହାଇଡ୍ରୋଜେନ ଏବଂ ବାୟୋଚାର ବ୍ୟବହାର ପରି ବିକଳ୍ପ ରିଡକ୍ଟାଂଟର ଭୂମିକା ବିଷୟରେ ବିଚାର କରିବେ। ଯାହାଦ୍ୱାରା ଡି-କାର୍ବୋନାଇଜେସନ ପ୍ରକ୍ରିୟାକୁ ସମର୍ଥନ କରିବା ଦିଗରେ ସ୍ଥାନୀୟ ଅନୁସନ୍ଧାନ ଏବଂ ବିକାଶ କ୍ଷମତା ମଧ ସୃଷ୍ଟି କରିବା। ବ୍ଲାଷ୍ଟ



ସ୍ୱାକ୍ଷରିତ ବୁଝାମଣାପତ୍ର ପ୍ରଦର୍ଶିତ କରୁଛନ୍ତି ସେଲ ଓ ବିଏଚପି କମ୍ପାନୀ ବରିଷ୍ଠ ଅଧିକାରୀ।

ଫର୍ଣ୍ଣେସରେ ଟେକ୍ନୋଲୋଜୀର ନିୟୋଜନ ଏବଂ ଭାରତ ତଥା ବିଶ୍ୱ ଇସ୍ପାତ ଶିଳ୍ପର ଡି-କାର୍ବୋନାଇଜିଙ୍ଗରେ ଅଗ୍ରଗତି ନିମନ୍ତେ ଗୁରୁତ୍ୱପୂର୍ଣ୍ଣ ଅଟେ। ଯାହା ମଧ୍ୟମ ଏବଂ ଦୀର୍ଘ ମିଆଦି ସୂତ୍ରରେ ଏହି ସହଭାଗୀତାର ଗୁରୁତ୍ୱପୂର୍ଣ୍ଣ ଆଭିମୁଖ୍ୟ ବହନ କରୁଛି। ଏହି ଚୁକ୍ତି ଉପରେ ମନ୍ତବ୍ୟ ଦେଇ ସେଲ ଅଧକ୍ଷ ଅମରେନ୍ଦୁ ପ୍ରକାଶ କହିଛନ୍ତି ଯେ,ବିଏଚପି ସହିତ ଏହି ଚୁକ୍ତିନାମାକୁ ସେଲ ସ୍ଥାୟୀ ଇସ୍ପାତ ଉତ୍ପାଦନ ବୃଦ୍ଧି ଦିଗରେ ଏକ ବିକାଶଶୀଳ ପଦକ୍ଷେପ ଭାବରେ ଦେଖୁଛି। ଜଳବାୟୁ ପ୍ରତି ଅଙ୍ଗୀକାରବଦ୍ଧତା ଅନୁରୂପ ଇସ୍ପାତ କ୍ଷେତ୍ରର ଉଦୀୟମାନ ଆବଶ୍ୟକତାରେ କୌଣସି ସାଲିସ କରାଯାଇ ପାରିବ ନାହିଁ। ଭାରତରେ ଇସ୍ପାତ ଶିଳ୍ପ ପାଇଁ ଏକ ଅଭିନବ ଭବିଷ୍ୟତ ଗଠନ କରି ଜଳବାୟୁ ପରିବର୍ତ୍ତନ ସମସ୍ୟାର ମୁକାବିଲା ପାଇଁ ସେଲ ପ୍ରତିବଦ୍ଧ। ବିଏଚପିର ମୁଖ୍ୟ ବାଣିଜ୍ୟ ଅଧିକାରୀ ରାଗ୍ ଉଡ କହିଛନ୍ତି ଯେ, ବିଏଚ୍‌ପିର ସେଲ ସହିତ ଦୀର୍ଘ ଦିନର ଦୃଢ ସମ୍ପର୍କ ରହିଛି ଏବଂ ବ୍ଲାଷ୍ଟ ଫର୍ଣ୍ଣେସ ମାର୍ଗରେ ଡି-କାର୍ବୋନାଇଜେସନ ସୁଯୋଗକୁ ଅନୁସନ୍ଧାନ ପୂର୍ବକ ଆମେ ଏହି ସମ୍ପର୍କକୁ ଆହୁରୀ ଦୃଢ କରିବା ପାଇଁ ବ୍ୟଗ୍ର ଅଛୁ। ଆମେ ସ୍ୱୀକାର କରୁଛୁ ଯେ, ଏହି ଶିଳ୍ପରେ ଡି-କାର୍ବୋନାଇଜିଙ୍ଗ ହେଉଛି ଏକ ଆହ୍ୱାନ, ଯାହାକୁ ଆମେ ଏକାକୀ ମୁକାବିଲା କରିବା ପାଇଁ ଅସମର୍ଥ। ଏଥି ନିମନ୍ତେ ଆମକୁ ମିଳିତ ଜ୍ଞାନ କୌଶଳ ଏବଂ ସମ୍ବଳକୁ ଉପଯୋଗ କରିବା ପାଇଁ ଟେକ୍ନୋଲୋଜୀ ଏବଂ ପୂର୍ଣ୍ଣ ସାମର୍ଥ୍ୟର ବିକାଶକୁ ସମର୍ଥନ କରିବା ହେବ। ଯାହା ବର୍ତ୍ତମାନ ଉଭୟ କାର୍ବନ ନିର୍ଗମନରେ ପ୍ରକୃତ ପରିବର୍ତ୍ତନ ସୃଷ୍ଟି କରିବା ଦୀର୍ଘ ମିଆଦି କ୍ଷମତା ରଖି ପାରିବ।

# କୁକୁଡ଼ା ଲଢ଼େଇ ବନ୍ଦ କରିବାକୁ ଏସ୍‌ପିଙ୍କୁ ଟୁଇଟ୍

ରାଉରକେଲା,୯।୧୦(ସଙ୍ଗୀତା ଜେନା)

ସହର ଉପକଣ୍ଠରେ ଥିବା ଟାଙ୍ଗରପାଲି ଥାନା ଅଞ୍ଚଳର ଏକ ଖେଳପଡ଼ିଆରେ ନିୟମିତ ଭାବେ କୁକୁଡ଼ା ଲଢ଼େଇ(ଜୁଆ) ଜାରି ରହିଛି। ଏହାକୁ ତୁରନ୍ତ ବନ୍ଦ କରିବାକୁ ବିଶ୍ରାର ଏକ ସାମଜିକ ସଙ୍ଗଠନ ପକ୍ଷରୁ ଏସ୍‌ପିଙ୍କୁ ଟୁଇଟ୍ କରାଯାଇଛି। ଉକ୍ତ ଜୁଆ ଯୋଗୁ ବିଶ୍ରା, ନୂଆଗାଁର ଯୁବପୀଢ଼ି ସାମିଲ ହେଉଛନ୍ତି। ଯୁବପିଢ଼ୀ ରାସ୍ତା ହୁଡୁ ଥିବାବେଳେ ଚାଷକାର୍ଯ୍ୟରେ ମନୋନିବେଶ କରୁନାହାନ୍ତି। ଯାହାଦ୍ୱାରା କୃଷିରେ ବେଶ କ୍ଷତି ହେଉଛି ବୋଲି ଟୁଇଟ୍‌ରେ ଉଲ୍ଲେଖ କରାଯାଇଛି। ସୂଚନାଯୋଗ୍ୟ ଏପରି ଜୁଆକୁ ବନ୍ଦ କରିବା ପାଇଁ ବାରମ୍ବାର ପୋଲିସର ଦୃଷ୍ଟି ଆକର୍ଷଣ ସ୍ଥାନୀୟ ଲୋକେ କରିଆସୁଛନ୍ତି। ସମ୍ପ୍ରତି ନୂତନ ଏସ୍‌ପି ଯୋଗଦାନ କରିବା ପରେ ପୁନର୍ବାର ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ଆଶା ଦେଖାଯାଇଛି। ଅପରପକ୍ଷରେ ଉକ୍ତ ଅଞ୍ଚଳ ଦାୟିତ୍ୱର ଥିବା ଜୋନାଲ୍ ଡିଏସ୍‌ପି ନିର୍ମଳ ମହାପାତ୍ରଙ୍କୁ ପଚରାଯିବାରୁ ସେ କହିଲେ, ବର୍ତ୍ତମାନ ପାଟ୍ରୋଲିଂ ସଂଖ୍ୟା ବୃଦ୍ଧି ହୋଇଛି। ଆହୁରି ଅଧିକ ଥର ପାଟ୍ରୋଲିଂ କରାଯିବ ବୋଲି ସେ କହିଛନ୍ତି।

# ଏସ୍‌ପିଙ୍କ ସହିତ ଓକିଲ ସଂଘର ଆଲୋଚନା

ରାଉରକେଲା,୯।୧୦(ସଙ୍ଗୀତା ଜେନା)

**ସହରରେ ଆଇନଶୃଙ୍ଖଳା ପରିସ୍ଥିତି ନେଇ ଉଦ୍‌ବେଗ**

ରାଉରକେଲାରେ ନବନିଯୁକ୍ତ ଆରକ୍ଷୀ ଅଧୀକ୍ଷକ (ଏସ୍‌ପି)ନିତେଶ ଓଧୱାନିଙ୍କୁ ବୁଧବାର ରାଉରକେଲା ଓକିଲ ସଂଘର ଏକ ପ୍ରତନିଧି ଦଳ ସାକ୍ଷାତ କରିବା ସହିତ ତାଙ୍କର ରାଉରକେଲା ନିଯୁକ୍ତିକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇବା ସହିତ ବିଭିନ୍ନ ସମସ୍ୟା ଯଥା ସହରର ଆଇନଶୃଙ୍ଖଳା ପରିସ୍ଥିତି ନେଇ ଘୋର ଉଦବେଗ ପ୍ରକାଶ କରିଥିଲେ। ଓଡ଼ିଶାର ଦ୍ୱିତୀୟ ସ୍ମାର୍ଟ ସହର ଭାବରେ ମାନ୍ୟତା ରାଉରକେଲା ପାଇଥିଲାବେଳେ ସହରର ଆଇନଶୃଙ୍ଖଳା ଉପରେ ଜିଲା ପୋଲିସ ଗୁରୁତର ସହିତ ଦୃଷ୍ଟି ଦେବାକୁ ଓକିଲ ସଂଘର ପ୍ରତିନିଧିମାନେ ଏସ୍‌ପିଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତତ୍ ସହିତ ବିଭିନ୍ନ ସ୍ଥାନରେ ଟ୍ରାଫିକ ସମସ୍ୟା, ରାଉରକେଲା ପୋଲିସକୁ ଲୋକଙ୍କ ନିକଟତର କରିବା, ବିଭିନ୍ନ ନିଶା ସାମଗ୍ରୀ ସାର୍ବଜନୀନ ହୋଇଥିଲାବେଳେ ସେଥିରୁ ଯୁବ ସମାଜକୁ ଦୁରେଇ ରଖିବା ପାଇଁ ପଦକ୍ଷେପ ନେବା ସହିତ କଡ଼ା ପଦକ୍ଷେପ ଗ୍ରହଣ କରିବା ଭଳି ଅନେକ ଗୁରୁପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଏହାସହିତ ଏ ଦିଗରେ ନବ ନିଯୁକ୍ତ ଆରକ୍ଷୀ ଅଧୀକ୍ଷକ ପଦକ୍ଷେପ ନେବେ ବୋଲି ଓକିଲ ସଂଘ ଆଶାବାଦୀ ବୋଲି ପ୍ରକାଶ କରିଥିଲେ। ଏହି ପ୍ରତିନିଧି ଦଳରେ ରାଉରକେଲା ଓକିଲ ସଂଘର ସଭାପତି ସଦାନନ୍ଦ ସାହୁ, ଉପ ସଭାପତି ରାଜକିଶୋର ପ୍ରଧାନ, ସମ୍ପାଦକ ଦେବାନନ୍ଦ ତନ୍ତୀ, ଯୁଗ୍ମ ସମ୍ପାଦକ ଅନୁସୁର ହରି ଦୋରା, କାର୍ଯ୍ୟକାରୀ କମିଟି ସଦସ୍ୟ ସୁଶାନ୍ତ କୁମାର ନାୟକ, ଅନନ୍ତ ନାରାୟଣ ସାହୁ, ସନ୍ତୋଷ ତ୍ରିପାଠୀ, ଧିରେନ୍ଦ୍ର ପ୍ରସାଦ ଦାସ, ଉଦୟ ଲାକ୍ରା ପ୍ରମୁଖ ସାମିଲ ହୋଇଥିଲେ।



ଓକିଲମାନେ ଏସ୍‌ପିଙ୍କୁ ଭେଟି ଆଲୋଚନା କରୁଛନ୍ତି।

# ସିପିସି ନାଇଟ୍ ପାଳିତ

ରାଉରକେଲା,୯।୧୦(ସଙ୍ଗୀତା ଜେନା)

କେନ୍ଦ୍ରୀୟ ପୂଜା କମିଟି(ସିପିସି) ପକ୍ଷରୁ ମଙ୍ଗଳବାର ସନ୍ଧ୍ୟାରେ ସିଭିକ ସେଣ୍ଟରଠାରେ ୨୦୨୩-୨୪ ବର୍ଷ ପାଇଁ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ପୂର୍ବବର୍ଷ ଦୁର୍ଗାପୂଜା, କାଳୀପୂଜା, ଲକ୍ଷ୍ମୀ ପୂଜା ଆଦିର ମୂର୍ତ୍ତିଗୁଡ଼ିକୁ ମୂଲ୍ୟାୟନ ନେଇ ଫଳାଫଳ ଘୋଷଣା ଶେଷ ହୋଇଥିଲା। ତେବେ ମଙ୍ଗଳବାର ସିପିସି ନାଇଟ୍ ଓ ପୁରସ୍କାର ବିତରଣ କରାଯାଇଥିଲା। ଏଥିରେ ସିପିସି ସାଧାରଣ ସମ୍ପାଦକ ବିରାଜମୋହନ ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ରାଉରକେଲା ବିଧାୟକ ତଥା ପୂର୍ବତନ ଶ୍ରମମନ୍ତ୍ରୀ ସାରଦା ନାୟକ, ରଘୁନାଥପାଲୀ ବିଧାୟକ ଦୁର୍ଗାଚରଣ ତନ୍ତୀ, ଶିଳ୍ପପତି ଡି.ଆର. ପଟ୍ଟନାୟକ ପ୍ରମୁଖ ମଞ୍ଚସୀନ ଥିଲେ। ଉପସଭାପତି ନାରାୟଣ ମହାନ୍ତି, ପ୍ରିୟବ୍ରତ ଭଞ୍ଜ, ରାଜେଶ ମହାନ୍ତି, କୋଷାଧ୍ୟକ୍ଷ ଆଲୋକ ମହାପାତ୍ର, ନିଶିକାନ୍ତ ସାମନ୍ତରାୟ, ଶୁଭମ୍ ନାୟକ, କାର୍ତ୍ତିକ ଖଣ୍ଡୁଆଳ ସମେତ ଅନ୍ୟମାନେ ପରିଚାଳନା କରିଥିଲେ। ଅନୀଲ ମଲ୍ଲିକ ସଂଯୋଜନା କରିଥିଲେ। ଏହି ଅବସରରେ ରାଉରକେଲା ଶିଳ୍ପାଞ୍ଚଳ, ସିଭିଏଟାଉନଶିପ୍, ଫର୍ଟିଲାଇଜର ଟାଉନଶିପ୍ ଆଦିର ୧୦୬ ପୂଜା କମିଟିର ସଭାପତି ଓ ସାଧାରଣ ସମ୍ପାଦକ ଉପସ୍ଥିତ ଥିଲେ। ପରେ ବିଜେତା କମିଟିମାନଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ସଙ୍ଗୀତଭିତ୍ତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।



ପୂର୍ବବର୍ଷର ବିଜେତାମାନଙ୍କୁ ପୁରସ୍କୃତ କରାଯାଉଛି।

# ନିର୍ମାଣ ହେଉନି ଗୋଷ୍ଠୀ ଶୌଚାଳୟ: ଲୋକେ ହଇରାଣ

ରାଉରକେଲା, ୯।୧୦(ବିପ୍ଲବରଞ୍ଜନ ଦାଶ)

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ୱାର୍ଡ ନଂ. ୧ରେ ରହିଛି ବାଙ୍କିଆ ବସ୍ତି। ଏହା ପ୍ରାୟ ୫ଶହ ଜନସଂଖ୍ୟା ବିଶିଷ୍ଟ। ବସ୍ତିରେ ପ୍ରାୟତଃ ଅଧିକାଂଶ ଆଦିବାସୀ ସମ୍ପ୍ରଦାୟ ଲୋକ ରୁହନ୍ତି। ବିଗତ ୧୦ବର୍ଷ ମଧ୍ୟରେ ଏହି ବସ୍ତିରେ ଅନେକ ଉନ୍ନୟନମୂଳକ କାମ ହୋଇଛି। ଏଥିସହ ବସ୍ତିର ଲୋକମାନଙ୍କର ସ୍ୱାସ୍ଥ୍ୟଗତ ସୁବିଧା ପ୍ରଦାନ ପାଇଁ ୧୩ଲକ୍ଷ ବ୍ୟୟବରାଦରେ ଏକ ଉନ୍ନତ ମାନର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ମଧ ନିର୍ମାଣ ହୋଇଛି। ମାତ୍ର ପରିତାପର ବିଷୟ ଏତେସବୁ ଉନ୍ନୟନମୂଳକ କାର୍ଯ୍ୟପରେ ମଧ ବସ୍ତି ଲୋକଙ୍କ ପାଇଁ ଏଯାଏଁ ଗୋଷ୍ଠୀ ଶୌଚାଳୟ ବ୍ୟବସ୍ଥା ନ ହେବା ବିଷୟ ବଡ ସମସ୍ୟା ସାଜିଛି। ଏନେଇ ବସ୍ତିବାସୀ ବାରମ୍ବାର ଆରଏମସି କର୍ତ୍ତୃପକ୍ଷଙ୍କୁ ଅବଗତ କରାଇ ଆସୁଥିଲେ ସୁଦ୍ଧା ବସ୍ତିବାସୀଙ୍କୁ କେବଳ ମିଳୁଛି ପ୍ରତିବୋଧ। ଯାଫଳରେ ବସ୍ତି ସ୍ଥାପନ ହେବା ଦିନଠାରୁ ସ୍ଥାନୀୟ ବସ୍ତିର ଲୋକେ ଖୋଲାରେ ମଳମୂତ୍ର ତ୍ୟାଗ କରୁଛନ୍ତି। କିଛି ଶିକ୍ଷିତ ଲୋକ ବାଧହୋଇ ବସ୍ତିରୁ ବହୁ ଦୂରବର୍ତ୍ତୀ ପାଖାପାଖି ୩କିମି ଦୂର ରେଳପଥ ଗୋଷ୍ଠୀ ଶୌଚାଳୟକୁ ଯାଇ ସ୍ନାନଶୌଚାଦି ତୁଲାଉଛନ୍ତି। ଆଜକୁ ପ୍ରାୟ ପାଖାପାଖି ୩ବର୍ଷ ତଳେ ବାଙ୍କିଆ ବସ୍ତିରେ ଏକ ଉନ୍ନତମାନର ଗୋଷ୍ଠୀ ଶୌଚାଳୟ ନିର୍ମାଣ ପାଇଁ ଆରଏମସି ତରଫରୁ ଜମି ଚିହ୍ନଟିକରଣ ହେଇଥିଲା। ଯାହା ବାଙ୍କିଆ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର ନିକଟବର୍ତ୍ତୀ କ୍ଲବ ଘର ସଂଲଗ୍ନିତ ରହିଥିବା ଏକ ସରକାରୀ ଜମି ରହିଥିଲା। ଜମି ଚିହ୍ନଟ ହେବା ପରେ ସାର୍ବଜନୀନ ଗୋଷ୍ଠୀ ଶୌଚାଳୟ ନିର୍ମାଣ ହେବା ଚୁଡାନ୍ତ ମଧ ହେଲା। ଏହାପରେ ଗୋଷ୍ଠୀ ଶୌଚାଳୟ ତିଆରି ନିମନ୍ତେ ଆରଏମସି ପକ୍ଷରୁ ଉକ୍ତ ସରକାରୀ ଜମିରେ ନିହ ଖନନ ମଧ ଆରମ୍ଭ ହେଲା । ମାତ୍ର ନିର୍ମାଣ କାର୍ଯ୍ୟରେ କିଛିଟା ତ୍ରୁଟି ରହିବାରୁ ନିର୍ମାଣ କାର୍ଯ୍ୟକୁ ଅଟକ ରଖାଯାଇ ବନ୍ଦ କରି ଦିଆଗଲା। ମାତ୍ର ଏହାପରେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନିର୍ମାଣ ନେଇ ଆରଏମସି ପକ୍ଷରୁ କୌଣସି ପ୍ରକାର ପଦକ୍ଷେପ ନିଆଗଲା ନାହିଁ। ଫଳରେ ବର୍ଷ ବର୍ଷ ଧରି ବାଙ୍କିଆ ବସ୍ତିର ମୂଳ ସମସ୍ୟାର ସମାଧାନ ହେଉ ନ ଥିବା ବେଳେ ଲୋକମାନେ ଏଥିଯୋଗୁଁ ବିବିଧ ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଏଥିସହ ଆରଏମସିର ସ୍ମାର୍ଟ ପ୍ଲାନ ଅନ୍ତର୍ଗତ ବାଙ୍କିଆ ବସ୍ତିର ସମସ୍ତ ଗଳି କନ୍ଦିରେ ଆଲୋକୀକରଣ ବ୍ୟବସ୍ଥା ହୋଇଛି। ଏଥିପାଇଁ ପ୍ରାୟ ୨୭ଟି ଲାଇଟ ଲଗାଯାଇଛି। ମାତ୍ର ବାଙ୍କିଆ ବସ୍ତି ଗଳି କନ୍ଦିମାନଙ୍କରେ ସ୍ଥାପିତ ୨୭ଟା ଲାଇଟରୁ ମାତ୍ର ୭ଟି ଲାଇଟ୍ ଜଳୁଛି। ଫଳରେ ରାତି ହେଲେ ବସ୍ତିର ଗଳି କନ୍ଦି ଗୁଡିକ ଅନ୍ଧାରମୟ ରହୁଛି। ଏଣୁକରି ବସ୍ତିର ଏହି ସମସ୍ୟା ଦ୍ୱୟ ଉପରେ ଆରଏମସି ତରଫରୁ ତୁରନ୍ତ ବିହିତ ପଦକ୍ଷେପ ଗ୍ରହଣ କରାଯାଉ ବୋଲି ବାଙ୍କିଆ ବସ୍ତିର ସତ୍ୟ ନାରାୟଣ ପ୍ରଧାନ,ସରସ୍ୱତୀ ମାଝୀ, ଜୟନ୍ତୀ ପ୍ରଧାନ, କେତକୀ ପ୍ରଧାନ,ବାଦଖ ଖାଖା, ଆରୁ ଜିତେଶ ତିର୍କୀ ପ୍ରମୁଖ ଦାବୀ କରିଛନ୍ତି। ଏନେଇ ଆରଏମସି ଆୟୁକ୍ତ ଆଶୁତୋଷ କୁଲକର୍ଣ୍ଣୀଙ୍କୁ ପଚରାବାରରୁ ସେ କହିଲେ, ବାଙ୍କିଆ ବସ୍ତି ଲୋକମାନଙ୍କ ସମସ୍ୟା ବିଷୟରେ ଆମେ ଅବଗତ ଅଛୁ। ଆଗକୁ ବସ୍ତି ସମସ୍ୟା ସମାଧାନ ଦିଗରେ ବିହିତ ପଦକ୍ଷେପ ଗ୍ରହଣ କରାଯିବ ବୋଲି କହିଥିଲେ।




ବାଙ୍କିଆ ବସ୍ତିବାସୀ।

# କନ୍ୟାଭ୍ରୂଣ ହତ୍ୟା, ଲିଙ୍ଗଗତ ବୈଷମ୍ୟ ଦୂରୀକରଣ ଉପରେ ଗୁରୁତ୍ୱ

ଦେବଗଡ଼,୯।୧୦(ଶଶାଙ୍କ ଶେଖର ଝାଙ୍କର)



କାର୍ଯ୍ୟକ୍ରମରେ ଜଣେ ଛାତ୍ରୀଙ୍କୁ ପୁରସ୍କୃତ କରାଯାଉଛି।

ଦେବଗଡ ଜିଲା ପ୍ରଶାସନ ପକ୍ଷରୁ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ବୁଧବାର ବିଭିନ୍ନ ଶିକ୍ଷାନୁଷ୍ଠାନର ଛାତ୍ରୀମାନଙ୍କୁ ନେଇ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳନ ହୋଇଯାଇଛି। ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ ଯୋଗଦେଇ ଶିଶୁ କନ୍ୟାମାନଙ୍କ ଅଧିକାର ଓ ପ୍ରଶାସନିକ ବ୍ୟବସ୍ଥା ବିଷୟରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଆରକ୍ଷୀ ଅଧୀକ୍ଷକ ଅନୀଲ ମିଶ୍ର ଝିଅ ପିଲାମାନଙ୍କ ସୁରକ୍ଷା ପାଇଁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଆଇନ ଓ ଅଧିନିୟମ ଯଥା କିଶୋର ନ୍ୟାୟ ଅଧିନିୟମ, ପୋକ୍‌ସୋ, ବାଲ୍ୟବିବାହ ଇତ୍ୟାଦି ସମ୍ପର୍କରେ ଛାତ୍ରୀମାନଙ୍କୁ ନିଜ ଅଭିଭାଷଣ ମାଧ୍ୟମରେ ସଚେତନ କରିଥିଲେ। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଅତିଥି ଭାବେ ଯୋଗଦେଇ ଶିଶୁ ମଙ୍ଗଳ ସମିତି ଅଧ୍ୟକ୍ଷା ପିଙ୍କିରାଣୀ ନନ୍ଦ, କିଶୋର ନ୍ୟାୟ ବୋର୍ଡ ସଦସ୍ୟା ଗାୟତ୍ରୀ ଦିବେଦୀ, ପୌର ପରିଷଦ ଅଧ୍ୟକ୍ଷା ଶାନ୍ତି ମଞ୍ଜରୀ ଦେଇ, ସାମାଜିକ କର୍ମୀ ତଥା ଜିତା ଅନୁଷ୍ଠାନର ନିର୍ଦ୍ଦେଶିକା ଅନୁପମା ରାଉତ, ଆକ୍ସନଆଡର ଜିଲା ସଂଯୋଜକ ବିରେନ୍ଦ୍ର ମହାପାତ୍ର, ଜିଲା ସମାଜ ମଙ୍ଗଳ ଅଧିକାରିଣୀ ସୁରତି ପ୍ରଧାନ ପ୍ରମୁଖ କନ୍ୟାଭ୍ରୂଣ ହତ୍ୟା ଓ ଲିଙ୍ଗଗତ ବୈଷମ୍ୟ ଦୂରୀକରଣ, ଶିଶୁ କନ୍ୟାମାନଙ୍କ ଶିକ୍ଷାକୁ ନିଶ୍ଚିତ କରାଇବା ପାଇଁ ସରକାରଙ୍କ ବିଭିନ୍ନ ଯୋଜନା ଓ ଆଇନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଜିଲାର ମାଟ୍ରିକ ଟପ୍ପର ସାଇ ପ୍ରଜ୍ଞା ନାୟକ, ସମ୍ବଲପୁର ବିଶ୍ୱବିଦ୍ୟାଳୟର ବାଣିଜ୍ୟ ବିଭାଗର ଟପ୍ପର ଶୀତଲ ଅଗ୍ରୱାଲ, ଜାତୀୟସ୍ତରରେ ଅଣ୍ଡର ୧୭ ଫୁଟବଲ ଖେଳିଥିବା ଶିଶୁ ଗୃହର ପ୍ରିୟା ମାଝି, ଅଥେଲେଟିକରେ ରାଜ୍ୟ ଓ ଜାତୀୟସ୍ତରରେ ସଫଳତା ପାଇଥିବା ନିଶା ବାରିକ ଓ ସଙ୍ଗୀତ କ୍ଷେତ୍ରରେ

## ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳନ

ଶ୍ରେଷ୍ଠତା ପ୍ରତିପାଦନ କରିଥିବା ଅରୁନ୍ଧତୀ ଦାସଙ୍କୁ ୨୦୨୪ର ବେଟି ବଚାଓ ବେଟି ପଢାଓ ଚାମ୍ପିୟନ ସମ୍ମାନରେ ସମ୍ବର୍ଦ୍ଧିତ କରି ମାନପତ୍ର ପ୍ରଦାନ କରଯାଇଥିଲା। ସୁରକ୍ଷା ଅଧିକାରୀ ଚିନ୍ମୟ ସ୍ୱାଇଁ, କ୍ରାନ୍ତିମଞ୍ଜରୀ ଧାଉନଳିଆ, ଚାଇଲ୍ଡ ଲାଇନ ସଂଯୋଜକ ଲିଙ୍ଗରାଜ ପ୍ରଧାନ, ତପସିନୀ ମହାକୁଳ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏତଦ ବ୍ୟତୀତ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ଅଧକ୍ଷତା ଓ ସିଡିପିଓ ଲିଲୀ ପ୍ରଧାନ, ସୁପ୍ରଭା ମିଶ୍ର, ବନ୍ଦିତା ରାଉତରାୟଙ୍କ ପରିଚାଳନାରେ ପ୍ରତ୍ୟେକ ବ୍ଲକରେ ଓ ଅଙ୍ଗନୱାଡି କର୍ମୀମାନଙ୍କ ପରିଚାଳନାରେ ୮୦୦ ଅଙ୍ଗନୱାଡି କେନ୍ଦ୍ରରେ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳନ ହୋଇଯାଇଛି। ଜିଲା ଶିଶୁ ସୁରକ୍ଷା ଅଧିକାରୀ ରୋମିଓ ମହାପାତ୍ରଙ୍କ ସଂଯୋଜନା କରିଥିଲେ।

# ବିଜେଡିର ଜନସମ୍ପର୍କ ପଦଯାତ୍ରା କାର୍ଯ୍ୟକ୍ରମ



ବିଜେଡିର ପଦଯାତ୍ରା ଓ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମ।

ଦେବଗଡ଼,୯।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ସଦର ମହକୁମାରେ ଜିଲା ବିଜୁ ଜନତା ଦଳର ଜନ ସମ୍ପର୍କ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପଦଯାତ୍ରା ସ୍ଥାନୀୟ ଜଗନ୍ନାଥ ମନ୍ଦିରରୁ ବାହାରି ସହର ପରିକ୍ରମା କରି ଦେଗଡ଼ଡ଼ କଲେଜସ୍ଥିତ ବିଜୁ ପଟ୍ଟନାୟକ ଓଡିଟୋରିୟମରେ ପହଞ୍ଚିଥିଲା। ସେଠାରେ ବିଜେଡିର ସଭ୍ୟ ସଂଗ୍ରହ ଶୁଭାରମ୍ଭ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଆଭାସି ଜରିଆରେ ବିଜେଡି ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଥିଲେ। ପରେ ଅନୁଷ୍ଠିତ ସଭାରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ ଯୋଗଦେଇ ବିଜେଡି ସରକାର ସମୟରେ ହୋଇଥିବା ବିକାଶ କାର୍ଯ୍ୟ ଏବଂ ବର୍ତ୍ତମାନ ଜନବିରୋଧୀ ସରକାରଙ୍କ କାର୍ଯ୍ୟ ଉପରେ ଆଲୋକପାତ କରିଥିଲେ। ଏଥିସହିତ ଅଧିକରୁ ଅଧିକ ଯେପରି ଦଳର ସଦସ୍ୟତା ଗ୍ରହଣ ନେଇ ଉପସ୍ଥିତ ନେତା ଓ କର୍ମୀଙ୍କୁ ଆହ୍ୱାନ ଦେଇଥିଲେ। ପଦଯାତ୍ରା ଓ ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମରେ ଜିଲା ପରିଷଦ ଅଧ୍ୟକ୍ଷ କୌଶିକ ପ୍ରଧାନ, ଉପାଧ୍ୟକ୍ଷା ବର୍ଷାରାଣୀ ମୁଣ୍ଡା, ବାରକୋଟ ବ୍ଲକ ଅଧ୍ୟକ୍ଷା ପୁଷ୍ପାଞ୍ଜଳି ପାତ୍ର, ରିଆମାଳ ବ୍ଲକ ଅଧ୍ୟକ୍ଷ ମଧୁସୂଦନ ପ୍ରଧାନ, ଜିଲା ପରିଷଦ ସଦସ୍ୟ ପୁଷ୍ପାଞ୍ଜଳି ସାମଲ, ବାସନ୍ତୀ ବେହେରା, ସମରେନ୍ଦ୍ର ଜିତ, ରାଜେଶ ମହାନାୟକ, ମହିଳା ସଭାନେତ୍ରୀ ଆରୁଣୀ ପ୍ରଧାନ, ଜିଲା ଯୁବ ସଭାପତି ପ୍ରତାପ ଦେ, ଛାତ୍ର ସଭାପତି ଭବାନୀ ସାହୁ, ନାରୀ ନେତ୍ରୀ ଅର୍ଚ୍ଚନା ପ୍ରଧାନ, ପାର୍ବତୀ ସାହୁ, ସୁଜାତା ପ୍ରଧାନ, ଝରଣା ପ୍ରଧାନ, ହୀରାଲାଲ ସାହୁ, ବାବୁଲାଲ ପୃସେଠଙ୍କ ସମେତ ବହୁ ନେତା ଓ କର୍ମୀ ଯୋଗଦେଇଥିଲେ।

# କଣ୍ଢେଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଇଣ୍ଡକ୍ସନ ତାଲିମ ଶିବିର

ଦେବଗଡ଼,୯।୧୦(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ବାରକୋଟ ବ୍ଲକ କଣ୍ଢେଲସ୍ଥିତ କଣ୍ଢେଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସର ଇଣ୍ଡକ୍ସନ ତାଲିମ ଶିବିର ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ଅନୁଷ୍ଠାନର ଅଧ୍ୟକ୍ଷ ସଞ୍ଜୟ କୁମାର ଭୋଇଙ୍କ ଅଧ୍ୟକ୍ଷତାରେ ଆୟୋଜିତ ତାଲିମ ଶିବିରରେ ଯୁବ ରେଡକ୍ରସର ଦେବଗଡ଼ ଜିଲା ସଂଯୋଜକ ମନୋଜ କୁମାର ପ୍ରଧାନ ଯୋଗଦେଇ ରେଡକ୍ରସର ପୃଷ୍ଠଭୂମୀ, ସ୍ୱାସ୍ଥ୍ୟ ଓ ଜୀବନ ସୁରକ୍ଷା ଉପରେ ବକ୍ତବ୍ୟ ରଖିଥିଲେ। କଣ୍ଢେଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ କ୍ରୀଡ଼ା ଶିକ୍ଷକ ଧବଳେଶ୍ୱର ପଣ୍ଡା ପ୍ରାରମ୍ଭିକ ସୂଚନା ସହିତ କାର୍ଯ୍ୟକ୍ରମ ଆୟୋଜନର ଉଦ୍ଦେଶ୍ୟ ଉପରେ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ରେଡକ୍ରସର ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ଉପସ୍ଥିତ ଛାତ୍ରୀଛାତ୍ର (ସ୍ୱେଚ୍ଛାସେବୀ)ମାନଙ୍କୁ ତାଲିମ ପ୍ରଦାନ କରାଯିବା ସହ ସପଥପାଠ କରାଯାଇଥିଲା। ଶେଷରେ ଅନୁଷ୍ଠାନର ଯୁବ ରେଡକ୍ରସ କାଉନସେଲର ହେମାଙ୍ଗିନୀ ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ।



କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।



ବୈଠକରେ ଉପସ୍ଥିତ ଅଧିକାରୀମାନେ ଆଲୋଚନା କରୁଛନ୍ତି।

# ମଣିଷ-ହାତୀ ବିବାଦ କମାଇବା ସହ ସଂରକ୍ଷଣ ପାଇଁ କୋର୍ କମିଟି ବୈଠକ

ଦେବଗଡ଼,୯।୧୦(ଶଶାଙ୍କ ଶେଖର ଝାଙ୍କର)

ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଦେବଗଡ ବନଖଣ୍ଡ ଆନୁକୂଲ୍ୟରେ ମଣିଷ ଓ ହାତୀ ବିବାଦ କମାଇବା ଏବଂ ସଂରକ୍ଷଣ ସଂକ୍ରାନ୍ତରେ କୋର କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଦେବଗଡ ବନଖଣ୍ଡ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ବୈଠକରେ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ବନଖଣ୍ଡ ଅଧିକାରୀ ମଗର ଧାନାଜି ରାଓସୋଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ବିଧାୟକ ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ଜିଲା ପରିଷଦ ଅଧ୍ୟକ୍ଷ କୌଶିକ କୁମାର ପ୍ରଧାନ, ଏମ୍‌ପି ପ୍ରତିନିଧି ବୀରେନ କୁମାର ପ୍ରଧାନ ପ୍ରମୁଖ ମଞ୍ଚାସୀନ ରହି କାର୍ଯ୍ୟକ୍ରମ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। ଦେବଗଡ ବନଖଣ୍ଡରେ ସାମ୍ପ୍ରତିକ ସମୟରେ ହାତୀ ଉପସ୍ଥିତିର କାରଣ, ବନ୍ୟଜନ୍ତୁ ଦ୍ୱାରା କ୍ଷୟକ୍ଷତି ହେଲେ କ୍ଷତିଗ୍ରସ୍ତଙ୍କୁ ମିଳୁଥିବା କ୍ଷତିପୂରଣ ତଥା ଅନୁକମ୍ପାମୂଳକ ଅନୁଦାନ ସମେତ ବନ୍ୟଜନ୍ତୁ ଓ ମଣିଷ ସଂଘର୍ଷର ବିଭିନ୍ନ ଦିଗ ଉପରେ ଆଲୋଚନା କରାଯାଇଥିଲା। ତେବେ ହାତୀ ଉପଦ୍ରବ ଯୋଗୁ ବିଭିନ୍ନ ସମୟରେ ହାତୀ ଏବଂ ମଣିଷ ଭିତରେ ଦେଖାଦେଉଥିବା ବିବାଦକୁ କ'ଣ କଲେ ରୋକାଯାଇପାରିବ ସେ ଉପରେ ଆଲୋଚନା ହୋଇଥିଲା। ଏସିଏଫ୍ ସ୍ୱାଧୀନତା ସାହାଣୀ କାର୍ଯ୍ୟକ୍ରମ ପରିଚାଳନା କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକରେ ଜିଲା ପରିଷଦ ସଭ୍ୟ, ସରପଞ୍ଚ, ସମିତିସଭ୍ୟଙ୍କ ସମେତ ବନବିଭାଗ କର୍ମଚାରୀ ପ୍ରମୁଖ ସାମିଲ ହୋଇଥିଲେ।

# ଯୁବ ସମାଜ ପାଇଁ ତମାଖୁ ନିୟନ୍ତ୍ରଣ ପ୍ରସ୍ତୁତି ବୈଠକ

ଦେବଗଡ଼,୯।୧୦(ଶଶାଙ୍କ ଶେଖର ଝାଙ୍କର)

ଜିଲାପାଳଙ୍କ ବିକାଶ ଭବନ ସମ୍ମିଳନୀ କକ୍ଷରେ ଜିଲା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଜିଲାପାଳ କବୀନ୍ଦ୍ର କୁମାର ସାହୁଙ୍କ ଅଧ୍ୟକ୍ଷତାରେ ଯୁବ ସମାଜ ପାଇଁ ତମାଖୁ ନିୟନ୍ତ୍ରଣ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ସାହୁ ତମାଖୁ ନିୟନ୍ତ୍ରଣ କରିବା ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଜିଲାରେ କୌଣସି ବିଦ୍ୟାଳୟ ଓ ମହାବିଦ୍ୟାଳୟ ପାଖରେ ଯେଭଳି ତମାଖୁ ବିକ୍ରି ନ ହୁଏ ସେଥି ପ୍ରତି ଧ୍ୟାନ ଦେବାକୁ ବିଭିନ୍ନ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ବୈଠକରେ ଆରକ୍ଷୀ ଅଧୀକ୍ଷକ ଅନୀଲ କୁମାର ମିଶ୍ର, ଅତିରିକ୍ତ ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ଧନଞ୍ଜୟ ମହନ୍ତ, ଡ଼ ପି.କେ. ଓଝା, ଡ଼ ପ୍ରଭାତ ଓଝା, ଜିଲା ଅତିରିକ୍ତ ଶିକ୍ଷା ଅଧିକାରୀ ଶକୁନ୍ତଳା ଟେଟେ, ଏକ୍ସସାଇଜ ଇନ୍ସପେକ୍ଟର ମଧୁସୂଦନ ସାହୁ, ଜିଲା ନେହେରୁ ଯୁବ କେନ୍ଦ୍ରର ଜିଲା ସଂଯୋଜକ ପ୍ରଦୀପ ବିଶ୍ୱାଳ, ଜିଲା ମଙ୍ଗଳ ଅଧିକାରୀ ବିଭୁ ରଞ୍ଜନ ମହାନ୍ତି, ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ମନୋରଞ୍ଜନ ସୁତାର, ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଓ ଚିକିତ୍ସା ବିଭାଗର କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।


ବୈଠକରେ ଉପସ୍ଥିତ ଅଧିକାରୀବୃନ୍ଦ।

# ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ଷୋହଳ ପୂଜା

ସମ୍ବଲପୁର,୯।୧୦ (ଭବାନୀ ଶଙ୍କର ଭୋଇ)



ସମ୍ବଲପୁର ଦାନୀପାଲି ସ୍ଥିତ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ମା'ଙ୍କ ଷୋହଳ ପୂଜା ଅନୁଷ୍ଠିତ ହେଉଛି। ବୁଧବାର ମା'ଙ୍କ ମନ୍ଦିରରେ ବନଦୁର୍ଗାଙ୍କୁ ପୂଜା କରାଯାଇଥିଲା । ଗୁରୁବାର ମହାଷ୍ଟମୀ ଦିନ ଷୋହଳ ପୂଜାର ଶେଷ ଦିନରେ ମା' ରାମଚଣ୍ଡୀ ସ୍ୱତନ୍ତ୍ର ରୂପରେ ଭକ୍ତଙ୍କୁ ଦର୍ଶନ ଦେବେ। ମହାନବମୀ ପୂଜା ଏବଂ ଦଶମୀ ପୂଜା ପରେ ଚତୁର୍ଦ୍ଦଶୀ ଦିନ ରାମଚଣ୍ଡୀଙ୍କ ବିଶେଷ ପୂଜା କରାଯିବ ବୋଲି ମନ୍ଦିର କମିଟି ପକ୍ଷରୁ ସୂଚନା ଦିଆଯାଇଛି । ନବରାତ୍ର ଆରମ୍ଭରୁ ନଅ ଦିନ ରଣେଶ୍ୱର ରାମଚଣ୍ଡୀ ମନ୍ଦିରରେ ନବ ଦୁର୍ଗାଙ୍କର ନବ ଦିନାତ୍ମକ ପୂଜା କରାଯିବା ସହ ଭକ୍ତ ମାନଙ୍କର ମାନସିକ ଦୀପ ପ୍ରଜ୍ୱଳନ କରାଯାଉଛି। ପ୍ରତି ଦିନ ସନ୍ଧ୍ୟାରେ ଆରତୀ ସମୟରେ ଭକ୍ତଙ୍କର ଜନସାମାଗମ ହେଉଛି। ମୂଳାଷ୍ଟମୀରୁ ମହାଷ୍ଟମୀ ପର୍ଯ୍ୟନ୍ତ ଷୋହଳ ପୂଜା ଅବସରରେ ପୂଜକ ଦେବୀପ୍ରସାଦ ଭୋଇ, ବାସୁଦେବ ଭୋଇ ଏବଂ ସୁଦାମ ପ୍ରଧାନ ମାଆଙ୍କ ଶୃଙ୍ଗାର ବେଶ ଆୟୋଜନ କରୁଛନ୍ତି । ସନ୍ଧ୍ୟା ଆରତୀ କାର୍ଯ୍ୟରେ ମୁରଲୀ ପ୍ରଧାନ ଆନନ୍ଦ ପ୍ରାଧନ ସହଯୋଗ କରୁଛନ୍ତି ।

# ଭୁବନେଶ୍ୱରୀଙ୍କ ପ୍ରାଣପ୍ରତିଷ୍ଠା, ମହାସପ୍ତମୀ ପୂଜା

ସମ୍ବଲପୁର,୯।୧୦(ବି.ଶଙ୍କର)



ସମ୍ବଲପୁର ସହରର ଗୋବିନ୍ଦତୋଲା ଦୁର୍ଗାପୂଜା ମଣ୍ଡପରେ ବୁଧବାର ମା' ଭୁବନେଶ୍ୱରୀଙ୍କର ପ୍ରାଣ ପ୍ରତିଷ୍ଠା ସହ ସପ୍ତମୀ ପୂଜା ସମ୍ପନ୍ନ । ବୁଧବାର ସକାଳେ ପଣ୍ଡିତ ଜଗଦୀଶ ଦାସଙ୍କ ପୌରାହିତ୍ୟରେ ଭୁବନେଶ୍ୱରୀଙ୍କର ପ୍ରାଣ ପ୍ରତିଷ୍ଠା ହୋଇଥିଲା । ଏଥିସହ ଷଷ୍ଠୀ ଓ ମହାସପ୍ତମୀ ପୂଜାରେ ଇଞ୍ଜିନିୟର ସଞ୍ଜୟ ତ୍ରିପାଠୀ ଓ ଡାକ୍ତର ନମିତା ନାଥ କର୍ତ୍ତା ଦାୟିତ୍ୱ ତୁଲାଇଥିଲେ । ଆୟୋଜିତ ପୂଜା କାର୍ଯ୍ୟରେ କମିଟିର ସଦସ୍ୟ ଓ ବ୍ରାହ୍ମଣମାନେ ଉପସ୍ଥିତ ଥିଲେ । ସାଧକ ଅଶୋକ ପଣ୍ଡିତ ଚଣ୍ଡୀପାଠ କରିଥିଲେ । ଦୁର୍ଗାପୂଜା ମେଢ଼ ଭିତରେ ପଶ୍ଚିମ ଓଡିଶାର ପାରମ୍ପରିକ ଦୃଶ୍ୟ ରହିଛି। ମୁଖ୍ୟତଃ ପଶ୍ଚିମଓଡିଶାର ଗଣପର୍ବ ନୂଆଁଖାଇକୁ ଚିତ୍ର ମାଧ୍ୟମରେ ପରିବେଷଣ କରାଯାଇଛି । ସେହିପରି ସ୍ୱର୍ଣ୍ଣ ମହଲ ସଦୃଶ ମଣ୍ଡପ ସହ ରାସ୍ତାର ଉଭୟ ପାର୍ଶ୍ୱରେ ଏକ କିଲୋମିଟର ବ୍ୟାପି ଆଲୋକ ତୋରଣ ଆକର୍ଷଣର କେନ୍ଦ୍ର ବିନ୍ଦୁ ପାଲଟିଛି । ଗୁରୁବାର ମହାଷ୍ଟମୀ ତିଥିରେ ରୀତିନୀତି ସହ ପଶ୍ଚିମଓଡ଼ିଶା ନିଆରା ପରମ୍ପରା ଭାଇ ଜିଉନ୍ତିଆ ପୂଜା ହେବ । ଏହାକୁ ଦୃଷ୍ଟି ରଖି ପୂଜା କମିଟି ସ୍ୱତନ୍ତ୍ର ବ୍ୟବସ୍ଥା କରିଛନ୍ତି । ଭଉଣୀମାନଙ୍କର ପୂଜାର୍ଚ୍ଚନା ଓ ଦେବୀଙ୍କୁ ଦର୍ଶନ ସକାଷା ସମସ୍ତ ପ୍ରକାର ସୁବିଧା କରାଯାଇଛି ବୋଲି କମିଟିର ମୁଖପାତ୍ର ସୂର୍ଯ୍ୟ ପାଣିଗ୍ରାହୀ ସୂଚିତ କରିଛନ୍ତି ।


ଦେବଗଡ଼ ସହର ମଠସାହିସ୍ଥିତ ମା'କନକ ଦୁର୍ଗା ମନ୍ଦିରରେ ନବରାତ୍ର ପୂଜାରେ ମା'ଙ୍କ କାଳରାତ୍ରି ବେଶ।

# ବିଜେଡିର ସଦସ୍ୟ ଗ୍ରହଣ ଅଭିଯାନ ଆରମ୍ଭ

ସମ୍ବଲପୁର,୯।୧୦(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ବିଜେଡି ପକ୍ଷରୁ ସ୍ଥାନୀୟ ନାରୀସେବା ସଦନଠାରେ ସଦସ୍ୟତା ଗ୍ରହଣ ଅଭିଯାନର ଶୁଭାରମ୍ଭ କରାଯାଇଛି। ଆଭାସି ମାଧ୍ୟମରେ ଦଳର ରାଜ୍ୟ ସଭାପତି ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଏହି ସଦସ୍ୟତା ଅଭିଯାନର ଶୁଭାରମ୍ଭ କରିଥିଲେ। ସମ୍ବଲପୁରଠାରେ ଜିଲା ସଭାପତି ଇଂ.ରୋହିତ ପୂଜାରୀ ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃମଣ୍ଡଳୀ ମାଁ ସମଲେଇ, ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକ ଏବଂ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ଏବଂ ଦୀପ ପଜ୍ୱଳନ କରି ଏହି ସଭାର ଶୁଭାରମ୍ଭ କରିଥିଲେ । ଆଗାମୀ ଦିନରେ ସଦସ୍ୟତା ସଂଗ୍ରହ ମାଧ୍ୟମରେ ଜିଲାରେ ବିଜେଡିକୁ ପୁନର୍ବାର ଏକ ଶକ୍ତିଶାଳୀ ସଂଗଠନ ଭାବରେ ପରିଗଣିତ କରିବା ପାଇଁ ଦଳର ସମସ୍ତ ନେତୃମଣ୍ଡଳୀ ଓ କର୍ମକର୍ତ୍ତା ସଂକଳ୍ପ ନେଇଥିଲେ। ଉକ୍ତ ସଭାରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ, ଜିଲା ପରିଷଦ ସଭ୍ୟାସଭ୍ୟ, ବିଜେଡି ପଦାଧିକାରୀ ଉପସ୍ଥିତ ଥିଲେ। ତୃଣମୂଳସ୍ତରରୁ ଦଳକୁ ଶକ୍ତିଶାଳୀ କରିବା ପାଇଁ ଜିଲା ସଭାପତି ପୂଜାରୀ ଆହ୍ୱାନ ଦେଇଥିଲେ। ଦଳର ସମସ୍ତ କାର୍ଯ୍ୟକର୍ତ୍ତା ବୁଥ ସ୍ତରରେ ଜନସଂପର୍କ ସ୍ଥାପନ କରି ଦଳର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କୁ ପୁନର୍ବାର ମୁଖ୍ୟମନ୍ତ୍ରୀ କରିବା ପାଇଁ ଯତ୍ନବାନ ହେବାକୁ ଦଳର ବରିଷ୍ଠ ନେତା ମାନେ ଆହ୍ୱାନ କରିଥିଲେ। ଏହି ଅବସରରେ ବରିଷ୍ଠ ବିଜେଡି ନେତା ଗୋକୁଳ ମେହେର, ବେଣୁଧର ଦାଶ, ସଞ୍ଜୟ ବାବୁ, ଅଶୋକ ସେନାପତି, ମହମ୍ମଦ ସନାଉଲ୍ଲା, ବସନ୍ତ ମିଶ୍ର, ଧର୍ମରାଜ ମରେଇ, ସୁରୁବାବୁ ମେହେର, ପ୍ରଦୋଷ ମହାନ୍ତି,ସୁବାସ ଜେନା,ରୁଦ୍ର ଷଡ଼ଙ୍ଗୀ,ଅମୁଲ୍ୟ ମିଶ୍ର, ସଞ୍ଜୟ ବର୍ମା, ସୁକେଶ ସିଂ, ସତେନ୍ଦ୍ର ଦାସ, ପ୍ରଫୁଲ୍ଲ ଦାସ, ଭୁବନେଶ୍ୱର କିଶାନ ପ୍ରମୁଖ ଉପସ୍ଥିତ ଥିଲେ ।


ବିଜେଡିର ସଦସ୍ୟ ଗ୍ରହଣ ଅଭିଯାନରେ ସମ୍ବଲପୁର ଜିଲାର ବରିଷ୍ଠ ନେତୃବୃନ୍ଦ।

# ମୁଖ୍ୟ ଡାକଘର ପକ୍ଷରୁ ପୋଷ୍ଟାଥନ ପଦଯାତ୍ରା

ସମ୍ବଲପୁର,୯।୧୦(ବି.ଶଙ୍କର)

ସମ୍ବଲପୁର ମୁଖ୍ୟ ଡାକଘର ଆୟୋଜନରେ ବିଶ୍ୱ ଡାକ ଦିବସ ବୁଧବାର ପାଳିତ ହୋଇଯାଇଛି । ଏହି ଉପଲକ୍ଷେ ବିବିଧ କାର୍ଯ୍ୟକ୍ରମ ହୋଇଥିଲା। ଫିଟପୋଷ୍ଟ, ଫିଟ ଇଣ୍ଡିଆ ବାର୍ତ୍ତାକୁ ଜନସାଧାରଣ ମଧ୍ୟରେ ପ୍ରଚାର କରିବା ଉଦ୍ଦେଶ୍ୟରେ ପୋଷ୍ଟାଥନ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା । ଏହି ପଦଯାତ୍ରା ମୁଖ୍ୟ ଡାକଘରରୁ ଆରମ୍ଭ ହୋଇ ନେଲସନ ମାଣ୍ଡେଲା ଛକରେ ପହଞ୍ଚିଥିଲା ।ଏହାପରେ ପଦଯାତ୍ରା ସମଲେଶ୍ୱରୀ ମନ୍ଦିର ପର୍ଯ୍ୟନ୍ତ ଯାଇଥିଲା। ମୁଖ୍ୟ ଡାକଘର ପୋଷ୍ଟମାଷ୍ଟର ତରଣୀସେନ ଭୁସାଗର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏଥିରେ ମୁଖ୍ୟ ଡାକଘରର ସମସ୍ତ କର୍ମଚାରୀ ଅଂଶଗ୍ରହଣ କରିଥିଲେ। ସେହିପରି ଫିଲାଟେଲି ଶୀର୍ଷକ ବିଭିନ୍ନ କାର୍ଯ୍ୟକ୍ରମ ହୋଇଥିଲା। ଫିଲାଟେଲି ଡିପୋଜିଟ ଆକାଉଣ୍ଟ ଖୋଲିବା, ଆକାଉଣ୍ଟଗୁଡିକୁ ପୁନଃସଜ୍ଜ କରିବା, ସ୍ଥାନୀୟ ଫିଲାଟେଲିଷ୍ଟମାନଙ୍କ ସହ ଆଲୋଚନା କରିବା ଏବଂ ଢାଏ ଅକ୍ଷର ଚିଠି ଲେଖନ ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏପିଏମ ଏସ୍‌ଓଏସବି ପ୍ରଦୀପ କୁମାର ଶତପଥୀ, ସମ୍ବଲପୁରର ଯୁବ ଫିଲାଟେଲିଷ୍ଟ ସ୍ୱୟଂ



ବିଶ୍ୱ ଡାକ ଦିବସ ପାଳନରେ ଆୟୋଜିତ ପୋଷ୍ଟାଥନ ପଦଯାତ୍ରା।

## ଢାଏ ଅକ୍ଷର ଚିଠି ଲେଖନ ପ୍ରତିଯୋଗିତାରେ ଭାଗ ନେଲେ ଛାତ୍ରୀଛାତ୍ର

ସ୍ୱପ୍ନିକ ନାୟକ, ଫିଲାଟେଲି ବ୍ୟୁରୋ ଇନଚାର୍ଜ ଅଭିଷେକ ପୁଜାରୀ ସମ୍ମାନୀତ ଅତିଥିଭାବେ ଯୋଗଦେଇଥିଲେ। କାର୍ଯ୍ୟକ୍ରମରେ ଶ୍ରୀଅରବିନ୍ଦ ବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଅଂଶଗ୍ରହଣ କରିଥିଲେ। ଅପରପକ୍ଷେ ବୁର୍ଲା ଡିଏଭି ପବ୍ଲିକ ସ୍କୁଲରେ ସମ୍ବଲପୁର ପୋଷ୍ଟାଲ ବିଭାଗ ଅଧିକାରୀଙ୍କ ପକ୍ଷରୁ ଢାଏ ଅକ୍ଷର ଚିଠି ଲେଖନ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମର ଡିଏଭି ସ୍କୁଲ ପ୍ରିନ୍ସିପାଲ ରଶ୍ମି ମିଶ୍ରା, ପ୍ରିନ୍ସିପାଲ, ଡିଏଭି ପବ୍ଲିକ ସ୍କୁଲର ଇଂରାଜୀ ଶିକ୍ଷକ ଶ୍ରୀହର୍ଷ ପତି, ଅରୁଣ କୁମାର ଲତା, ସତ୍ୟ ଦାସ ଯୋଗଦେଇ ଛାତ୍ରୀଛାତ୍ରମାନଙ୍କୁ ଉତ୍ସାହିତ କରିଥିଲେ । ଫିଲାଟେଲି ଦିବସ ଉତ୍ସବ ସହିତ ଚଳିତ ଜାତୀୟ ଡାକ ସପ୍ତାହ ପାଳନରେ ଏହି କାର୍ଯ୍ୟକ୍ରମ ଅତ୍ୟନ୍ତ ଗୁରୁତ୍ୱ ରହିଥିଲା ।

